

ଗଜାନନଂ ଭୂତଗଣାଦି ସେବିତମ୍
କପିତ୍ଥ ଜମ୍ବୁଫଳଚାରୁ ଭକ୍ଷଣମ୍,
ଉମାସୁତଂ ଶୋକ ବିନାଶକାରକମ୍
ନମାମି ବିଘ୍ନେଶ୍ୱର ପାଦପଙ୍କଜମ୍॥

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-63 ◆WEDNESDAY ◆27 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୬୩ ◆ବୁଧବାର ◆୨୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ଉପସ୍ଥାପକ

JAY BHARAT FOUNDATION ODISHA



ପ୍ରାୟୋଜକ

BHARAT MASALA

*The Taste of New India*

## ଭାରତ ଯେଉଁଠି, ପ୍ରତିଭା ସେଇଠି

# ୨୬ତମ ଭାରତ ପ୍ରତିଭା ସମ୍ମାନ ଏବଂ
# ୨୬ତମ ଭାରତ ମସଲାର ପ୍ରତିଷ୍ଠା ଦିବସ - ୨୦୨୫



ଉଦ୍‌ଘାଟକ
**ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ**
ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ,
ଓଡିଶା ସରକାର



ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ଶୁଭାଶିଷ ଖୁଣ୍ଟିଆ**
ମାନ୍ୟବର ସାଂସଦ, ରାଜ୍ୟସଭା



ସମ୍ମାନିତ ଅତିଥି
**ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ**
ମାନ୍ୟବର ବାଙ୍କୀ ବିଧାୟକ



ସମ୍ମାନିତ ଅତିଥି
**ଶ୍ରୀମତୀ ସୋଫିଆ ଫିର୍ଦୋଷ**
ମାନ୍ୟବର ବାରବାଟୀ-କଟକ ବିଧାୟିକା



ସମ୍ମାନିତ ଅତିଥି
**ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଆଇ.ଏ.ଏସ୍.)**
ମାନ୍ୟବର ଅତିରିକ୍ତ ମୁଖ୍ୟ ସଚିବ, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର
ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର



ସମ୍ମାନିତ ଅତିଥି
**ପ୍ରଫେସର (ଡା.) ଜୟନ୍ତ କୁମାର ପଣ୍ଡା**
ମାନ୍ୟବର ପ୍ରଫେସର ପି.ଜି. ମେଡିସିନ୍ ବିଭାଗ,
ଏସ୍.ସି.ବି. ମେଡିକାଲ୍ କଲେଜ, କଟକ

## ସମ୍ବର୍ଦ୍ଧିତ ପ୍ରତିଭାବୃନ୍ଦ



ଭାରତ ଗୌରବ ସମ୍ମାନ
**ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି**
(ପୂର୍ବତନ ମୁଖ୍ୟ ଭାରତୀୟ ସେନା ଅଧିକାରୀ)



ସେବା ଭାରତ ସମ୍ମାନ
**ଡ. କେଶବ ଚନ୍ଦ୍ର ଶତପଥୀ**
(ଡି.ଏ.ଭି ସ୍କୁଲ ନିର୍ଦ୍ଦେଶକ, ଓଡିଶା)



କଥା ଭାରତ ସମ୍ମାନ
**ଡ. ଅରବିନ୍ଦ ବେହେରା**
(ଆଇ.ଏ.ଏସ୍.)



ସଂସ୍କୃତି ଭାରତ ସମ୍ମାନ
**ଡ. ଶ୍ୱେତ କୁମାର ଦାଶ**
(ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ଦ୍ଦେଶକ)



କ୍ରୀଡ଼ା ଭାରତ ସମ୍ମାନ
**ଶ୍ରୀ କିଶୋର ଚନ୍ଦ୍ର ଜେନା**
(ଏସିଆନ ରୌପ୍ୟ ବିଜୟୀ)



ବିଦ୍ୟା ଭାରତ ସମ୍ମାନ
**ତପେଶ୍ୱର ବାଗ**
(+୨ ବିଜ୍ଞାନ)



ବିଦ୍ୟା ଭାରତ ସମ୍ମାନ
**ଆର୍ଚ୍ଛି ଚିନ୍ମୟୀ ପ୍ରଧାନ**
(+୨ ବାଣିଜ୍ୟ)



ବିଦ୍ୟା ଭାରତ ସମ୍ମାନ
**ପ୍ରିୟଦର୍ଶିନୀ ଗଡ଼ନାୟକ**
(+୨ କଳା)

**ସ୍ଥାନ: ଭାରତ ମସଲା ପରିସର, ରାମଦାସପୁର, କଟକ । ତାରିଖ: ୨୭.୦୮.୨୦୨୫ (ବୁଧବାର), ସମୟ: ଦିବା ୧୧ ଘଟିକା**

Required Sales Executive. Both Male and Female can apply at: **info@bharatmasala.in**

ସକାଳ THE SAKALA



www.sakalaepaper.com

### ପାର୍ବଣ ପୂର୍ବରୁ ଯୁବ ଓ ଛାତ୍ର ବିଜେଡିର ନବକଳେବର

# ଚିନ୍ମୟ ଯୁବ ଓ ଇପ୍ସିତା ଛାତ୍ର ସଭାପତି




ଭୁବନେଶ୍ୱର,୨୬।୮ (ସମିସ): ନବକଳେବର ହୋଇଛି ବିଜେଡିର ଦୁଇ ଛାମୁଆ ସଙ୍ଗଠନ ଯୁବ ବିଜେଡି ଓ ଛାତ୍ର ବିଜେଡି। ମଙ୍ଗଳବାର ଦଳର ସଭାପତି ନବୀନ ପଟ୍ଟନାୟକ ଉଭୟ ସଙ୍ଗଠନର ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଛାତ୍ର ଓ ଯୁବ ରାଜନୀତିରେ ଅଭିଜ୍ଞ ଚିନ୍ମୟ ସାହୁଙ୍କୁ

**ଯୁବ ସଙ୍ଗଠନରେ ବ୍ୟୋମକେଶ, ରାଜେନ୍ଦ୍ର, ଅମରେଶ, ସଞ୍ଜିତଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ**
**ଛାତ୍ର ସଙ୍ଗଠନରେ ଦେବେଶ, ଦେବୀ, ସୁଭାଶିଷ, ସୌଭିକଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ**

ଯୁବ ବିଜେଡି ସଭାପତି ରୂପେ ନିଯୁକ୍ତି ଦିଆଯାଇଥିବାବେଳେ ପ୍ରଥମଥର ପାଇଁ ଛାତ୍ର ବିଜେଡିର ମଙ୍ଗ ଜଣେ ମହିଳା ଯୁବ ନେତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି ।ଏହା ସହିତ ଦୁଇ ସଙ୍ଗଠନର ସାଙ୍ଗଠନିକ ଶକ୍ତି ବୃଦ୍ଧି ଓ ଦିଶା ନିର୍ଦ୍ଦେଶ ନିମନ୍ତେ ଚାରି ଜଣ ଲେଖାଏଁ ଅନୁଭବୀ ତଥା ବରିଷ୍ଠ ନେତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଯୁବ ବିଜେଡି ସଙ୍ଗଠନକୁ ଦୃଢ଼ କରିବା ନିମନ୍ତେ ପୂର୍ବତନ ଯୁବ ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ, ଯୁବ ନେତା ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଯୁବ ସଭାପତି ଅମରେଶ ପତ୍ରୀ ଏବଂ ସଞ୍ଜିତ ମହାନ୍ତିଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ଛାତ୍ର ବିଜେଡି ସଙ୍ଗଠନରେ ଦେବେଶ ଆଚାର୍ଯ୍ୟଙ୍କ ବରିଷ୍ଠ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ସହ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସାଂସଦ ସୁଭାଶିଷ ଖୁଣ୍ଟିଆ ଓ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ପାର୍ବଣ ପୂର୍ବରୁ ନବୀନ ଉଭୟ ଛାମୁଆ ସଂଗଠନର ନବ କଳେବର କରିଥିବା ବେଳେ ଖୁବଶୀଘ୍ର ଅନ୍ୟ ପଦାଧିକାରୀଙ୍କୁ ମଧ୍ୟ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

### ବାଲେଶ୍ୱରରେ ଚାଞ୍ଚଲ୍ୟ

# ନାବାଳିକାକୁ ୫ ମାସ ଧରି ଗଣଦୁଷ୍କର୍ମ

ଭୋଗରାଇ,୨୬।୮ (ସମିସ): ପ୍ରେମ ଜାଲରେ ଫସାଇ ଜଣେ ନାବାଳିକାକୁ ଅପହରଣ ଏବଂ ତାଙ୍କ ଧର୍ମ ପରିବର୍ତ୍ତନ କରିବା ସହ ୫ ମାସ ଧରି ଗଣଦୁଷ୍କର୍ମ କରିବା ଭଳି ଘଟଣା ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଗଣଦୁଷ୍କର୍ମର ଶିକାର ହୋଇଥିବା ପୀଡ଼ିତାଜଣଙ୍କ ଆଜି ଏ ସଂପର୍କରେ ଭୋଗରାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ଏକ ମାମଲା ରୁଜୁ କରିବା ସହ ପୀଡ଼ିତାଙ୍କ ବୟାନ ଆଧାରରେ ଛାନଭିନ୍ ଆରମ୍ଭ କରିଛି। ଏହାସହ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ପରେ ଆଜି ସଂଧ୍ୟାରେ ତାଙ୍କୁ ବାଲେଶ୍ୱର ନାରୀ ସୁରକ୍ଷା ସମିତି ସୁଧାର ଗୃହକୁ ପଠାଇ ଦେଇଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପୀଡ଼ିତାଜଣଙ୍କ ଜଣେ କବାଡ଼ି ଖେଳାଳି। କିଛି ଦିନ ତଳେ ତାଙ୍କ ସହ ବାଲେଶ୍ୱର ସଦର ଥାନା ଅଞ୍ଚଳର ଫକୀର ଖାଁଙ୍କ ପୁଅ ଅବଦୁଲ ଗଫର୍‌ଙ୍କ ଚିହ୍ନା ପରିଚୟ ହୋଇଥିଲା। ଅବଦୁଲ ତାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ନାବାଳିକାଙ୍କ ପରିବାରଲୋକେ ଝିଅକୁ ଅନ୍ୟତ୍ର ବିବାହ ଦେବା ଲାଗି ସଜବାଜ ହେଉଥିବା ବେଳେ ଗତ ମାର୍ଚ୍ଚ ୧ ତାରିଖରେ ଅବଦୁଲ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇଥିଲା। ଏନେଇ ନାବାଳିକାଙ୍କ ପରିବାରଲୋକ ଭୋଗରାଇ ଥାନାରେ

- **ଥାନାରେ ପୀଡ଼ିତାଙ୍କ ଅଭିଯୋଗ**
- **ପ୍ରେମ ଜାଲରେ ଫସାଇ କରିଥିଲା ଅପହରଣ**
- **ସୁଧାର ଗୃହକୁ ଗଲେ ପୀଡ଼ିତା**

ଅଭିଯୋଗ କରିଥିଲେ। ଭୋଗରାଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ହଠାତ ସମ୍ପୃକ୍ତ ନାବାଳିକା ସହିତ ତାଙ୍କ ମାତାପିତା ଓ ଓକିଲ ଆଜି ଭୋଗରାଇ ଥାନାରେ ପହଞ୍ଚିଥିଲେ। ପୁଲିସ ଓ ଗଣମାଧ୍ୟମ ସମ୍ମୁଖରେ କହିଥିଲେ ଯେ ଅବଦୁଲ ଗତ ୫ମାସ ହେଲା ତାଙ୍କ ଝିଅକୁ ଏକ ଘରେ ନଜରବନ୍ଦୀ କରି ରଖିଥିଲା। ସେଠାରେ ସେ ତା'ର ଧର୍ମ ପରିବର୍ତ୍ତନ କରିବା ସହ ସହଯୋଗୀଙ୍କ ସହ ବାରମ୍ବାର ଗଣଦୁଷ୍କର୍ମ କରିଥିଲା। ପୀଡ଼ିତାଜଣଙ୍କ ମଧ୍ୟ କହିଛନ୍ତି ଯେ ତାଙ୍କ ପଡ଼ୋଶୀ ଯୁବକମାନେ ଅବଦୁଲଙ୍କ ସହ ମିଶି ତାଙ୍କୁ ଘରୁ ଅପହରଣ କରିଥିଲା। ପ୍ରଥମେ ତାଙ୍କୁ ବାରିପଦାରେ ଏକ ଭଡ଼ାଘରେ ରଖି ସାଙ୍ଗସାଥୀଙ୍କ ସହ ମିଶି ଗଣଦୁଷ୍କର୍ମ କରିବା ପରେ ପୁଣି ବୈଶିଙ୍ଗାରେ ୧ ମାସ ରଖିଥିଲା। ପରେ ଅବଦୁଲ ତାଙ୍କୁ ନିଜ ଘରକୁ ନେଇ ଆସିଥିଲା। ଘରେ ସଂପର୍କୀୟଙ୍କ ସହ ମିଶି ଅବଦୁଲ ତାଙ୍କୁ ୫ମାସ ଧରି ଗଣଦୁଷ୍କର୍ମ କରି ଚାଲିଥିଲା। ଏହାସହ ଘରୁ ଗୋଡ଼ କାଢ଼ିଲେ, ଜୀବନରୁ ମାରିଦେବାର ଧମକ ଦେଉଥିଲା। ତେବେ ଘରେ କେହି ନଥିବାର ସୁଯୋଗ ନେଇ ସେ କୌଶଳକ୍ରମେ ସେଠାରୁ ଖସି ଆସିଛନ୍ତି ବୋଲି ନାବାଳିକାଜଣଙ୍କ କହିଛନ୍ତି।

## ଅକ୍ଟୋବର ୧୨ରେ ଓସିଏସ୍ ପ୍ରିଲିମିନାରୀ ପରୀକ୍ଷା

ଭୁବନେଶ୍ୱର, ୨୬।୮ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷା ୨୦୨୪ ପ୍ରିଲିମିନାରୀ ପରୀକ୍ଷା ତାରିଖ ପ୍ରକାଶ ପାଇଛି। ଅକ୍ଟୋବର ୧୨ ତାରିଖରେ ପରୀକ୍ଷା କରିବା ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତଥର ମୋଟ୍ ୨୦୦ ପଦ ପାଇଁ ଆଶାୟୀମାନେ ପରୀକ୍ଷା ଦେବେ। ଏହାସହ ଓସିଏସ୍-୨୦୨୩ର ପ୍ରମାଣପତ୍ର ଯାଞ୍ଚ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପ୍ଟେମ୍ବର ୬ରୁ ୧୮ ମଧ୍ୟରେ ପ୍ରମାଣପତ୍ର ଯାଞ୍ଚ ହେବ। ଏହା ମଧ୍ୟରେ କେବଳ ୧୩ତାରିଖ ଦିନ ବନ୍ଦ ରହିବ। କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟରେ ୨୯୩ ଜଣ ମହିଳାଙ୍କ ସମେତ ମୋଟ୍ ୮୦୬ଜଣ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବ ବୋଲି କୁହାଯାଇଛି।

# '୫-ଟି' ଓ 'ମୋ ସରକାର' ବ୍ୟବସ୍ଥାର କପି ପେଷ୍ଟ 'ଆମ ଶାସନ': ବିଜେଡି

ଭୁବନେଶ୍ୱର,୨୬।୮ (ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଆଜି ଆରମ୍ଭ କରାଯାଇଥିବା 'ଆମ ଶାସନ' ବ୍ୟବସ୍ଥା ପୂର୍ବ ସରକାରଙ୍କ ଦ୍ୱାରା ୨୦୧୯ ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଥିବା '୫-ଟି' ଓ 'ମୋ ସରକାର' ବ୍ୟବସ୍ଥାର କପି ପେଷ୍ଟ। ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରିବା ସମୟରେ ବିଜେପି ଏହି ବ୍ୟବସ୍ଥାକୁ ସମାଲୋଚନା କରି ଆସୁଥିଲା। ତେବେ ସରକାରକୁ ଆସିବାର ୧୪ ମାସ ପରେ ସମାନ ବ୍ୟବସ୍ଥାକୁ କେବଳ ନାମ ପରିବର୍ତ୍ତନ କରି ଲାଗୁ କରିଛି ଏବଂ '୫-ଟି ଓ ମୋ ସରକାର' ବ୍ୟବସ୍ଥାର ଉପାଦେୟତାକୁ ବିଜେପି ସରକାର ସ୍ୱୀକାର କରିଛି ବୋଲି କହିଛି ବିଜେଡି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଅନେକ ଲୋକପ୍ରିୟ ଯୋଜନାକୁ କେବଳ ନାମ ପରିବର୍ତ୍ତନ କରି ଓ ପୂର୍ବ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ସରକାରୀ ଭବନ ଗୁଡିକର ରଙ୍ଗ ପରିବର୍ତ୍ତନ କରିବା ପ୍ରାଥମିକତା ହୋଇଛି। ପୂର୍ବତନ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଗୁଡିକ ଭିତରୁ ୨୪ଟି ଯୋଜନାର ନାମ ପୂର୍ବରୁ ହୋଇସାରିଥିଲା ଓ ଆଜି ଆରମ୍ଭ ହୋଇଥିବା 'ଆମ ଶାସନ' ବ୍ୟବସ୍ଥା ପରେ ଏହି ସଂଖ୍ୟା ୨୫କୁ ଛୁଇଁଲା। ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୯ ମସିହା ଗାନ୍ଧୀ ଜୟନ୍ତୀ ଦିନ ଆରମ୍ଭ ହୋଇଥିବା '୫-ଟି' ମୋ ସରକାର ବ୍ୟବସ୍ଥା ଜାତୀୟସ୍ତରରେ ବହୁ ପ୍ରଶଂସିତ

- **'୫-ଟି ଓ ମୋ ସରକାର' ବ୍ୟବସ୍ଥାର ଉପାଦେୟତାକୁ ବିଜେପି ସ୍ୱୀକାର କରିଛି**
- **ଆମ ଶାସନକୁ ମିଶାଇ ୨୫ ଯୋଜନାର ନାମ ପରିବର୍ତ୍ତନ କରି ଲାଗୁ ହୋଇଛି**

ହୋଇଥିଲା । କେନ୍ଦ୍ର ସରକାରଙ୍କ ସଂସ୍ଥା ନୀତି ଆୟୋଗ ଏହାକୁ ପ୍ରଶଂସା କରିଥିବା ବେଳେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏହାକୁ ପ୍ରଶଂସା କରିବା ସହିତ ଏହି ବ୍ୟବସ୍ଥାକୁ ଅନ୍ୟ ରାଜ୍ୟମାନେ ମଧ୍ୟ ଲାଗୁ କରିବା ଦରକାର ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ସୁଶାସନ ଇଣ୍ଡେକ୍ସ ଓ ପ୍ରଧାନମନ୍ତ୍ରୀଙ୍କ ଅଫିସ ମଧ୍ୟ ଓଡ଼ିଶାର ଏହି ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ; କିନ୍ତୁ ରାଜ୍ୟର ବିଜେପି ନେତାମାନେ ଏହାକୁ ରାଜନୀତି କରି ସମାଲୋଚନା କରି ଆସୁଥିଲେ। ବର୍ତ୍ତମାନ କେବଳ ନାମ ପରିବର୍ତ୍ତନ କରି ସମାନ ବ୍ୟବସ୍ଥାକୁ ଲାଗୁ କରାଯାଇଛି। କେବଳ ନାମ ପରିବର୍ତ୍ତନ କରି ଏହାକୁ ଲାଗୁ କରିବା, ଖଡା ବଡି ଥୋଡ ନା ଥୋଡ ବଡି ଖଡା ସଦୃଶ୍ୟ ହୋଇଛି। ନାମ ବଦଳେଇ ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ଲାଗୁ କରିଥିଲେ ହେଁ, ଫିଡବ୍ୟାକ ବ୍ୟବସ୍ଥାର ଅନୁପସ୍ଥିତ କାରଣରୁ ଏହି ଯୋଜନା ଗୁଡିକ ଅନ୍ତସାର ଶୂନ୍ୟ ହୋଇଯାଇଛି । ଜନସାଧାରଣ ଏହାର ସୁଫଳ ପାଇପାରୁ ନାହାନ୍ତି । ରାଜ୍ୟ ସରକାରଙ୍କ କାର୍ଯ୍ୟ କେବଳ କପି ପେଷ୍ଟରେ ସୀମିତ ହୋଇ ରହିଯାଇଛି।

## ୨୯ ତାରିଖକୁ ଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**■ ସେପ୍ଟେମ୍ବର ୧୩ ତାରିଖକୁ କାର୍ଯ୍ୟ ଦିବସ ଭାବେ ଘୋଷଣା**

ଭୁବନେଶ୍ୱର,୨୬।୮ (ସମିସ): ଆସନ୍ତା ୨୯ ତାରିଖ(ଶୁକ୍ରବାର)କୁ ସରକାରୀ ଛୁଟି ଭାବେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୨୯ ତାରିଖ ନୂଆଖାଇର ପରଦିନ। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଦେଇ ମୁଖ୍ୟମନ୍ତ୍ରୀ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ପରିବର୍ତ୍ତେ ସେପ୍ଟେମ୍ବର ୧୩ତାରିଖ (ଦ୍ୱିତୀୟ ଶନିବାର)କୁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଅବସରରେ ପ୍ରତିବର୍ଷ ଛୁଟି ଘୋଷଣା କରାଯାଇଥାଏ। ଚଳିତବର୍ଷ ଅଗଷ୍ଟ ୨୯କୁ ଛୁଟି ଘୋଷଣା କରାଯାଇଛି। ତେବେ ନୂଆଖାଇ ପରଦିନ ମଧ୍ୟ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ ଦିନ ଆତ୍ମୀୟସ୍ୱଜନମାନେ ପରସ୍ପର ସହ ସାକ୍ଷାତ କରି 'ନୂଆଖାଇ ଜୁହାର' କରନ୍ତି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି। ପାରିବାରିକ, ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଦିନ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ୨୯ ତାରିଖକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ପାଇଁ ଛୁଟି ଘୋଷଣା କରିଛନ୍ତି। ସମାନ ଭାବେ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଶୁକ୍ରବାରକୁ ସରକାରୀ ଛୁଟି ଭାବେ ଘୋଷଣା କରାଯାଇଛି।

**ପରିବା କିଆରି ଜଗିଥିଲେ**

# ହାତୀ ଆକ୍ରମଣରେ ଦମ୍ପତି ମୃତ

ପାଇକମାଳ, ୨୬।୮ (ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଟେମରୀ ପଞ୍ଚାୟତ ଧାନ୍ଦୁପାଲି ଗାଁରେ ଆଜି ଏକ ହାତୀ ଆକ୍ରମଣରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ଗାଁର ବଳରାମ ରଣା (୬୧) ଓ ତାଙ୍କ ପତ୍ନୀ ଶଶି ରଣା (୫୭) । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ବନ ବିଭାଗ ଘଟଣାସ୍ଥଳରୁ ଦମ୍ପତିଙ୍କ ଶବ

**ମୃତ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ**

ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ବଳରାମ ଓ ଶଶି ନିଜର ଝାଳବୁହା ପରିଶ୍ରମରେ ଗାଁ ପାଖ ବାଡ଼ିରେ ପନିପରିବା ଫସଲ କରିଥିଲେ। କିଛି ଦିନ ହେବ ଗନ୍ଧମାର୍ଦ୍ଦନ ପାହାଡ଼ରୁ ଏକ ହାତୀପଲ ଅଞ୍ଚଳରେ ଉପଦ୍ରବ କରୁଥିବାରୁ ଫସଲକୁ ସୁରକ୍ଷା ଦେବା ପାଇଁ ଦୁହେଁ ଗତରାତିରେ ଜଗି ରହିଥିଲେ। ଏହି ସମୟରେ ଏକ ହାତୀପଲ ସେମାନଙ୍କ ପରିବା କ୍ଷେତକୁ ଆସି ବ୍ୟାପକ ଫସଲ ନଷ୍ଟ କରିଥିଲେ। ଏହାଦେଖି ସ୍ୱାମୀ-ସ୍ତ୍ରୀ ହାତୀପଲକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ହାତୀପଲ ମଧ୍ୟରୁ ଗୋଟିଏ ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ପାଦରେ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ



ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ସକାଳୁ କିଛି ଗ୍ରାମବାସୀଙ୍କ ଏହା ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର୍ ହୃଦାନନ୍ଦ ମିଶ୍ର, ରଜନୀକାନ୍ତ ବଢ଼େଇ, ଦୋଳଗୋବିନ୍ଦ ବରିହା, ବସନ୍ତ ବାଗ, ରମେଶ ପ୍ରଧାନ, ଦିବାକର ବାଗ ପ୍ରମୁଖଙ୍କ ସମେତ ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାରମ୍ବାର ହାତୀପଲ ଉପଦ୍ରବ କରୁଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ କରିଥିଲେ। ତେବେ ବନ ବିଭାଗ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଦମ୍ପତିଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବନ ବିଭାଗ ପଠାଇଥିଲା।

ଅପରପକ୍ଷେ, ଖବର ପାଇ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ବ୍ଲକ୍ ପ୍ରଶାସନ ମୃତ ଦମ୍ପତିଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଶୀଘ୍ର କ୍ଷତିପୂରଣ ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି। ବନବିଭାଗ ତରଫରୁ ଅନୁକମ୍ପାମୂଳକ ଭାବେ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି। ଆଉ ୧୮ଲକ୍ଷ ଦିଆଯିବ ବୋଲି ଡିଏଫ୍‌ଓ ସରୋଜ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଟେମରୀ ସରପଞ୍ଚ ଦିଲୀପ ବେହେରା ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି।

## ବଜ୍ରପାତରେ ନଣନ୍ଦ-ଭାଉଜ ସମେତ ୩ ମୃତ

ଛତ୍ରପୁର, ୨୬।୮ (ସମିସ): ଗଂଜାମ ଜିଲ୍ଲାରେ ଆଜି ବଜ୍ରପାତ ୩ ମହିଳାଙ୍କ ଜୀବନ ନେଇଛି। ସେମାନେ ହେଲେ, ଛତ୍ରପୁର ବ୍ଲକ ଅନ୍ତର୍ଗତ ସରଭୀମପୁର ଗ୍ରାମର କୁନି ଗୌଡ଼ ଓ ନିରୁପମା ଗୌଡ଼ ଏବଂ ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ରାଉଳିବନ୍ଧ ଗ୍ରାମର ମିନି ଗୌଡ଼। କୁନି ଓ ନିରୁପମା ସଂପର୍କରେ ନଣନ୍ଦ-ଭାଉଜ। ସମସ୍ତେ ଧାନ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଛନ୍ତି।

ସୂଚନାନୁଯାୟୀ, କୁନି ଓ ନିରୁପମା ଆଜି ଦିନ ବେଳା ବିଲରେ କାମ କରୁଥିଲେ। ଅପରାହ୍ନରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ଘନଘନ ବଜ୍ରପାତ ହୋଇଥିଲା। ଏହି ସମୟରେ ଦୁହିଁଙ୍କ ଉପରେ ଏକ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଦୁହେଁ ଟଳି ପଡ଼ିଥିଲେ। ଏହା ଦେଖି ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେତେବେଳକୁ ଦୁହିଁଙ୍କ ଦେହରେ ଆଉ ଜୀବନ ନଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି, ରାଉଳିବନ୍ଧ ଗ୍ରାମର ମିନି ମଧ୍ୟ ବିଲରେ ଧାନ ରୋଇବା ବେଳେ ବର୍ଷା, ବଜ୍ରପାତ ହୋଇଥିଲା। ତାଙ୍କ ଉପରେ ଗୋଟିଏ ବଜ୍ରପାତ ହୋଇଥିଲା। ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଲାଗି ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସାପ କାମୁଡ଼ାରେ ଭାଇ-ଭଉଣୀ ମୃତ

ବଣାଇଁ, ୨୬।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନା ଅଞ୍ଚଳରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡ଼ାରେ ଭାଇ-ଭଉଣୀଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ତାମଡ଼ା ପଞ୍ଚାୟତ ଝିରପାଣି ଗ୍ରାମର ଇସାକ ଏକ୍କାଙ୍କ ପୁଅ ଏମ୍ରୋଲନ ଏକ୍କା (୬) ଏବଂ ଝିଅ ଆବଲିନା ଏକ୍କା (୮)। ଗତରାତିରେ ସମସ୍ତେ ଖାଇପିଇ ଶୋଇଥିଲେ। ତେବେ ରାତି ପ୍ରାୟ ୧୧ଟା ବେଳେ ଏମ୍ରୋଲନ ଓ ଆବଲିନାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ପରିବାରଲୋକେ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଚାନ୍ଦିପୋଷ ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଖବର ପ୍ରଚାରିତ ହେବା ପରେ ଝିରପାଣି ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

**ସୃଷ୍ଟି ହେଲା ଲଘୁଚାପ**

# ଆଜିଠୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୨୬।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା୨୪ଘଣ୍ଟାମଧ୍ୟରେଏହାଅଧିକଘନୀଭୂତହେବାର ସମ୍ଭାବନା ରହିଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ଏହି ଲଘୁଚାପ ଧୀରେଧୀରେ ଶକ୍ତିଶାଳୀ ହେଉଥିବାରୁ ପ୍ରାୟ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବିଶେଷ ଶକ୍ତି ଗୋଟାଇ ପାରୁନାହିଁ। ବୁଧବାର ଏହା ସେହି ସ୍ଥାନରେ ରହି ୨୯ରେ ସମ୍ଭବତଃ ଛତିଶଗଡ଼ରେ ପହଞ୍ଚିପାରେ। ତେବେ ଏହି ଲଘୁଚାପ ଯୋଗୁଁ ବୁଧବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ସକାଳ ଓଳି ପାଗ ଶୁଖିଲା ଓ ଖରାଟିଆ ରହିବ। ସକାଳ ୯-୧୦ଟା ପରେ ଭୁବନେଶ୍ୱରରେ ସମେତ କଟକ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ନୟାଗଡ଼ରେ ପାଗ ପରିବର୍ତ୍ତନ ଆସିବ ଓ ବର୍ଷା ହୋଇପାରେ। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଉପରବେଳା ୨ଟା ପରେ ପାଗ ମେଘୁଆ ସହିତ ସ୍ୱଳ୍ପ ବର୍ଷା ହୋଇପାରେ। ୨୮ ତାରିଖ ଗୁରୁବାରରେ ପାଗ ମଙ୍ଗଳବାର ପରି ହେବାର ସମ୍ଭାବନା ରହିଥିବା ବେଳେ ୨୯ରେ କେନ୍ଦ୍ରୀୟ ଓ ଉତ୍ତର ଓଡ଼ିଶା, ୩୦ରେ ଉତ୍ତର ଓ ପଶ୍ଚିମ ଓଡ଼ିଶା ଏବଂ ୩୧ରେ ପ୍ରାୟତଃ ଅଧିକାଂଶ ସ୍ଥାନରେ ସ୍ୱଳ୍ପ ଏବଂ ଅଳ୍ପ କେତେକ ସ୍ଥାନରେ ମଧ୍ୟମଧରଣର ବର୍ଷା ହୋଇପାରେ। ଅନ୍ୟପଟେ ୩ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିବା ବେଳେ ତାହା ମଧ୍ୟ ବିଶେଷ ଶକ୍ତିଶାଳୀ ହୋଇପାରିବ ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

**ବନ୍ୟା ପାଣିରେ ଉତ୍ତର ଓଡ଼ିଶା**

ରାଜ୍ୟର ବର୍ତ୍ତମାନ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଯୋଗୁଁ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ସୁବର୍ଣ୍ଣରେଖା ଏବେ ବି ଜାମଶୋଳା ଗେଟ୍ ଓ ରାଜଘାଟଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ଗତକାଲି ସୁବର୍ଣ୍ଣରେଖା ବେସିନ କି ଜାମଶୋଳା ଗେଟ୍‌ରେ ବେଶି ବର୍ଷା ହୋଇନି। ଆଖୁଆପଦାରେ ବୈତରଣୀ ବିପଦ ସଂକେତ ତଳେ ଅଛି। ସେହିପରି, ଦକ୍ଷିଣ ଓଡ଼ିଶାର ବଂଶଧରା, ନାଗାବଳୀ ଓ କୋଲାବରେ ସାମାନ୍ୟ ଅଧିକ ବର୍ଷା ହୋଇଛି। ହେଲେ ଅନ୍ୟ କେଉଁ ବେସିନରେ ବର୍ଷା ହୋଇନି। ହୀରାକୁଦରେ ୪ଟି ଗେଟ୍ ବନ୍ଦ ହେବାରୁ ୮ଟି ଗେଟ୍ ଦେଇ ଏବେ ଜଳ ନିଷ୍କାସନ ହେଉଛି। ମୁଣ୍ଡଳୀରେ ୩ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି, ଯାହା ସ୍ୱାଭାବିକ। ବାଲେଶ୍ୱରରେ ବନ୍ୟା ଯୋଗୁଁ ବସ୍ତା, ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ପ୍ରଭାବିତ ହୋଇଛି। ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଓ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ, ତିହିଡି, ଧାମନଗର ବ୍ଲକ ବି ପ୍ରଭାବିତ ହୋଇଛି। ଯାଜପୁରରେ କାଣୀ ନଦୀ ଘାଇ ଯୋଗୁଁ ସର୍ବାଧିକ ପ୍ରଭାବିତ ହୋଇଛି।

# ଗଠନ ହେଲା ଶ୍ରୀମନ୍ଦିର ପରିଚାଳନା କମିଟି

### ୧୦ ମନୋନୀତ ସଦସ୍ୟଙ୍କ ନାଁରେ ବାଜିଲା ମୋହର

ପୁରୀ,୨୬।୮ (ସମିସ): ଦୀର୍ଘ ବର୍ଷେ ୧୩ଦିନ ପରେ ଗଠନ ହୋଇଛି ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି। ଫଳରେ ନୂଆ କମିଟିକୁ ନେଇ ଯେଉଁ ଆଶା ଆଶଙ୍କା ଲାଗି ରହିଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ମଙ୍ଗଳବାର ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ କମିଟିର ମନୋନୀତ ୧୦ ସଦସ୍ୟଙ୍କ ନାଁରେ ମୋହର ମାରିଛନ୍ତି ରାଜ୍ୟ ସରକାର। ମନୋନୀତ ସଦସ୍ୟଙ୍କ ମଧ୍ୟରେ ଅଧିକ ନୂଆମୁହଁ ରହିଛନ୍ତି। ଶ୍ରୀମନ୍ଦିର ପରିଚାଳନା ପାଇଁ ୮ ନୂଆ ମୁହଁକୁ ନିଆଯାଇଥିବା ବେଳେ ୨ଜଣ ପୁରୁଣା ମୁହଁଙ୍କୁ ପୁଣି ସୁଯୋଗ ଦିଆଯାଇଛି।

ବିଜ୍ଞପ୍ତି ଅନୁଯାୟୀ, କମିଟିରେ ମୁକ୍ତିମଣ୍ଡପ ପକ୍ଷରୁ ଦେଉଳ ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ରଙ୍କୁ ନିଆଯାଇଛି। ସେହିପରି ୫ ସେବାୟତ ନିଯୋଗ ପକ୍ଷରୁ ପୂଜାପଣ୍ଡା ନିଯୋଗରୁ ଜଗନ୍ନାଥ ପୂଜାପଣ୍ଡା, ପୁଷ୍ପାଳକ ନିଯୋଗରୁ ମଧୁସୂଦନ ସିଂହାରୀ, ପ୍ରତିହାରୀ ନିଯୋଗରୁ ରାମନାରାୟଣ ଗୋଚ୍ଛିକାର, ସୁଆର ମହାସୁଆର ନିଯୋଗରୁ କୃଷ୍ଣଚନ୍ଦ୍ର ସାମନ୍ତରାୟ ଏବଂ ଦଇତାପତି ନିଯୋଗରୁ ଗଣେଶ ଦାସମହାପାତ୍ର ସ୍ଥାନ ପାଇଛନ୍ତି। ସେହିପରି ମଠାଧୀଶଙ୍କ ପକ୍ଷରୁ ବଳରାମକୋଟ ମଠ ମହନ୍ତ ରଘୁବୀର ଦାସ ମହାରାଜ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଏ.କେ. ସାବତ କମିଟିରେ ସ୍ଥାନ ପାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଦୁଇ ବୁଦ୍ଧିଜୀବୀ ଭାବେ ପୂର୍ବତନ ସିଏଜି ଡ. ଗିରୀଶ ଚନ୍ଦ୍ର ମୁର୍ମୁ ଏବଂ ସଂସ୍କୃତି ଗବେଷକ ମହେଶ କୁମାର ସାହୁ ସ୍ଥାନ ପାଇଛନ୍ତି।

**ବର୍ଷେ ପରେ ନୂଆ କମିଟି, ୮ ନୂଆମୁହଁ**

ପରିଚାଳନା କମିଟିରେ ସ୍ଥାନ ପାଇଥିବା ୫ ସେବାୟତ ପ୍ରତିନିଧି ହେଉଛନ୍ତି ନୂଆ ମୁହଁ। ସେହିପରି ମୁକ୍ତିମଣ୍ଡପରୁ ଡ. ସିଦ୍ଧେଶ୍ୱର ମହାପାତ୍ର ପୂର୍ବରୁ ପରିଚାଳନା କମିଟି ସଦସ୍ୟ ରହିଥିଲେ। ତାଙ୍କୁ ପୁଣିଥରେ ସୁଯୋଗ ମିଳିଛି। ମଠାଧୀଶଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମହନ୍ତ ରଘୁବୀର ଦାସ ମହାରାଜଙ୍କୁ ପ୍ରଥମଥର ସୁଯୋଗ ମିଳିଛି। ସେହିପରି କମିଟିରେ ସ୍ଥାନ ପାଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ ପୂର୍ବରୁ ସଦସ୍ୟ ରହି ସାରିଥିବା ବେଳେ ୨ ବୁଦ୍ଧିଜୀବୀ ହେଉଛନ୍ତି ନୂଆମୁହଁ। ତେଣୁ ୧୦ ମନୋନୀତ ସଦସ୍ୟଙ୍କ ମଧ୍ୟରୁ ୮ ନୂଆମୁହଁ ହୋଇଥିବା ବେଳେ ୨ଜଣ ପୁରୁଣା ସଦସ୍ୟଙ୍କୁ ପୁଣି ସୁଯୋଗ ଦିଆଯାଇଛି। ଅନ୍ୟପକ୍ଷରେ ୨୦୨୧ ଅଗଷ୍ଟ ୧୨ରେ ଗଠିତ ପରିଚାଳନା କମିଟିର ତିନିବର୍ଷିଆ କାର୍ଯ୍ୟକାଳ ଗତ ଅଗଷ୍ଟ ୧୧ରେ ଶେଷ ହୋଇଥିଲା। ପୁରୁଣା କମିଟି କାର୍ଯ୍ୟକାଳ ପୂରିବାର ବର୍ଷେ ପରେ ପରିଚାଳନା କମିଟି ପୁନର୍ଗଠିତ ହୋଇଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସଂଖ୍ୟା ୧୮ । ଏହାର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ରହିଥିବା ବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଙ୍କର ଜଣେ ଅଧିକାରୀ କାର୍ଯ୍ୟକାରୀ ଅଧ୍ୟକ୍ଷ, ସଚିବ ରାଙ୍କର ଜଣେ ଅଧିକାରୀ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଉପମୁଖ୍ୟ ପ୍ରଶାସକ, ଆଇନ ବିଭାଗର ଅତିରିକ୍ତ ସଚିବ, ଦେବୋତ୍ତର କମିଶନର, ଏସ୍‌ପି ଏବଂ ଏଏସ୍‌ଆଇ ଅଧୀକ୍ଷଣ ଯନ୍ତ୍ରୀ କମିଟିର ସଦସ୍ୟ ରହିଥା'ନ୍ତି। ଏମାନଙ୍କ ବାଦ୍ ଅନ୍ୟ ୧୦ ଜଣ ହେଉଛନ୍ତି ମନୋନୀତ ସଦସ୍ୟ। ଏମାନଙ୍କ ମଧ୍ୟରେ ୫ ଜଣ ସେବାୟତ ପ୍ରତିନିଧି, ଜଣେ ମଠ ପ୍ରତିନିଧି, ଜଣେ ମୁକ୍ତିମଣ୍ଡପ ପ୍ରତିନିଧି, ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଦୁଇଜଣ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ବ୍ୟକ୍ତି ରହିଥା'ନ୍ତି। ତେବେ ପରିଚାଳନା କମିଟିରେ ନିର୍ଦ୍ଦିଷ୍ଟ ୫ ସେବାୟତ ନିଯୋଗରୁ ସଦସ୍ୟ ପ୍ରତିନିଧିତ୍ୱ କରୁଛନ୍ତି। ଏହାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଖୁଣ୍ଟିଆ ନିଯୋଗ। ରୋଟେସନ୍ ପଦ୍ଧତିରେ ବିଭିନ୍ନ ନିଯୋଗ ସଦସ୍ୟ ପ୍ରତିନିଧିଙ୍କୁ ସ୍ଥାନ ଦେବା ଲାଗି ଗୁହାରି କରିଥିଲା। ହେଲେ ନୂତନ କମିଟିରେ ସେମିତି କିଛି ଫରକ୍ ଦେଖିବାକୁ ମିଳିନାହିଁ। ପୂର୍ବରୁ ଯେଉଁ ନିଯୋଗରୁ ସଦସ୍ୟମାନେ ପ୍ରତିନିଧିତ୍ୱ କରୁଥିଲେ, ସେହି ନିଯୋଗରୁ ହିଁ ପ୍ରତିନିଧିତ୍ୱ କରିଛନ୍ତି।






# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-63 ◆WEDNESDAY ◆27 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୩ ◆ବୁଧବାର ◆୨୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



# ଆଜିଠୁ ୫୦% ଟ୍ରମ୍ପ୍ ଟାରିଫ୍

◆ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ପାଇଁ ବିଜ୍ଞପ୍ତି ଜାରି

◆ ଆୟ କମିବ, ଚାକିରି ଯିବ, ହ୍ରାସ ପାଇବ ଅଭିବୃଦ୍ଧି

◆ ଫାର୍ମା କ୍ଷେତ୍ର ଉପରେ ୨୫୦% ଶୁଳ୍କ ଧମକ

■ ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ବୁଧବାରଠାରୁ ଭାରତ ଉପରେ ଲାଗିବ ୫୦ % ଟ୍ରମ୍ପ ଟାରିଫ୍। ଭାରତୀୟ ସମୟ ଅନୁସାରେ ଏହି ଶୁଳ୍କ ବୁଧବାର ସକାଳ ୯ଟା ୩୧ ମିନିଟ୍‌ରୁ କାର୍ଯ୍ୟକାରୀ ହେବ। ଟ୍ରମ୍ପ ପ୍ରଶାସନ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛି। ଆସନ୍ତାକାଲିଠାରୁ ଆମେରିକାକୁ ରପ୍ତାନୀ ହେବାକୁଥିବା ଭାରତୀୟ ସାମଗ୍ରୀ ଉପରେ ଫଳରେ ୫୦% ଶୁଳ୍କ ଲାଗିବ। ଟ୍ରମ୍ପଙ୍କ ଏହି ଟାରିଫ୍ ବୋମା କେବଳ ଆମେରିକୀୟ ଉପଭୋକ୍ତାଙ୍କ ପାଇଁ କଷ୍ଟପ୍ରଦ ହେବ ନାହିଁ, ଭାରତୀୟ ରପ୍ତାନୀକାରୀଙ୍କ ପାଇଁ ବି ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି। ଭାରତରୁ ଆମେରିକାକୁ ପ୍ରତିବର୍ଷ ବିଭିନ୍ନ କ୍ଷେତ୍ରରେ ପ୍ରାୟ ୮ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ ହୋଇଥାଏ। ▶ପୃଷ୍ଠା-୭




# ରାଜ୍ୟରେ ଆରମ୍ଭ ହେଲା 'ଆମ ଶାସନ'

## ଲୋକଙ୍କ ପରାମର୍ଶ ହେଉଛି ସୁଶାସନର ମୁଖ୍ୟ ଉପାଦାନ: ମୁଖ୍ୟମନ୍ତ୍ରୀ

**କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସିଧାସଳଖ ନିଆଯିବ ଲୋକଙ୍କ ମତାମତ**

**ୱେବସାଇଟ୍, ହ୍ୱାଟ୍ସଆପ୍, ଟୋଲ୍-ଫ୍ରି ନମ୍ବରରେ ଦେଇପାରିବେ ମତାମତ**



■ ଭୁବନେଶ୍ୱର, ୨୬।୮ (ସମିସ): ଶାସନ ବ୍ୟବସ୍ଥାରେ ରହିଥିବା ତ୍ରୁଟି ବିଚ୍ୟୁତି ବୁଝିବା, ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକଙ୍କ ମତାମତ ନେବା, ସାଧାରଣ ସେବାଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜ୍ୟରେ ପ୍ରଚଳନ କରିଥିଲେ 'ମୋ ସରକାର' ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ଲୋକମାନଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସିଧାସଳଖ ତଥ୍ୟ ସଂଗ୍ରହ କରୁଥିଲା ଓ ଲୋକମାନେ ମଧ୍ୟ ସରକାରୀ ସେବା, କାର୍ଯ୍ୟକ୍ରମ ଓ ଯୋଜନାରେ ରହୁଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ ସିଧାସଳଖ ଆପତ୍ତି ଅଭିଯୋଗ କରିବାରେ ସକ୍ଷମ ହେଉଥିଲେ। ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ବିଜେପି ସରକାର 'ମୋ ସରକାର' ବ୍ୟବସ୍ଥାକୁ ବନ୍ଦ କରି ଦେଇଥିଲେ। ମାତ୍ର ଏବେ 'ମୋ ସରକାର' ଢାଞ୍ଚାରେ ରାଜ୍ୟ ▶ପୃଷ୍ଠା-୭




### ନିଶା କାରବାର ଉପରେ ପୁଲିସର ଆଖି

# ଅପରେସନ 'ଗରୁଡ' ପରେ ଏବେ 'ଗଜ'

ବଲାଙ୍ଗିର,୨୬।୮ (ସମିସ): ରାଜ୍ୟରେ ଗତ ପ୍ରାୟ ଗୋଟିଏ ବର୍ଷ ଭିତରେ ଅପରାଧ ଚରମସୀମାରେ ପହଞ୍ଚିଛି। ଦୁଷ୍କର୍ମ, ହତ୍ୟା, ଲୁଟ, ସାଇବର ଠକେଇ, ବେଆଇନ ନିଶା କାରବାର ଭଳି ଘଟଣା ବଢ଼ି ଚାଲିଛି। ଅଗଷ୍ଟ ୧ ତାରିଖରୁ ଆରମ୍ଭ ହୋଇଥିଲା ଅପରେସନ ଗରୁଡ। ଏହି ଅପରେସନରେ ପୁଲିସ ବିଭାଗ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଦିଗରେ ସ୍ୱତନ୍ତ୍ର ଅଭିଯାନ ଚଳାଇଛନ୍ତି। ଏବେ ଅପରେସନ ଗଜ ଆରମ୍ଭ ହୋଇଛି। ଏହି ଅପରେସନରେ ନିଶା କାରବାରକୁ ମୂଳପୋଛ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ତିଆରି ହୋଇଛି।

**ସାବାଡ ହେବେ ନିଶା ବ୍ୟବସାୟୀ**

**ତୁଷୁରା ଗଞ୍ଜେଇ ଜବତ କେବଳ ଟ୍ରେଲର**

**ସ୍କାନରରେ ଛୋଟରୁ ବଡ ନିଶା ବ୍ୟବସାୟୀ**

ଅପରେସନ ଗଜ ଆରମ୍ଭ ହେବା ପରେ ପରେ ୧୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଛି ବୋଲି ମଙ୍ଗଳବାର ଆଇଜି ହିମାଂଶୁ ଲାଲ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅଗଷ୍ଟ ୧ ତାରିଖରୁ ଅପରେସନ ଗରୁଡ ଆରମ୍ଭ ହୋଇଥିବା ବେଳେ ଅନେକ ଅପରାଧିକ କାର୍ଯ୍ୟକଳାପ ଉପରେ ପୁଲିସ ସ୍ୱତନ୍ତ୍ର ଭାବେ ଚଢଉ କରିଥିଲା। ବହୁ ସଂଖ୍ୟାରେ ଗିରଫ କରାଯାଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ବହୁ ପରିମାଣର କଫସିରପ ଓ ଗଞ୍ଜେଇ ଜବତ କରାଯାଇଥିଲା। ଏବେ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଅପରେସନ ଗଜ ଆରମ୍ଭ କରାଯାଇଛି। ଏହି ଅପରେସନ ବିଶେଷ କରି ନିଶା କାରବାର ଉପରେ କରାଯିବ ବୋଲି ଆଇଜି ସୂଚନା ଦେଇଛନ୍ତି। ଛୋଟ ଛୋଟ ନିଶା ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବଡ ବଡ ମାଫିଆଙ୍କୁ ଧରିବା, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଅପରେସନର ଲକ୍ଷ୍ୟ ରହିଛି। ସୋମବାର ତୁଷୁରା ପୁଲିସ ୧୧ କ୍ୱିଣ୍ଟାଲ ଗଞ୍ଜେଇ ଧରିଛି। ଏହି କାରବାରରେ ଲିପ୍ତ ଥିବା ଫେରାର ଅଭିଯୁକ୍ତଙ୍କୁ ମଧ୍ୟ ଧରିବା ପାଇଁ ପୁଲିସ ପଦକ୍ଷେପ ଗ୍ରହଣ କରିବ ବୋଲି ସେ କହିଛନ୍ତି। ବଲାଙ୍ଗିର ଜିଲ୍ଲାରେ ଗଞ୍ଜେଇ, କଫସିରପ କାରବାର ଅଧିକ ରହିଛି। ଏସପିଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ମୂଳପୋଛ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇଜି ସୂଚନା ଦେଇଥିଲେ।

ଏହି ଅଭିଯାନରେ ପୁଲିସକୁ ସହାୟତା କରୁଥିବା ଅନ୍ୟ ଅଧିକାରୀମାନଙ୍କୁ ଆବଶ୍ୟକ ପଡିଲେ ସାମିଲ କରାଯିବ ବୋଲି ଆଇଜି କହିଛନ୍ତି। ଜିଲ୍ଲାରେ ଅପରେସନ ଗଜ ସଫଳ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଜିଙ୍କ ସହିତ ବଲାଙ୍ଗିର ଏସପି ଅଭିଲାଷ ଜି. ଉପସ୍ଥିତ ଥିଲେ।

### ବଲାଙ୍ଗିରରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ବୈଠକ

# ମାଓବାଦୀ ଦମନ ପାଇଁ ସ୍ୱତନ୍ତ୍ର ରଣନୀତି

ବଲାଙ୍ଗିର,୨୬।୮ (ସମିସ)



ବଲାଙ୍ଗିର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ବଡ ଧରଣର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଓବାଦୀ ଦାମନ ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ବଲାଙ୍ଗିର, ବରଗଡ, ନୂଆପଡା ଅଞ୍ଚଳକୁ ମାଓବାଦୀ ମୁକ୍ତ କରିବା ପାଇଁ ମଙ୍ଗଳବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଆଇଜି ଦୀପକ କୁମାର (ଅପରେସନ) ଙ୍କ ଉପସ୍ଥିତିରେ ୩ ଜିଲ୍ଲା ଏସ୍‌ପିଙ୍କ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ୩ ଜିଲ୍ଲାରେ ନିୟମିତ ଅପରେସନ ଚାଲୁଛି। ଆଗକୁ ଆହୁରି ଜୋରଦାର କରି ମାଓବାଦୀ ଦମନ କରାଯିବ ବୋଲି ଶ୍ରୀ ଲାଲ ସୂଚନା ଦେଇଛନ୍ତି। ବୈଠକରେ ବଲାଙ୍ଗିର ଏସପି ଅଭିଲାଷ ଜି., ବରଗଡ ଏସପି ପ୍ରହଲ୍ଲାଦ ମିନା ଉପସ୍ଥିତ ଥିଲେ। ବଲାଙ୍ଗିର, ବରଗଡ ଓ ନୂଆପଡା ଜିଲ୍ଲାରେ ବିଭିନ୍ନ ସମୟରେ ମାଓବାଦୀଙ୍କ ଗତିବିଧି ଦେଖିବାକୁ ମିଳୁଛି। ଏହି ୩ ଜିଲ୍ଲାର ସୀମାରେ ଅନେକ ସମୟରେ କମ୍ବିଂ କରାଯାଉଛି। କମ୍ବିଂ ପରେ ସର୍ଚ୍ଚ ଅପରେସନ ମଧ୍ୟ କରାଯାଉଛି। ବିଭିନ୍ନ ସମୟରେ ମାଓବାଦୀଙ୍କ କ୍ୟାମ୍ପ ମଧ୍ୟ ଠାବ ହେଉଛି। ଏହା ସତ୍ତ୍ୱେ ଏହି ତିନି ଜିଲ୍ଲା ମାଓବାଦୀ ମୁକ୍ତ ହୋଇପାରିନାହିଁ। ଛତିଶଗଡ ରାଜ୍ୟର ସୀମାକୁ ଏହି ତିନି ଜିଲ୍ଲା ଲାଗି ରହିଛି। ଏଣୁ ଛତିଶଗଡ ସରକାର ମାଓବାଦୀଙ୍କ ଉପରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରିଆସୁଛନ୍ତି। ମାଓବାଦୀଙ୍କୁ ଏନକାଉଣ୍ଟର କରାଯାଉଛି। ସେମାନେ ଓଡିଶା ସୀମାକୁ ପ୍ରବେଶ କରୁଥିବା ମଧ୍ୟ ନଜର ରହିଛି। ଛତିଶଗଡ ଭଳି ରାଜ୍ୟ ସରକାର ମଧ୍ୟ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ରୂପରେଖ ପ୍ରସ୍ତୁତ କରିଛନ୍ତି।

- **ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ମୁକ୍ତ ଲକ୍ଷ୍ୟ**
- **ତିନି ଜିଲ୍ଲା ଏସପିଙ୍କ ସହ ବୈଠକ**

ଏହାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଏହି ବୈଠକ ହୋଇଥିବା ଉତ୍ତରାଞ୍ଚଳ ଆଇଜି ସୂଚନା ଦେଇଛନ୍ତି। ଏହି ୩ ଜିଲ୍ଲାକୁ ମାଓବାଦୀ ମୁକ୍ତ କରିବା ପାଇଁ ତିନି ଜିଲ୍ଲା ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ରହିଛି; ଯେଉଁଥିପାଇଁ ଏହି ବୈଠକ କରାଯାଇଥିବା ଆଲୋଚନା ହେଉଛି। କିଛି ବର୍ଷ ହେଲା ବଲାଙ୍ଗିର ଓ ବରଗଡ ଜିଲ୍ଲାରେ ମାଓବାଦୀ ପ୍ରଭାବ କିଛି ମାତ୍ରାରେ କମିଛି। ଏହାକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ପୁଲିସ ଏହି ଅଭିଯାନ ଆରମ୍ଭ କରିଥିବା ହିମାଂଶୁ ଲାଲ କହିଛନ୍ତି।

# ରାଣୀସତୀ ଶକ୍ତିଧାମ ମନ୍ଦିରରେ ଭାଦୀ ମହୋତ୍ସବ ଉଦ୍‌ଯାପିତ

ଟିଟିଲାଗଡ,୨୬।୮ (ସମିସ): ମାଁ ଭଗବତୀ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ରାଣୀସତୀ ଦାଦୀଜୀ ଶକ୍ତିଧାମ ମନ୍ଦିରରେ ୨୩ତମ ଭାଦୀ ମହୋତ୍ସବ ସମାରୋହରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ମହିଳା ମାନଙ୍କ ଦ୍ୱାରା ୧୫ ଦିନ ବ୍ୟାପି ମଙ୍ଗଳପାଠ, ଅଲୌକିକ ଶୃଙ୍ଗାର, ଅଖଣ୍ଡ ଜ୍ୟୋତି ଓ ଭଜନ କୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା। ୨୨ତାରିଖରେ ମହିଳାମାନଙ୍କ ମଧ୍ୟରେ ଆକର୍ଷକ ଆଳତୀ ଥାଳୀ ପ୍ରସ୍ତୁତି, ପୁଷ୍ପମାଲ୍ୟ ପ୍ରସ୍ତୁତି ଓ ମେହେନ୍ଦୀ ପ୍ରତିଯୋଗିତା ଓ ସନ୍ଧ୍ୟାରେ ଦାଣ୍ଡିଆ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୩ତାରିଖ ଅପରାହ୍ନରେ ମହାପ୍ରସାଦ ବିତରଣ (ଭଣ୍ଡାରା), ଛପନ ଭୋଗ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବୃନ୍ଦାବନର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଅତୁଲ କ୍ରିଷ୍ଣା ଓ ତାଙ୍କ ସହଯୋଗୀ ବୃନ୍ଦ ମନମୁଗ୍ଧକର ଭଜନ ପରିବେଷଣ କରିଥିଲେ। ଏହି ଭଜନ ସମାରୋହକୁ ରାତି ୨ଟା ପର୍ଯ୍ୟନ୍ତ ୬ଶହରୁ ଅଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଉତ୍ସାହ ସହ ଉପଭୋଗ କରିଥିଲେ। ଏହି ଅବସରରେ ମେହେନ୍ଦୀ ନୃତ୍ୟ, ଗଜରା ନୃତ୍ୟ ଓ ଚୁନ୍ଦଡ଼ି ନୃତ୍ୟ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଆୟୋଜିତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଆଳତୀ କରାଯାଇ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। କାଶୀଧାମରୁ ଆସିଥିବା ଚୈତନ୍ୟ ଶ୍ରୀ ଅଗ୍ନିଶିଖାଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ଗୌରୀଶଙ୍କର କେଜ୍ରିୱାଲ ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ବିଧାୟକ ନବୀନ ଜୈନ, ମହୋତ୍ସବ କମିଟିର ଅଧ୍ୟକ୍ଷ ସୁରଜମଲ ସୋନୀ, ଟ୍ରଷ୍ଟି ସନ୍ତୋଷ କେଜ୍ରିୱାଲ, ରାଧାକାନ୍ତ ପାଢୀ, କୃଷ୍ଣା କେଜ୍ରିୱାଲ, ନନ୍ଦକିଶୋର ଇନ୍ଦୋରିଆ, ସୋମନାଥ କେଜ୍ରିୱାଲ, ଗୋପାଲ ଟିବଡ଼େୱାଲ, ଗଜାନନ ଅଗ୍ରୱାଲ, ମହେଶ ଇନ୍ଦୋରିଆ, ଡା. ଆନନ୍ଦ କେଜ୍ରିୱାଲ, ମନୋଜ ଶତପଥୀ, ସଞ୍ଜୟ ଶର୍ମା, ମୋହନ ଗୁପ୍ତା, ସୁରଜମଲ ଶର୍ମା, ଦେବୀ ଶର୍ମା, ଗୋବିନ୍ଦ ଜୈନ, ପୁଷ୍ପା କେଜ୍ରିୱାଲ, ଲଳିତା ଲାଠ, ସନ୍ତୋଷୀ ଜୈନ, ଡା. ଚଞ୍ଚଳ କେଜ୍ରିୱାଲ, ପ୍ରିୟା କେଜ୍ରିୱାଲ, ରାଧିକା କେଜ୍ରିୱାଲ, କୀର୍ତ୍ତି କେଜ୍ରିୱାଲ, ଅନିତା କେଜ୍ରିୱାଲ, ଜ୍ୟୋତି ସୋନୀ, କଣ୍ଟାବାଞ୍ଜିର ମଣିଲାଲ ଅଗ୍ରଓ୍ୱାଲ, ସୁରେଶ ଲାଠ ଓ ନରେନ୍ଦ୍ର ଅଗ୍ରୱାଲ, ବଙ୍ଗୋମୁଣ୍ଡାର ସନ୍ତୋଷ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କେସିଙ୍ଗା, କଣ୍ଟା।ବାଞ୍ଜି, ସଇଁନ୍ତଲା, ଦେଓଗାଁ, ବଲାଙ୍ଗିର, ଭବାନୀପାଟନା, ରାଜ ଖଡିଆର, ତୁଷୁରା ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଟ୍ରଷ୍ଟି ଗୌରୀଶଙ୍କର କେଜ୍ରିୱାଲ ଆୟୋଜକ ମଣ୍ଡଳୀ ଓ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଜିଲ୍ଲାସ୍ତରୀୟ ସ୍କୁଲ ଗେମ୍ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା



ବଲାଙ୍ଗିର,୨୬।୮ (ସମିସ): ସ୍ଥାନୀୟ ରେଳଷ୍ଟେସନ ଛକସ୍ଥିତ ଅସୀମ ଟାଇକ୍ୱୋଣ୍ଡୋ ଏକାଡେମୀରେ ବଲାଙ୍ଗିର ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ତରଫରୁ ଜିଲ୍ଲାସ୍ତରୀୟ ସ୍କୁଲ ଗେମ୍ ଟାଇକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଅଣ୍ଡର-୧୪ ଓ ଅଣ୍ଡର-୧୭ ବର୍ଗରେ ବିଭିନ୍ନ ସରକାରୀ ସ୍କୁଲର ୬୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ନରେନ୍ଦ୍ର ମିଶ୍ର, ପିଇଟି ଚନ୍ଦ୍ର ମେହେର, ରାଜ କୁମାର ପାଣିଗ୍ରାହୀ, ସୁଜାତା ମଲ୍ଲିକ, ସସ୍ମିତାରାଣୀ ମିଶ୍ର ଓ ନରସିଂସ୍ୱାମୀ ନାଇଡୁ ସହଯୋଗ କରିଥିଲେ। ଶିକ୍ଷା ବିଭାଗ ତରଫରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ପରି.ଳନା କରିବା ପାଇଁ ବଲାଙ୍ଗିର ଜିଲ୍ଲା ଟାଇକ୍ୱୋଣ୍ଡୋ ସଂଘର ସାଧାରଣ ସଂପାଦକ ତଥା କୋଚ୍ ଅସୀମ ଭୋଇଙ୍କୁ ଦାୟିତ୍ୱ ଦିଆଯାଇଛି।

# କୃଷି ବିଶ୍ୱ ବିଦ୍ୟାଳୟ ଦାବିରେ ଗର୍ଜିଲା କଂଗ୍ରେସ

ବଲାଙ୍ଗିର,୨୬।୮ (ସମିସ): କେବିକେର ବଲାଙ୍ଗିର ଅଞ୍ଚଳରେ ଦାବି ମୁତାବକ ବର୍ତ୍ତମାନର ମୋହନ ସରକାର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବା କଥା; କିନ୍ତୁ ଦୁଃଖର ବିଷୟ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆଖିକାନ ବନ୍ଦ କରି ଦେଇଛନ୍ତି। ବର୍ତ୍ତମାନ ସେ ସରକାରରେ କୃଷି ବିଭାଗ ଦାୟିତ୍ୱରେ ଅଛନ୍ତି। ବିରୋଧୀରେ ଥିଲା ବେଳେ ସେ ତତ୍କାଳୀନ ବିରୋଧୀ ଦଳନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଯାଇ କୃଷି ବିଶ୍ୱ ବିଦ୍ୟାଳୟ ଦାବି ଜଣାଇଥିଲେ; କିନ୍ତୁ ସରକାରକୁ ଆସିଲା ପରେ ବଲାଙ୍ଗିରର ଦାବିକୁ ଉପେକ୍ଷା କରିଛନ୍ତି। ଏଣୁ ବଲାଙ୍ଗିରବାସୀ ଜାଣିବା ଦରକାର ୧୦ବର୍ଷ ପୂର୍ବର ଘୋଷଣାକୁ କାର୍ଯ୍ୟକାରୀ ନ କରି ବିଜେପି ସରକାର ବଲାଙ୍ଗିର ପ୍ରତି ବେଇମାନ କରିଛି। ଠିକ୍ ସେହିପରି ବିଜେପି ସରକାରର ଉପମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ବିରୋଧୀରେ ଥିଲାବେଳେ ସେ କୃଷି ବିଶ୍ୱ ବିଦ୍ୟାଳୟ ଦାବି ଉଠାଇଥିଲେ। ସରକାରକୁ ଆସିଲା ପରେ ସେହି ଦାବିରୁ ପଛଘୁଞ୍ଚା ଦେଇ ବଲାଙ୍ଗିରବାସୀଙ୍କୁ ଉପେକ୍ଷା କରିଛନ୍ତି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଫିସ ସମ୍ମୁଖରେ ଅନୁଷ୍ଠିତ କୃଷି ବିଶ୍ୱ ବିଦ୍ୟାଳୟ ଦାବିକୁ ନେଇ ବିକ୍ଷୋଭ ସମାବେଶରେ ଯୋଗ ଦେଇ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ଉପରେ ଏଭଳି ଗର୍ଜିଛନ୍ତି। ଏହି ସମାବେଶରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ବଲାଙ୍ଗିର ଏକ କୃଷି ପ୍ରଧାନ ଜିଲ୍ଲା। ଏଠାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହୋଇପାରିଲେ କୃଷି ସମ୍ବନ୍ଧୀୟ ଗବେଷଣା ସମ୍ଭବ ହେବ। ବଲାଙ୍ଗୀର ଅଞ୍ଚଳ କମ୍ ବୃଷ୍ଟିପାତ ଅଞ୍ଚଳ ହୋଇଥିବାରୁ କମ୍ ପାଣି ଦରକାର ହେଉଥିବା ବିଭିନ୍ନ ଫସଲର ବିହନ ଉଦ୍ଭାବନ କରିବାରେ ଏହା ସହାୟକ ହେବ। ତା ସହ ପଶୁ ଓ ମତ୍ସ୍ୟ ପାଳନ ଦିଗରେ ନୂତନ କୌଶଳ ପ୍ରୟୋଗ ପାଇଁ କୃଷି ବିଶ୍ୱ ବିଦ୍ୟାଳୟର ଗବେଷଣା ରାସ୍ତା ଦେଖାଇବ। ଏହା ଦ୍ୱାରା ଏ ଅଞ୍ଚଳର ସମଗ୍ରିକ ଅର୍ଥନୈତିକ ବିକାଶ



ସାଙ୍ଗକୁ କୃଷି ଓ କୃଷକର ଉନ୍ନତି ହେବ; କିନ୍ତୁ ଦୁଃଖର ବିଷୟ ୨୦୧୪ ମସିହାରେ ଘୋଷଣା ହୋଇଥିବା କୃଷି ବିଶ୍ୱ ବିଶ୍ୱ ବିଦ୍ୟାଳୟ ସ୍ଥାପନକୁ ନେଇ ବିଜେପି କୌଣସି ପଦକ୍ଷେପନେଇନି। ବଲାଙ୍ଗିର ପ୍ରତି ବିଜେପି ଯେଉଁ ବେଇମାନି କରିଛି ତାକୁ ଲୋକ ଭୁଲିବେ ନାହିଁ। କେବଳ ସେତିକି ନୁହେଁ; ବିଧାନସଭାରେ ତତ୍କାଳୀନ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ପ୍ରତ୍ୟେକ ଅଧିବେଶନରେ କୃଷି ବିଶ୍ୱ ବିଦ୍ୟାଳୟ ଦାବି କରିଆସୁଥିଲେ। ବିଜେପି ସରକାର ଏହି ଦାବିକୁ ଅଣଦେଖା କରିଛି। ସରକାରକୁ ଆସିଲା ପରେ ଉପମୁଖ୍ୟମନ୍ତ୍ରୀ ବଲାଙ୍ଗିରର ଦାବି ପ୍ରତି ଆଖି ଓ କାନ ବନ୍ଦ କରି ଦେଇଛନ୍ତି। ଓଲଟା ତାଙ୍କ ସ୍ଥାନୀୟ ନେତୃତ୍ୱମାନେ କୃଷି ବିଶ୍ୱ ବିଦ୍ୟାଳୟ ପାଇଁ ବଲାଙ୍ଗିରରେ ଭିତ୍ତିଭୂମି ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀ କରି ଘୋଷଣା କରିବା ଅତି ଦୁଃଖଦାୟକ ବୋଲି ସମରେନ୍ଦ୍ର କହିଛନ୍ତି। ଅନ୍ୟପେ୪ ଜିଲ୍ଲାରେ ଆସନ୍ନ ମରୁଡିକୁ ନେଇ କ୍ଷେତ୍ର ପରିଦର୍ଶନ କରି ସମରେନ୍ଦ୍ର କହିଛନ୍ତି ଯେତେ ଶୀଘ୍ର ହେବ .ଷୀ କରିଥିବା ଫସଲବୀମାର ବୀମାରାଶି ସରକାର ପ୍ରଦାନ କରିବାର ବ୍ୟବସ୍ଥା କରନ୍ତୁ। କାରଣ ପ୍ରାୟ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟି ଯୋଗୁଁ ଫସଲ ମରିବାରେ ଲାଗିଛି। ଯାହା କିଛି ବି ବଞ୍ଚିଛି ସାର, ବିହନର ଅଭାବ ଓ କଳାବଜାର .ଷୀ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ତେଣୁ ସରକାର ଯେତେ ଶୀଘ୍ର ହେବ ଏହାର ପ୍ରତିକାର କରନ୍ତୁ। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ସଂଯୋଜନାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବିଶ୍ୱ ବିଦ୍ୟାଳୟ ଦାବି ପ୍ରତି ବର୍ତ୍ତମାନ ସରକାରର ଆଭିମୁଖ୍ୟକୁ ନେଇ କଂଗ୍ରେସ ନେତା ବିରେନ୍ଦ୍ର ବାଗ, ଓମ୍ ପ୍ରକାଶ କୁମ୍ଭାର, ଦିଲୀପ ବେହେରା, ଉମାଶଙ୍କର ପଣ୍ଡା, ଅଜୟ ବାଲି, ରାମ ମିଶ୍ର, ରାମଜୀ ଚୌଧୁରୀ, ସାନନ୍ଦ ମିଶ୍ର, ଅଙ୍କିତ ସାହୁ, ଶ୍ରୀଧର ବାରିକ, ନାସିର ଖାନ, କାନ୍ତେ ପ୍ରଧାନ, ପପୁ ପାତ୍ର, ହୃଦାନନ୍ଦ ମାଝି, ଚିନ୍ମୟ ବେହେରା ପ୍ରମୁଖ କଡ଼ା ସମାଲୋଚନା କରିଥିଲେ। ମନୀଷ ମିଶ୍ର, ସନ୍ତକ ବହିଦାର, ମୁକେଶ ଜୈନ, ଅସୀତ ମିଶ୍ର, ବିପିନ କୁଶଲିଆ, ସରୋଜ ରଥ, ସବିତା ଶତପଥୀ, ଅନ୍ନପୂର୍ଣ୍ଣା ବଡିଆ, ଆରତିପ୍ରୀତି ନାଗ, କୈଳାସ ମିଶ୍ର, ସଂକୀର୍ତ୍ତନ ମେହେର, ଉପେନ ଦୀପ, ମନବୋଧ ହରପାଲ, ଜୁଲୁ ପଟ୍ଟନାୟକ, ପ୍ରଦୋଶ ପାଣିଗ୍ରାହୀ, ଖିରସାଗର ବର୍ମା, ଅରବିନ୍ଦ ସାହୁ, ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁପ୍ରବେଶକାରୀଙ୍କ ଭୂ-ସ୍ୱର୍ଗ ପାଲଟିଛି ସଇଁତଲା ସହର

ସଇଁତଲା,୨୬।୮ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ସହର ଏବେ ଅନୁପ୍ରବେଶକାରୀଙ୍କ ଭୂସ୍ୱର୍ଗ ପାଲଟିଛି। ବିଭିନ୍ନ ବ୍ୟବସାୟ ସାଙ୍ଗକୁ ରଙ୍ଗ କାମ, ମିସ୍ତ୍ରିକାମ ଆଳରେ ଏହି ସହରକୁ ବିଭିନ୍ନ ରାଜ୍ୟ ବାହାରର ଅଣଓଡ଼ିଆମାନେ ଆସି କାୟା ବିସ୍ତାର କରିବାରେ ଲାଗିଛନ୍ତି। ହଜାର ହଜାର ଶ୍ରମିକ ଅନ୍ୟ ରାଜ୍ୟକୁ ଯାଉଥିବା ବେଳେ ଖୋଦ ସଇଁତଲା ତଥା ଆଖପାଖ ଅଞ୍ଚଳରେ ଏହି ଅଣଓଡ଼ିଆଙ୍କ କାୟାବିସ୍ତାର ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧିର ଯଥେଷ୍ଟ କାରଣ ସାଜିଛି। ଆଗାମୀ ଦିନରେ ଏକ ଭୟଙ୍କର ପରିସ୍ଥିତିକୁ ଆମନ୍ତ୍ରଣ କରୁଥିବା ନେଇ ସଚେତନ ମହଲରେ ଆଲୋଚନା ହେଉଛି। ଏହି ସହରରେ ଅନେକ ସଂଖ୍ୟକ ଅଣଓଡ଼ିଆ ଶ୍ରମିକ ରହୁଥିଲେ ମଧ୍ୟ ପୁଲିସ ପାଖରେ ସେମାନଙ୍କ ପରିଚୟ ସଂପର୍କିତ ସୂଚନା ବିଲକୁଲ ନାହିଁ। ଏହି ଏହି ଅଣ ଓଡ଼ିଆ ଶ୍ରମିକମାନେ ଦଳ ଦଳ ହୋଇ ବିଭିନ୍ନ ଅଞ୍ଚଳରେ ଭଡ଼ାରେ ରେ କିମ୍ବା ନିର୍ମାଣାଧୀନ କୋଠା ଘରେ ରହି ନିର୍ମାଣ କାମ କରୁଛନ୍ତି। ଆହୁରି କେତେକ ବେଲୁନବାଲା, ଫେନସି ବାଲା, ପ୍ଲାଷ୍ଟିକ ଚୌକି, ଡ୍ରମ୍ ଓ ପଲିଥିନ ଜରି ବିକିବା ବାହାନାରେ ଆସି ଏଠାରେ ସ୍ଥାୟୀ ବାସିନ୍ଦା ହୋଇ ଯାଉଛନ୍ତି। ଏପରିକି ଯେଉଁ ଘର ଏମାନେ ନିର୍ମାଣ କାର୍ଯ୍ୟ କରୁଛନ୍ତି ସେହି ଘର ମାଲିକ ପାଖରେ ସୁଦ୍ଧା ସେମାନଙ୍କ ନାମ /ଠିକଣା ରହୁନାହିଁ। ତେଣୁ କିଛି ଅଘଟଣ ଘଟିବା ଆଗରୁ ସ୍ଥାନୀୟ ପ୍ରଶାସନ ତ୍ୱରିତ ପ୍ରତିଷେଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚେତନ ମହଲରେ ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।

### ● କଣ୍ଟାବାଞ୍ଜିରେ ଚେସ୍ ଟୁର୍ଣ୍ଣାମେଣ୍ଟ

# ଭାଗନେଲେ ୮୦ରୁ ଅଧିକ ପ୍ରତିଯୋଗୀ



କଣ୍ଟାବାଞ୍ଜି,୨୬।୮ (ସମିସ): ସ୍ଥାନୀୟ ମାନସ ଭବନରେ କଣ୍ଟାବାଞ୍ଜି ଚେସ୍ ଏସୋସିଏସନ ପକ୍ଷରୁ ଲୋକଲ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇ ଯାଇଛି। ପ୍ରତିଯୋଗିତାର ନିର୍ଦ୍ଦେଶକ ମଛିନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଚିନ୍ମୟ କୁମାର ଯୋଶୀ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଏଥିରେ ସଂମାନିତ ଅତିଥି ଭାବେ ଶିକ୍ଷକ ଶୁବେନ୍ଦୁ ମହାନ୍ତି, କଣ୍ଟାବାଞ୍ଜି ଚେସ୍ ଆସୋସିଏସନର ସଭାପତି ସୁକଦେବ ମହାନ୍ତି, ସଂଯୋଜକ ସତୀଶ ମାରୁ, କୋଷାଧ୍ୟକ୍ଷ କିରଣ ଶର୍ମା, ବିନୟ ବେହେରା, ଦେବେନ୍ଦ୍ର ଯୋଶୀ ଓ ଭବାନୀ ପ୍ରସାଦ ମେହେର, ମାରବାଡ଼ି ଯୁବା ମଞ୍ଚ ସଭାପତି ନିଖିଳ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଶୁଭାରମ୍ଭ ପରେ କଣ୍ଟାବାଞ୍ଜି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୬୦ରୁ ଅଧିକ ଛାତ୍ରଛାତ୍ରୀ ଓ ୨୪ ଜଣ ଅନ୍ୟ ପ୍ରତିଯୋଗୀ ଏହି ଚେସ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। ସିନିୟର ପ୍ରତିଯୋଗୀଙ୍କ ମଧ୍ୟରେ ସୁରେନ୍ଦ୍ର ବିଶି ପ୍ରଥମ ସ୍ଥାନ କରିଥିବାବେଳେ ୨ୟ ସ୍ଥାନରେ କେଶବ ଅଗ୍ରୱାଲ ରହିଥିଲେ।

ତୃତୀୟରେ ଅରବିନ୍ଦ ଚନ୍ଦନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜୁନିୟର ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ମୋହିତ ରାମ ସେଠ ରହିଥିବାବେଳେ ୨ୟରେ ସଙ୍କେତ ବେହେରା ଓ ତୃତୀୟରେ ଆୟୁଷ ଓଝାଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ନେତା ବେଦବ୍ୟାସ ନାଗ ଓ ବ୍ରଜେଶ ମିତ୍ତଲ ଯୋଗ ଦେଇଥିଲେ। ଦେବ କୁମାର ମହାନ୍ତି, ଧର୍ମୁ ବାଗ, ନବୀନ ଦୀପ, ପ୍ରଶାନ୍ତ ପାଢ଼ୀ, ତନ୍ମୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶକଙ୍କ ବଲାଙ୍ଗିର ଗସ୍ତ

ବଲାଙ୍ଗିର,୨୬।୮ (ସମିସ)



ରାଜ୍ୟ ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶକ ବିଜୟ ଭୂଷଣ ନନ୍ଦ ବଲାଙ୍ଗିର ଜିଲ୍ଲା ଗସ୍ତ କରିଛନ୍ତି। ଏହି ଅବସରରେ ସେ ଜିଲ୍ଲାରେ କୃଷି ପରିସଂଖ୍ୟାନ ରିପୋର୍ଟିଂ ଏଜେନ୍ସି ପ୍ରତିଷ୍ଠା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ପରିସଂଖ୍ୟାନର ଉନ୍ନତି, ଜାତୀୟ ନମୁନା ସର୍ଭେ, ସପ୍ତମ କ୍ଷୁଦ୍ର ଜଳସେଚନ ଜନଗଣନା ଏବଂ ଜଳାଶୟର ଦ୍ୱିତୀୟ ଗଣନା, ଏକାଦଶ କୃଷି ଜନଗଣନା, ମୂଲ୍ୟ ପରିସଂଖ୍ୟାନ, ଶିଳ୍ପ ବାର୍ଷିକ ସର୍ଭେ , ଶିଳ୍ପ ଉତ୍ପାଦନ ସୂଚକାଙ୍କ, ଉପଭୋକ୍ତା ଏବଂ ମୂଲ୍ୟ ସୂଚକାଙ୍କ, ସରକାରୀ ପରିସଂଖ୍ୟାନ/ପ୍ରକାଶନ, କୃଷି ଶ୍ରମିକ ମଜୁରୀ (ଗ୍ରାମୀଣ)(ସହରାଞ୍ଚଳ) ଏବଂ ସରକାରଙ୍କ ଅନ୍ୟାନ୍ୟ ଯୋଜନା/ ପ୍ରମୁଖ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସଂସଦ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, କ୍ରିଟିକାଲ୍ ଗ୍ୟାପ୍ ଫଣ୍ଡ ଇତ୍ୟାଦିକୁ ନେଇ ସେ ବଲାଙ୍ଗିର ଜିଲ୍ଲା ଯୋଜନା ଏବଂ ମନିଟରିଂ ୟୁନିଟ୍‌ର ଉପନିର୍ଦ୍ଦେଶକଙ୍କୁ ଯୋଜନା ଅଧୀନରେ ତଥ୍ୟ ଠିକ୍ ଭାବରେ ସଂଗ୍ରହ କରାଯାଇ ଗୁଣବତ୍ତା, ସ୍ୱଚ୍ଛତା ଏବଂ ସମୟସୀମା ବଜାୟ ରଖିବା ନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ପର୍ଯ୍ୟବେକ୍ଷକ ଓ ଅନ୍ୟାନ୍ୟ କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କୁ ନିୟମିତ କ୍ଷେତ୍ର ପରିଦର୍ଶନ କରିବା ଏବଂ ପ୍ରକୃତ ସମୟ ତଥ୍ୟ ସଂଗ୍ରହ କରି ନିର୍ଦ୍ଦିଷ୍ଟ ତଥ୍ୟ ଢାଞ୍ଚାରେ ବିଭିନ୍ନ ଋତୁରେ ଫସଲ କ୍ଷେତ୍ରରେ ପରିବର୍ତ୍ତନ, ବିଭିନ୍ନ ଫସଲର ଋତୁକାଳୀନତା, ଚାଷୀଙ୍କ ମଧ୍ୟରେ ଫସଲ ବୀମାର ସ୍ଥିତି ଇତ୍ୟାଦି ବିଷୟରେ ବୁଝିବାକୁ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ବର୍ତ୍ତମାନ, ରାଜ୍ୟ ସରକାର ଓ ଅର୍ଥନୈତିକ ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଡିଜିଟାଇଜଡ୍ ମୋଡ୍ ମାଧ୍ୟମରେ ଅଧିକ ପ୍ରାମାଣିକ ପରିସଂଖ୍ୟାନ ପାଇଁ ତଥ୍ୟ ସଂଗ୍ରହ ପ୍ରକ୍ରିୟାକୁ ବୃଦ୍ଧି କରିବାକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି। ସେ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ବିଭିନ୍ନ ଯୋଜନାରୁ ସଂଗୃହିତ ତଥ୍ୟ ଶେଷରେ ଦେଶର ଯୋଜନା ଏବଂ ବଜେଟ୍ ପ୍ରସ୍ତୁତି ପାଇଁ ଏବଂ ଦେଶ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୁଏ। ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି ଯେ କାର୍ଯ୍ୟାଳୟର ଭଲ କାର୍ଯ୍ୟକାରିତା ପାଇଁ ପରିସଂଖ୍ୟାନ ଏବଂ ଯୋଜନା ବିଭାଗ ଉଭୟ ଗୋଟିଏ ସ୍ଥାନରେ ରହିବା ଉଚିତ ଏବଂ ସେ ଅତିରିକ୍ତ ନିର୍ଦ୍ଦେଶକ ସମ୍ବଲପୁର ଓ ଉପ-ନିର୍ଦ୍ଦେଶକ ବଲାଙ୍ଗିର, ସହାୟକ ନିର୍ଦ୍ଦେଶକ ବଲାଙ୍ଗିର ସମ୍ଭାବ୍ୟତା ଅନୁସନ୍ଧାନ ଏବଂ ପାଣ୍ଠି ମଞ୍ଜୁର ପାଇଁ ଆକଳନ ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି। ସେ ବଲାଙ୍ଗିର ଉପ-ନିର୍ଦ୍ଦେଶକ (ଯୋଜନା ଏବଂ ପରିସଂଖ୍ୟାନ), ବଲାଙ୍ଗିର ଏବଂ ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସମ୍ମିଳନୀ ହଲ୍‌କୁ ଉପଯୁକ୍ତ ଭିଡିଓ କନଫରେନ୍ସିଂ ସୁବିଧା ସହିତ ଏକ ସର୍ବୋତ୍ତମ ସମ୍ମିଳନୀ ହଲରେ ବିକଶିତ କରନ୍ତୁ, ଯାହା ଦ୍ୱାରା ଅନଲାଇନ୍ ଏବଂ ଅଫଲାଇନ୍ ବୈଠକ ଉଭୟ ଆୟୋଜନ କରାଯାଇପାରିବ। ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ସେ ସପ୍ତମ କ୍ଷୁଦ୍ର ଜଳସେଚନ ଜନଗଣନା ଏବଂ ଜଳାଶୟର ଦ୍ୱିତୀୟ ଗଣନା ପାଇଁ ଗଣନାକାରୀଙ୍କ ତୁରନ୍ତ ଚୟନ ଉପରେ ଗୁରୁତ୍ୱାରୋପ କରିଛନ୍ତି। କ୍ଷୁଦ୍ର ଜଳସେଚନ ଜନଗଣନା ୧୫ ସେପ୍ଟେମ୍ବର ମଧ୍ୟରେ ସମାପ୍ତ ହେବା ଉଚିତ। ସେ ଡିପିଏମୟୁ ଅଧିକାରୀଙ୍କୁ ବିଭିନ୍ନ ଯୋଜନା ଅଧୀନରେ ସଂଗୃହିତ ତଥ୍ୟ ବିଶ୍ଳେଷଣ କରିବାକୁ ଏବଂ ପରାମର୍ଶକୁ ଜିଲ୍ଲା ପ୍ରଶାସନ ଏବଂ ନିର୍ଦ୍ଦେଶାଳୟକୁ ମୂଲ୍ୟାଙ୍କନ କରିବାକୁ ପରାମର୍ଶ ଦେଇଛନ୍ତି। ନିର୍ଦ୍ଦେଶକ ପାଟଣାଗଡ଼ ଏବଂ ଖପ୍ରାଖୋଲ ବ୍ଲକ ପରିଦର୍ଶନ କରିଛନ୍ତି। ସେ ପାଟଣାଗଡ଼ ବ୍ଲକ, ବ୍ଲକ ପରିସଂଖ୍ୟାନ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। କୋଠାଟି ଉପଯୁକ୍ତ ବ୍ୟବହାରରେ ନ ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସେ ଉପନିର୍ଦ୍ଦେଶକଙ୍କୁ ଏହାର ନବୀକରଣ ପାଇଁ ଏକ ଆକଳନ ପ୍ରସ୍ତୁତ କରିବା ଏବଂ ଏହାକୁ ଓଡ଼ିଶା, ଭୁବନେଶ୍ୱରର ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି। ତା'ପରେ ସେ ତାଳପଦର ଗ୍ରାମ ପରିଦର୍ଶନ କରି ସପ୍ତମ କ୍ଷୁଦ୍ର ଜଳସେଚନ ଜନଗଣନା ପ୍ରକଳ୍ପ ଦେଖିଛନ୍ତି। ସେ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। କ୍ଷେତ୍ର କର୍ମଚାରୀମାନଙ୍କୁ ଗାଁର ଠିକ୍ ଡାଟାବେସ୍ ବଜାୟ ରଖିବା ଏବଂ ଏହାକୁ ଠିକ୍ ଭାବରେ ଅପଲୋଡ୍ କରିବାକୁ ପରାମର୍ଶ ଦେଇଛନ୍ତି। ନିର୍ଦ୍ଦେଶକ ଖପ୍ରାଖୋଲ ବ୍ଲକରେ ଥିବା ବିଏସଓ କୋଠା ମଧ୍ୟ ପରିଦର୍ଶନ କରିଛନ୍ତି।

ପରିଦର୍ଶନ ସମୟରେ ସଂଜୟ ନନ୍ଦ, ଅତିରିକ୍ତ ନିର୍ଦ୍ଦେଶକ ସମ୍ବଲପୁର, ଅଙ୍କିତ କୁମାର ମହାକୁର, ଉପନିର୍ଦ୍ଦେଶକ, ସୁନ୍ଦର ମୋହନ ଖଣ୍ଡେଇ, ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ), ସଂଜୟ କୁମାର ଦୀପ, ସହକାରୀ ନିର୍ଦ୍ଦେଶକ (ଯୋଜନା), ଗଣେଶ୍ୱର ମାର୍ଣ୍ଡି (ପରିସଂଖ୍ୟାନ ଅଧିକାରୀ), ସୁଭ୍ରଜିତ ବେହେରା (ପରିସଂଖ୍ୟାନ ଅଧିକାରୀ), ବୃନ୍ଦାବନ ମନହିରା, ସୁମନ୍ତ ସୁନା, ଅଭିଷେକ ପାଢୀ, ଭିକାରୀ ନାଗ, ଦିବ୍ୟ ଚରଣ ଶତପଥୀ, ଭୂପେଶ ଭୁଏ ଏବଂ ମିସ୍ ବିନ୍ଦୁପ୍ରିୟା ଭୁଏ (ଜୁନିୟର ଆସିଷ୍ଟାଣ୍ଟ) ଉପସ୍ଥିତ ଥିଲେ।



## ଗାଣପତ୍ୟ ଓ ଶୈବ ଧର୍ମଧାରାର ମିଳନ ପୀଠ କୋକସରା

# ମହାଦେବଙ୍କ ପାର୍ଷଦ ଭାବେ ଆରାଧିତ ହୁଅନ୍ତି ଗଣପତି

କୋକସରା, ୨୬।୮ (ସମିସ)

ଆଦି ସଂସ୍କୃତିର ମାଟି କଳାହାଣ୍ଡିରେ ସମୟକ୍ରମେ ପଞ୍ଚ ଦେବାଦେବୀଙ୍କ ଆରାଧନା ଆରମ୍ଭ ହେଲା। ଅତିତରେ କଳାହାଣ୍ଡି ଏକ ସମୃଦ୍ଧ ସଭ୍ୟତାର ସ୍ମାରକୀ ବହନ କରି ଆସୁଥିବା କୋକସରା ବ୍ଲକ ଅନ୍ତର୍ଗତ ଗୁଡହାଣ୍ଡି ଗୁମ୍ଫା ଚିତ୍ର, ନର୍ଲା ନିକଟସ୍ଥ ଅସୁରଗଡ଼ ଦୁର୍ଗ ଓ ଦେବଗିରି-ବୁଢୀପଦରର ନଗର ସଭ୍ୟତାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ। ଗୁଡହାଣ୍ଡିର ପ୍ରାଗ୍ ଐତିହାସିକ ଯୁଗର ଗୁମ୍ଫା ଚିତ୍ର ୧୫ ହଜାର ବର୍ଷ ତଳର ବୋଲି ଆକଳନ କରାଯାଇଛି।ସେହିପରି ଅସୁରଗଡ଼ ଦୁର୍ଗ ଖ୍ରୀଷ୍ଟପୂର୍ବ ନବମ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ନବମ ଶତାବ୍ଦୀ ଏବଂ ଦେବଗିରି ବୁଢିପଦର ମଧ୍ୟ ଅସୁରଗଡ଼ର ସମସାମୟିକ ଥିବା ଐତିହାସିକମାନେ ମତ ପ୍ରକାଶ କରିଛନ୍ତି। ଆଦିମ ସଂସ୍କୃତିର ଅନେକ ଦେବାଦେବୀଙ୍କ ଉପାସନା ଆଜି ମଧ୍ୟ ପାରମ୍ପରିକ ରିତିନିତି ଅନୁସାରେ କଳାହାଣ୍ଡି ତଥା



କୋକସରାର ଗାଁ ଗାଁରେ ହୋଇ ଆସୁଛି। ତେବେ କେଉଁ ସମୟରେ ଏଠାରେ ବୈଦିକ ପୂଜା ପଦ୍ଧତି ଆରମ୍ଭ ହୋଇଥିଲା ତାହାର ସମୟ ନିର୍ଦ୍ଧାରଣ କରିବା ସମୟରେ ଛନ୍ଦି ହେବାକୁ ପଡ଼େ। ଏହି ଅଞ୍ଚଳରେ ବୌଦ୍ଧ ଧର୍ମର କୌଣସି ଛାପ ପଡ଼ି ନଥିବାବେଳେ ଶୈବ ଧର୍ମ ଆଦିବାସୀଙ୍କ ଧର୍ମାଚାର ପରେ ପରେ ଦ୍ୱିତୀୟ ସ୍ଥାନକୁ ଆସିଥାଏ, ଯଦିଓ ଏଠାରେ ଶକ୍ତି ଉପାସନା ମଧ୍ୟ ହେଉଥିଲା। କୋକସରାରେ ଶୈବ ଉପାସନା ସହ ସମାନ୍ତରାଳ ଭାବେ ଗଣପତି ଉପାସନା ମଧ୍ୟ ହୋଇ ଆସୁଥିବା ଅନୁମାନ କରାଯାଏ। ତେବେ ଏଠାରେ ଗଣପତି ମହାଦେବଙ୍କ ପାର୍ଶ୍ୱ ଦେବତା ଭାବେ ଆରଧିତ ହୋଇଥାନ୍ତି। କୋକସରା ବ୍ଲକରେ ଅନେକ ପ୍ରାଚୀନ ମନ୍ଦିର ରହିଛି ଯେଉଁଠାରେ ଭଗବାନ ଶିବ ମୁଖ୍ୟ ଦେବତା ଓ ଗଣପତି ତାଙ୍କ ପାର୍ଷଦ ଭାବେ ପୂଜିତ ହୋଇଥାନ୍ତି। ଏସବୁ ମନ୍ଦିର ମଧ୍ୟରୁ ମୂଷାପାଲିର ଗୁପ୍ତେଶ୍ୱର ମହାଦେବ, ବଡକେନ୍ଦୁଗୁଡା ଝାରବନ୍ଧର କାଳେଶ୍ୱର ମହାଦେବ, କୁସୁମଖୁଣ୍ଟିର ନୀଳକଣ୍ଠେଶ୍ୱର ମହାଦେବଙ୍କ ସମେତ ମୋଟେର, କୋକସରା, ଆଁଇଲି, ରେଙ୍ଗାଲପାଲି, ସିଉନୀ, ଗୋତମୁଣ୍ଡା, ଡେଙ୍ଗାଗୁଡା, ଭୁର୍ଷାଗୁଡା, ସାନପୋଡାଗୁଡା, ଖୁର୍ସେଲଗୁଡା, ହଂସପଡ଼ା, ଲଡୁଗାଁ, କୁମୁଡାମୁଣ୍ଡା, ବଡ଼ପୋଡ଼ାଗୁଡ଼ା, ସିଉନୀ, ବରାଡଙ୍ଗା, ଭାଲିଆଯୋର, ଡୁମେରବାହାଲ, ଝରିଆଗୁଡା, ଡହଗାଁ ଆଦି ଶୈବପୀଠ ପ୍ରଧାନ। ଶୈବଧର୍ମ ସହ ଶାକ୍ତ ଓ ଗାଣପତ୍ୟ ଧର୍ମଧାରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ଆସିଛି। ସମୟକ୍ରମେ ପ୍ରକୃତିର ପୂଜକ ଆଦିବାସୀଙ୍କ ଧର୍ମାଚାର ମଧ୍ୟରେ ବୈଦିକ କର୍ମକାଣ୍ଡ ଓ ମୂର୍ତ୍ତି ପୂଜା ପ୍ରବେଶ କରିଛି। ଏଠାକୁ ବିଭିନ୍ନ ଜାତିର ଲୋକମାନେ ଆସି ସ୍ଥାୟୀ ଭାବରେ ବସବାସ କରି ରହିଛନ୍ତି। ସନାତନ ଧର୍ମଧାରାରେ ପଞ୍ଚ ଦେବତାଙ୍କ ମଧ୍ୟରୁ ଗଣେଶ ଅଗ୍ରପୂଜ୍ୟ ଭାବେ ମାନ୍ୟତା ପାଇ ଆସୁଛନ୍ତି। ତେବେ ସମୟର ପଟ୍ଟ ପରିବର୍ତ୍ତନ ସତ୍ତ୍ୱେ ମଧ୍ୟ ଆଦିବାସୀଙ୍କ ଧର୍ମଧାରା ଓ ଗଣପତି ଉପାସନାରେ କୌଣସି ବ୍ୟତିକ୍ରମ ଘଟିନାହିଁ। ଗଣପତି ଶିବଙ୍କ ପାର୍ଷଦ ଭାବେ ଅଧିକ ଗ୍ରହଣୀୟ ହୋଇଥିବା ଏଥିରୁ ଅନୁମାନ କରାଯାଏ।

## ୩ ଜଣଙ୍କୁ ଶର ମାରି ଅଭିଯୁକ୍ତ ଫେରାର



କୋମନା, ୨୬।୮ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ସୁନାବେଡ଼ା ଅଭୟାରଣ୍ୟ ଯୋଗୀମୁଣ୍ଡା ଗାଁରେ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ଗାଁର ୩ ଜଣଙ୍କୁ ତୀରମାରି ଫେରାର ହୋଇଯାଇଛି।ବର୍ତ୍ତମାନ ସୁଦ୍ଧା ୩ ଜଣ ଗୁରୁତର ଅବସ୍ଥାରେ ଅଛନ୍ତି। ଯୋଗୀମୁଣ୍ଡା ଗାଁର ରୂପଧର ପହରିଆ ଗାଁର ମଙ୍ଗଲୁ ପହରିଆ (୪୦), ସନ୍ତୋଷ ପହରିଆ(୧୦) ଓ ମହିଳା ସୁକୁରବାରୀ ପହରିଆଙ୍କୁ ତୀର ମାରି ଫେରାର ହୋଇ ଯାଇଛି। କାହିଁକି ଓ କେଉଁ ପରିସ୍ଥିତିରେ ତୀର ମାରିଲା ଜଣାପଡ଼ିନାହିଁ। ଗୁରୁତରଙ୍କୁ ସୁନାବେଡ଼ା ମେଡିକାଲରେ ଚିକିତ୍ସିତ କରା ଯାଇଛି। ଗୁରୁତର ଅବସ୍ଥାରେ ମଙ୍ଗଲୁ ଓ ସନ୍ତୋଷଙ୍କୁ ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇ ଥିବା ବେଳେ ସୁକୁରବାରୀଙ୍କୁ ତାଙ୍କ ସ୍ୱାମୀ ସୁନାବେଡ଼ା ମେଡିକାଲରୁ ବିନା ଚିକିତ୍ସାରେ ଘରକୁ ନେଇ ଯାଇଥିଲେ। ଅପରପଟରେ ବିଳମ୍ବରେ ଆମ୍ବୁଲାନ୍ସ ଆସିବାରୁ ଗୁରୁତରଙ୍କୁ ଅଧିକ ଚିକିତ୍ସା ପାଇଁ ନୂଆପଡ଼ା ସ୍ଥାନାନ୍ତର କରିବାକୁ ଡେରି ହୋଇଛି। ଯାହାଦ୍ୱାରା ସ୍ଥାନୀୟରେ ଅସନ୍ତୋଷ ଦେଖାଦେଇଛି।

## ବଗିଚାରେ ପଶି ନଷ୍ଟ କଲା ଦନ୍ତା

ମ.ରାମପୁର, ୨୬।୮ (ସମିସ):କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ମ.ରାମପୁର ରେଞ୍ଜ ଅଞ୍ଚଳରେ ଏକ ଗୋଠଛଡା ଦନ୍ତା ରାତି ହେଲେ ଜନବସତି ମୁହାଁ ହେଉଛି।



ମ.ରାମପୁର ବୁରାଟଠାରେ ଥିବା ପ୍ରଶାନ୍ତ ସାମନ୍ତରାଙ୍କ ବଗିଚାରେ ରାତିରେ ଦନ୍ତା ପଶି ଆସି ବ୍ୟାପକ କ୍ଷୟକ୍ଷତି କରିଥିବା ଦେଖାଯାଇଛି। ପ୍ରାୟ ପନ୍ଦରଟି ନଡିଆ ଗଛକୁ ସମ୍ପୂର୍ଣ୍ଣ ଉପାଡି ଦେଇଥିବା ବେଳେ ବଗିଚାରେ ବ୍ୟାପକ କ୍ଷତି କରିଛି।ଏନେଇ ଶ୍ରୀ ସାମନ୍ତରା ମ.ରାମପୁର ରେଞ୍ଜ ଅଧିକାରୀ ଅସିତ କୁମାର ଦାଶଙ୍କୁ ଅଭିଯୋଗ କରିବା ପରେ ଶ୍ରୀ ଦାଶ ବଗିଚାକୁ ଯାଇ ହେଇଥିବା କ୍ଷୟକ୍ଷତି ଦେଖିବା ସହିତ ହାତୀର ପାଦ ଚିହ୍ନକୁ ଦେଖି ଏକ ବଡଦନ୍ତା ବୋଲି କହିଛନ୍ତି।କ୍ଷତିର ଆକଳନ ସହିତ କ୍ଷତିପୂରଣ ପାଇଁ ଶ୍ରୀ ସାମନ୍ତରା ବନବିଭାଗକୁ ଲିଖିତ ଦରଖାସ୍ତ କରିଥିବା କହିଛନ୍ତି।

## ନୂତନ କୃଷି ସମବାୟ ସମିତି ଉଦ୍‌ଘାଟିତ



ନୂଆପଡ଼ା/ଖଡ଼ିଆଳ, ୨୬।୮ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଭୋଜପୁର ପଞ୍ଚାୟତରେ ନୂତନ କୃଷି ସମବାୟକେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ। ଡିଆରସିଏସ ଶିବ ପ୍ରସାଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟଅତିଥି, ଏଆରସିଏସ କ୍ଷମା ମାଝୀ, ସେବାସମବାୟ ସମିତି ସଭାପତି ନନ୍ଦ ଲାଲ ପାଣ୍ଡେ, କୃଷି ସମବାୟ ଅଧିକାରୀ ଥବିର ତାଣ୍ଡି, ଉପସଭାପତି କୁନ୍ତଳା ଭୋଇ, ସଭ୍ୟା ଟିକ୍କଣୀ ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଣିକି ଚାଷୀମାନେ ଦ୍ୱାର ମୁହଁରେ କୃଷି ସେବା ପାଇପାରିବେ।ସମସ୍ତେ ସକ୍ଷମ ହୁଅନ୍ତୁ ଏବଂ ଚାଷ କ୍ଷେତ୍ରରେ ନୂଆପଡ଼ା ଜିଲ୍ଲାକୁ ସ୍ୱତନ୍ତ୍ର ପରିଚୟ ଦେବା ବୋଲି ଜିଲ୍ଲାପାଳ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲୋକେଶ୍ୱର ବେହେରା, ଦେବଦେବ ଭୋଇ, ବିନୋଦ ବାଗ, ସଞ୍ଜୁ ପାଣ୍ଡେ, ସୁରେଶ ଭୋଇ, ଭୋଦେବ ମାଝୀ, ରାକେଶ ଭୋଇ, ଭାସ୍କରଚିନା ଗୁନ, ନରେନ୍ଦ୍ର ସାହୁ, ଭୁବନ ବନଛୋର, ହୃଦୟ ନାଗଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପଦ୍ମଶ୍ରୀ ବିନୋଦ ପଶାୟତ ଏବଂ ରଙ୍କମଣି ବାରିକଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭବାନୀପାଟଣା, ୨୬।୮ (ସମିସ): ମଙ୍ଗଳବାର ସନ୍ଧ୍ୟାରେ ନିଖିଳ ଉତ୍କଳ ବାରିକ ସମିତି କଳାହାଣ୍ଡି ଜିଲ୍ଲା ପକ୍ଷରୁ ଅଣଗେଜେଟ ବନ କର୍ମଚାରୀ ସଭାଗୃହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ନିଖିଳ ଉତ୍କଳ ବାରିକ ସମିତିର ରାଜ୍ୟ ଉପସଭାପତି ହିରାଲାଲ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ।ପ୍ରଥମେ ପଦ୍ମଶ୍ରୀ ବିନୋଦ ପଶାୟତ ଓ ସମାଜ ସଂସ୍କାରକ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ରଙ୍କମଣି ବାରିକଙ୍କ ଦିବଂଗତ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ବିନୋଦ ପଶାୟତ ଏକାଧାରରେ ଜଣେ ସମ୍ବଲପୁରୀ ଗୀତିକାର, ନାଟ୍ୟକାର ଓ ସମ୍ବଲପୁର ବାରିକ ସମାଜର ସଭାପତି ରହି ଆସିଥିଲେ। ସ୍ୱର୍ଗତ ପଶାୟତଙ୍କ ୧୯୭୮ ମସିହାରେ କଳାହାଣ୍ଡିର ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସମର୍ପଣ ପାଇଁ ରଚିତ ଗୀତ ବାଜୁଛେ ମାଦଲ ଆସ ଏ ବଉଲ କୁରେଇ ଫୁଲ କଳାପ୍ରେମୀଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇ ପାରିଛି। ହାଏ କୃଷ୍ଣ ହାଏ କୃଷ୍ଣ ବୋଲି ଯାଉ ମୋର ଜୀବନ, ଗୁଟେ ଅକ୍ଷରର ମହତ, ନାଟକ ମଧ୍ୟରେ ଉଖୀ, ମୁଇଁ ନାଇଁ ମରେ ଭଳି କାଳଜୟୀ ନାଟକ ରଚନା କରି ସମ୍ବଲପୁରୀ ଭାଷାକୁ ସାରା ଭାରତରେ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ଶ୍ରୀ ପଶାୟତଙ୍କ ଅବଦାନ ଚିର ସ୍ମରଣୀୟ। ସେହିଭଳି ବରଗଡ଼ ପାଇକମାଳ ନିକଟ ପଲସଦାନିବାସୀ ସମାଜ ସଂସ୍କାରକ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ରଙ୍କମଣି ବାରିକ ଶୃଙ୍ଖଳିତ ସମାଜ ପାଇଁ ଏକ ମାର୍ଗଦର୍ଶିକା ଓ ନିୟମାବଳୀ ରଚନା କରି ଶୃଙ୍ଖଳିତ ସମାଜ ଗଠନ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଲମ୍ବୋଦର ବେହେରା, କମ୍ବୁପାଣି ପରିଛା, ଭଗବାନ ବିଶୋଇ, ବସନ୍ତ କୁମାର ବାରିକ, ସୂରୁ ବାରିକ, ଅଜୟ କୁମାର ଡାକୁଆ ପ୍ରମୁଖ ଯୋଗ ଦେଇଥିଲେ।

## ତାଲୁକ ଆଇନ୍‌ସେବା ସମିତି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଥୁଆମୂଳରାମପୁର, ୨୬।୮ (ସମିସ):କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକସଦର ପଞ୍ଚାୟତର ପିଣ୍ଡାପଦର ଠାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଜନକଲ୍ୟାଣ ଯୋଜନା ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଥୁଆମୂଳରାମପୁର ତାଲୁକ ଆଇନ୍ ସେବା ସମିତି ଦ୍ୱାରା ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ନିଜ ବିଭାଗ ଦ୍ୱାରା ସମ୍ପାଦିତ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ଅବଗତ କରାଇବା ପାଇଁ ବିଭିନ୍ନ ବିଭାଗକୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ଡ.ତାରିଣୀ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଥୁଆମୂଳରାମପୁର ସରପଞ୍ଚ ଶ୍ରୀମତୀ ବିଜୟା ମାଝୀ, ଆବାସ ଯୋଜନା ସଂଯୋଜକ ରାଜେନ୍ଦ୍ର ନାରାୟଣ ଦେବ, ମିଶନଶକ୍ତି ଭାରପ୍ରାପ୍ତ ବିପିଏମ୍ ପ୍ରତାପ ନାୟକ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପିଣ୍ଡାପଦର ସମେତ, ମେଲକୁନ୍ଦେଲ, ବଡବଣ୍ଡେଲ ଏବଂ ଘୁଟିଗୁଡା ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୋର୍ଟର ମୁଖ୍ୟ କିରାଣୀ ଅଶୋକ ସାହୁ, ବରିଷ୍ଠ ଆଇନଜୀବୀ ଦେବଦତ୍ତ ଯୋଷୀ, ଆଇନଜୀବୀ ମନୋରଞ୍ଜନ ନାଏକ, ଆଇନଜୀବୀ ଦିଲ୍ଲୀପ କୁମାର ନାଏକ, ଆଇନଜୀବୀ ପ୍ରିୟଙ୍କା ମାଝୀ ପ୍ରମୁଖ ଉପସ୍ଥିତ ରହି ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଆଇନଗତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

## ଟ୍ରକ୍‌କୁ ପିଟିଲା ଅଟୋ;ଜଣେ ମୃତ, ୨ ଗୁରୁତର



କେସିଙ୍ଗା, ୨୬।୮ (ସମିସ) ଦୁଇ ଦିନ ପରେ ଗଣପର୍ବ ନୂଆଁଖାଇ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇଥିବା ଦାଦନ ଶ୍ରମିକ ମାନେ ଗଣପର୍ବ ପାଇଁ ଘରମୁହାଁ ୧୫ ଦିନରୁ ଅଧିକ ହେଲାଣି କେସିଙ୍ଗା ରେଳ ଷ୍ଟେସନରେ ଦାଦନ ଭିଡ଼ ଲାଗିଛି।ସୋମବାର ରାତି ୧୦ ଟା ସମୟରେ ତାମିଲନାଡୁରୁ ଆସି କେସିଙ୍ଗା ରେଳଷ୍ଟେସନରେ ଟ୍ରେନରୁ ଓହ୍ଲାଇ କଳାହାଣ୍ଡି ଜିଲ୍ଲା ରାମପୁର ଥାନା କର୍ଲାଭାଡିକୁ ଯିବା ପାଇଁ ତାଙ୍କ ଗ୍ରାମରୁ ଆସିଥିବା ଅଟୋ ଗାଡ଼ିରେ ପ୍ରାୟ ୯ ରୁ ୧୦ ଜଣ ଦାଦନ ଯାଉଥିଲେ।କେସିଙ୍ଗା ଥାନା ତୁର୍ଲାଖମନ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ରାସ୍ତା କଡରେ ରଖି ଡ୍ରାଇଭର ବିଶ୍ରାମ ନେଉଥିବା ସମୟରେ ଉକ୍ତ ଟ୍ରକ୍‌ର ପଛରେ ଅଟୋ ଜୋର୍‌ରେ ଧକ୍କା ଦେଇଥିଲା।ଫଳରେ ଅଟୋରେ ବସିଥିବା ୯ ରୁ ୧୦ ଜଣ ଶ୍ରମିକ ଆହତ ହୋଇଥିଲେ।ପୁଣି ସେହି ୯ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ଦାଦନଙ୍କୁ ପ୍ରଥମେ କେସିଙ୍ଗା ଓ ପରେ ଭବାନୀପାଟଣା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।ଘଟଣାପରେ ସ୍ଥାନୀୟ କେସିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବାଲି ତୃତୀୟା ବ୍ରତ ପାଳିଲେ ମହିଳା

ବେହେରା, ୨୬।୮ (ସମିସ):କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ଠାରେ ମହିଳାମାନେ ହାରିତାଳିକା ବା ବାଲି ତୃତୀୟା ବ୍ରତ ପାଳନ କରିଛନ୍ତି। ଭାଦ୍ର ଶୁକ୍ଳପକ୍ଷ ତୃତୀୟା ତିଥିରେ ବ୍ରତ ପାଳନ କରାଯାଏ। ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ବ୍ରତ ପାଳନ କରିଥାନ୍ତି। କେତେକ ସ୍ଥାନରେ ଅବିବାହିତ ଝିଅମାନେ ସର୍ବଗୁଣ ସମ୍ପନ୍ନ ସ୍ୱାମୀ ପାଇବା ପାଇଁ ବ୍ରତ ପାଳିଥାନ୍ତି। ବ୍ରତ ଧାରିଣୀ ନିଷ୍ଠାର ସହ ତୃତୀୟା ସୂର୍ଯ୍ୟୋଦୟଠାରୁ ୪ର୍ଥୀ ପ୍ରତ୍ୟୁଷ ପର୍ଯ୍ୟନ୍ତ ଉପବାସ ରହିଥାନ୍ତି। କିମ୍ବଦନ୍ତୀ ଅନୁଯାୟୀ ମା' ପାର୍ବତୀ ମୃତ୍ୟୁଞ୍ଜୟୀ ଶିବଙ୍କୁ ପତି ରୂପେ ପାଇବା ପାଇଁ କୈଳାସ ପର୍ବତରେ କଠୋର ତପସ୍ୟା କରିଥିଲେ। ଶିବ ସନ୍ତୁଷ୍ଟ ହୋଇ ତାଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ। ସେହି ଅନୁଯାୟୀ ନାରୀମାନେ ବାଲିତୃତୀୟା ସକାଳେ ନଦୀ କିମ୍ବା ପୁଷ୍କରିଣୀରେ ସ୍ନାନ କରି ସାତମୁଠା ବାଲି ଆଣିଥିଲେ। ସେହିବାଲିରେ ଜଳାଶୟ କୂଳରେ ଶିବଲିଙ୍ଗ ସ୍ଥାପନା କରି ପୂଜା କରିଥିଲେ। ପୁଣି ସେହି ଦିନ ଅପରାହ୍ନରେ ମହିଳାମାନେ ନଦୀରେ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ ପୂର୍ବକ ଘର ଅଗଣା ତୁଳସୀ ଚଉରା ମୂଳେ ବାଲିରେ ଶିବ ଲିଙ୍ଗ ସ୍ଥାପନା କରିଥିଲେ। ପରେ ବିଭିନ୍ନ ପୂଜା ସାମଗ୍ରୀ ରଖି ନିଷ୍ଠାର ସହ ଶିବଙ୍କୁ ପୂଜାର୍ଚ୍ଚନା କରିଥିଲେ।ବୁଧବାର ସକାଳୁ ସେମାନେ ନଦୀରେ ବାଲୁକା ବିସର୍ଜନ କରି ସ୍ନାନ ସମ୍ପନ୍ନ କରି ବ୍ରତ ଉଦ୍‌ଯାପନ କରିବେ।

## ଏକ୍ସ-କ୍ୟାଡର ଶିକ୍ଷକଙ୍କ ଜିଲ୍ଲାସ୍ତରୀୟ ବୈଠକ

ଭବାନୀପାଟଣା, ୨୬।୮ (ସମିସ):ସ୍ଥାନୀୟ ଉପର କଣ୍ଟାବାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ କଳାହାଣ୍ଡି ଜିଲ୍ଲା ଏକ୍ସ-କ୍ୟାଡର ସଂଘର ସଭାପତି ସୁବ୍ରତ ଦଣ୍ଡସେନାଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।ଉକ୍ତ ବୈଠକରେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବା ସହିତ ଜିଲ୍ଲା ସାଧାରଣ ସମ୍ପାଦକ ପଦବୀରୁ ପ୍ରଶାନ୍ତ ଖମାରୀଙ୍କୁ ବହିଷ୍କାର କରି କୈଳାଶ ବିଶିଙ୍କୁ କଳାହାଣ୍ଡି ଜିଲ୍ଲା ସାଧାରଣ ସମ୍ପାଦକ ପଦବୀରେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହାସଂଘ ସଭାପତି ଜୟନ୍ତୀଲାଲ ସାହୁ, ସମ୍ମାନନିୟ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ, ରାଜ୍ୟ ଉପସଭାପତି



ସପ୍ତମ କିଶୋର ବେହେରା ଯୋଗ ଦେଇଥିବାବେଳେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ସାହୁ, ଜିଲ୍ଲା ମହାସଚିବ ଲଳିତ ନାଏକ, ଜିଲ୍ଲା ଉପସଭାପତି ଗଗନ ପଟ୍ଟନାୟକ, ଅନିଲ ପଟ୍ଟନାୟକ, ଦିଲ୍ଲୀପ ପରିଛା, ନୀଳାମ୍ବର ସାହା, ସାଙ୍ଗଠନିକ ସମ୍ପାଦକ ଘାସିରାମ ଖାଡ଼ଙ୍ଗା, ଲକ୍ଷ୍ମୀକାନ୍ତ ନାଏକ, ଜଳନ୍ଧର ତାଣ୍ଡି, ସୁଦାମ ରାଉତ, କୁଞ୍ଜ ମିଶ୍ର, ସାନ ନାଏକ, କଳାହାଣ୍ଡି ଜିଲ୍ଲା କର୍ମକର୍ତ୍ତା, ସମସ୍ତ ବ୍ଲକ ସଭାପତି, ସମ୍ପାଦକ ତଥା ସମସ୍ତ ବ୍ଲକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘର ଶ୍ରଦ୍ଧାଞ୍ଜଳି ସଭା



ଭବାନୀପାଟଣା, ୨୬।୮ (ସମିସ):କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଶନିବାର ଭବାନୀପାଟଣା ସ୍ଥିତ କାର୍ଯ୍ୟାଳୟରେ ସ୍ୱର୍ଗତ ପ୍ରବୀଣ ଖମାରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଘରୋଇ ବସ ମାଲିକ ସଂଘର ସଭାପତି ପ୍ରବୋଧ ରଥ ସଭାପତିତ୍ୱ କରିଥିଲେ।ସଭାରେ ସଂଘର ବରିଷ୍ଠ ସଦସ୍ୟ ମାନସ ରଞ୍ଜନ ଦାଶ, କାଶୀନାଥ ହୋତା, ବଟକୃଷ୍ଣ ବେହେରା ପ୍ରଧାନ, ସନ୍ଦୀପ ଦାଶ, ଧବଳେଶ୍ୱର ମହାପାତ୍ର, ସତ୍ୟ ରଥ ପ୍ରମୁଖ ଯୋଗଦେଇ ଦିବଂଗତ ପ୍ରବୀଣ ଖମାରୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସଭାରେ ଅନ୍ୟାନ ସଦସ୍ୟଭାବେ ମୋହିତ ଦାସ, ଅରୁଣ ରଥ, ଅଭିଷେକ ହୋତା, ବୀର ପ୍ରହରାଜ, ନରେଶ ପଟ୍ଟନାୟକ, ସନ୍ତୋଷ ମହାପାତ୍ର, ଜାମିନୀ ମାଝୀ, ସରୋଜ ଚନ୍ଦ୍ର ସାହୁ, ଅବଦୁଲ ରେହମାନ ଖାଁ, ଅମିତ କୁମାର ମୁଣ୍ଡ, ପ୍ରତୀକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ୨୨ ଅପରାହ୍ନରେ କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘର ସାଧାରଣସମ୍ପାଦକ ପ୍ରବୀଣ ଖମାରୀ (ମୁନା)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ଶ୍ରୀ ଖମାରୀଙ୍କ କାର୍ଯ୍ୟଦକ୍ଷତା ଏବଂ ସାଂଗଠନିକ କ୍ଷେତ୍ରରେ ଦୃଢମୋନଭାବର ବିଭିନ୍ନ ଦିଗକୁ ସ୍ମରଣ କରି ଗଭୀର ଦୁଃଖ ପ୍ରକାଶ କରିଥିଲେ।

## କଳାହାଣ୍ଡି ଜିଲ୍ଲା ଗସ୍ତରେ ବିଜେପି ରାଜ୍ୟ ସଭାପତି

# ଜାତୀୟ ରାଜନୀତିରେ ସରକାରକୁ ଆସିବା କଂଗ୍ରେସର ଦିବାସ୍ୱପ୍ନ

ଭବାନୀପାଟଣା, ୨୬।୮ (ସମିସ)

ଜାତୀୟ ରାଜନୀତିକୁ ଫେରିବା ପାଇଁ କଂଗ୍ରେସ ଯେତେ କସରତ କଲେ ମଧ୍ୟ ତାହା ଦିବାସ୍ୱପ୍ନ ହୋଇ ରହିଯିବ।ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ସମସ୍ତ କାର୍ଯ୍ୟ ଆଜି ବିଶ୍ୱ ଦେଖୁଛି। ତେଣୁ ଭଲ ମନ୍ଦ ବିଚାର କରିବା ଶକ୍ତି ୧୪୦ କୋଟି ଜନସାଧାରଣଙ୍କ ନିକଟରେ ରହିଛି।କଂଗ୍ରେସ ସବୁ ଚେଷ୍ଟା ସତ୍ତ୍ୱେ ଗ୍ରହଣୀୟ ହୋଇପାରୁନି ବୋଲି ଶାସକ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର କଳାହାଣ୍ଡି ଗସ୍ତରେ ଆସି ପ୍ରକାଶ କରିଥିଲେ। ଶ୍ରୀ ସାମଲ ସଡ଼କପଥରେ ଜିଲ୍ଲାର ପ୍ରବେଶ ଦ୍ୱାର ଅମାଠ ଛକରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଦଳୀୟନେତୃବୃନ୍ଦ ସ୍ୱାଗତ ଜଣାଇଥିଲେ। ଏହାପରେ ଶ୍ରୀ ସାମଲଙ୍କ ବିରାଟ ପଟୁଆରରେ ଆସି ଟାଉନହଲରେ ପହଞ୍ଚିଥିଲା। ସେଠାରେ ଦଳ ତରଫରୁ ରାଜ୍ୟ ସଭାପତିଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ଜିଲ୍ଲା




ସଭାପତି ଯୁଗଳ କିଶୋର ପୋଦ୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମୀ ଓ ନେତାଙ୍କୁ ଗୁରୁମନ୍ତ୍ର ଦେଇ କହିଥିଲେ ଯେ ତ୍ୟାଗ, ତପସ୍ୟା, ସାଧନା ଓ ଆଧବିଶ୍ୱାସକୁ ଆୟୁଧ କରି ତୃଣମୂଳସ୍ତରରେ କାର୍ଯ୍ୟକଲେ ଦଳ ସମୃଦ୍ଧ ହୋଇପାରିବ। ସମାବେଶରେ ରାଜ୍ୟ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ତଥା ଅଣୁ, କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ ନାଏକ, ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ପ୍ରଧାନ, ରମେଶଚନ୍ଦ୍ର ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ପୂର୍ବତନ ଜିଲ୍ଲା ସଭାପତି ସୁନୀଲ ବେହେରା, ଶେଷଦେବ ବେହେରା, ଧନଞ୍ଜୟ ପାତ୍ର, ଦେବେନ୍ଦ୍ର ମହାନ୍ତି, ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଭାପତି ଶ୍ରୀ ପୋଦ୍ଦାର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଅନାମ ନାଏକ, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ପ୍ରଦୀପ କୁମାର ଦାସଙ୍କ ସମେତ ଜିଲ୍ଲା ଓ ମଣ୍ଡଳସ୍ତରୀୟ ସଭାପତି, ସମ୍ପାଦକ ତଥା ବହୁସଂଖ୍ୟାରେ ମହିଳା ଓ ପୁରୁଷ ଦଳୀୟ କର୍ମୀ ଯୋଗଦେଇଥିଲେ। ସେହିପରି ୨୦ରୁ ଅଧିକ ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟା ମଧ୍ୟ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଥିବା ଜଣାପଡ଼ିଛି। ଦଳ ତରଫରୁ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କ ସମେତ ଅନ୍ୟ ନେତୃବୃନ୍ଦ ସେମାନଙ୍କୁ ଦଳୀୟ ଉତ୍ତରୀୟ ସହିତ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଟିପ୍ପଣୀ ଦେଇଥିଲେ। କିନ୍ତୁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସହିତ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଏବଂ ନିଗମ ଗୁଡିକର ଅଧ୍ୟକ୍ଷ ନିଯୁକ୍ତି କେବେ ବୋଲି ପ୍ରଶ୍ନର ଉତ୍ତରକୁ ଏଡାଇ ଦେଇଥିଲେ। ସାମ୍ବାଦିକ ସମ୍ମିଳନୀକୁ ମିଡିଆ ସେଲ ତରଫରୁ ନରହରି ପଟ୍ଟନାୟକ ପରିଚାଳନା କରିଥିଲେ।



ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର।
-ନେଲ୍‌ସନ୍ ମାଣ୍ଡେଲା

ସକାଳ
THE SAKALA

# କୃଷି-ଆତଙ୍କବାଦ

ସମୟ ବଦଳିବା ସହିତ ଆତଙ୍କବାଦର ସଂଜ୍ଞା, ଚରିତ୍ର ଓ ରୂପ ବଦଳିବାରେ ଲାଗିଛି। ଗୁଳିଗୋଳା, ହତ୍ୟା, ରକ୍ତପାତରୁ ଆରମ୍ଭ ହୋଇଥିବା ଆତଙ୍କ ଇତିମଧ୍ୟରେ ସାଇବର ବା କମ୍ପ୍ୟୁଟର ବାଟ ଦେଇ ଏବେ ବିଜ୍ଞାନଗାରରୁ ଜନ୍ମ ନେଉଛି। ପରିବର୍ତ୍ତିତ କୌଶଳରେ ଆତଙ୍କବାଦୀ ସାମ୍ନାକୁ ଆସୁ ନାହିଁ, କିନ୍ତୁ ତାହାର ପରାଭବର ପରିସର ଏକ ବିରାଟ ଅଞ୍ଚଳରେ ଅନୁଭୂତ ହେଉଛି। ପ୍ରାୟ ପାଞ୍ଚବର୍ଷ ତଳେ କୋଭିଡ୍-୧୯ର ଆତଙ୍କରେ ସମଗ୍ର ବିଶ୍ୱ ଥରିଉଠିଥିଲା, ଯାହାର ପ୍ରଭାବ ଏବେ ମଧ୍ୟ ସମ୍ପୂର୍ଣ୍ଣ ବିଲୋପ ହୋଇନାହିଁ। ପ୍ରମାଣିତ ନ ହେଲେ ମଧ୍ୟ ଏହାପଛରେ ଟିକା କମ୍ପାନୀଙ୍କ ବିଧିବଦ୍ଧ ଷଡ଼ଯନ୍ତ୍ର କ୍ରମଶଃ ପଦାକୁ ଆସୁଛି। କୋଭିଡ୍ ବା ସାର୍ସ ଆତଙ୍କବାଦର ଜନ୍ମପୀଠ ଚୀନ୍‌ରୁ ଏବେ ସେଭଳି ଆଉ ଏକ ଜୈବ ଆତଙ୍କ ଜନ୍ମ ନେଇ ଧୀରେ ଧୀରେ ବିଶ୍ୱ କୃଷି କ୍ଷେତ୍ରକୁ ପ୍ରଭାବିତ କରିବା ଆରମ୍ଭ କରିଛି।

ଗତ ଜୁନ୍ ମାସରେ ଚୀନ୍‌ର ଦୁଇଜଣ ଗୁପ୍ତଚର ଜୈବବିଜ୍ଞାନୀଙ୍କୁ ଆମେରିକା ପୁଲିସ୍ ସନ୍ଦେହରେ ଗିରଫ କରିବା ପରେ ଏହି ତଥ୍ୟ ପ୍ରଘଟ ହୋଇଥିଲା। ସେମାନେ ମାରାତ୍ମକ ଫୋଙ୍ଗସ୍ ବା କବକଜାତୀୟ ହାନିକାରକ ବୀଜାଣୁକୁ ଆମେରିକାର ସୋୟାବିନ୍ ଶସ୍ୟ କ୍ଷେତ୍ରରେ ପ୍ରୟୋଗ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିସାରିଥିବା ବେଳେ ଧରାପଡ଼ିଥିଲେ। ଫ୍ୟୁଜାରିୟମ୍ ଗ୍ରାମିନିରମ୍ ନାମକ ଏହି କବକ ଏତେ ଶକ୍ତିଶାଳୀ ଯେ ଏକରଏକର ବ୍ୟାପୀ ଶସ୍ୟ କ୍ଷେତ୍ରକୁ ଧ୍ୱଂସ କରିଦେଇପାରେ। ବିଶେଷକରି ଗହମ, ବାର୍ଲି, ମକା ଓ ଧାନକୁ ଏହା ସହଜରେ ଆକ୍ରମଣ କରିପାରେ। ଗବେଷଣାରୁ ଜଣାପଡ଼ିଛି ଯେ ଏହି ଫୋଙ୍ଗସ୍ କେବଳ ଶସ୍ୟକୁ ନଷ୍ଟ କରେ ନାହିଁ, ଯେଉଁ କେତେକ ଶସ୍ୟ ସଂଘର୍ଷ ଦ୍ୱାରା ବଞ୍ଚିଯାଆନ୍ତି ସେଥିରୁ ଭୋମିଟୋକ୍ସିନ୍ ନାମକ ଏକ ବିଷାକ୍ତ ରସାୟନ କ୍ଷରଣ ହୁଏ, ଯାହା ମଣିଷ ଓ ପଶୁମାନଙ୍କ ପ୍ରତି ଅତି ହାନିକାରକ। ଏହି କବକ ଆକ୍ରମଣରେ ଏ ପର୍ଯ୍ୟନ୍ତ ଆମେରିକାରେ ବାର୍ଷିକ ୧୦୦ କୋଟି ଡଲାରର ଶସ୍ୟ ହାନି ହୋଇସାରିଲାଣି।

ଏହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି କୀଟନାଶକ ଉଦ୍‌ଭାବନ ହୋଇ ନ ଥିବାରୁ ଅନ୍ତତଃ ଆଗାମୀ କିଛିବର୍ଷ ପର୍ଯ୍ୟନ୍ତ ଚୀନ୍ ବିଜ୍ଞାନାଗାରରୁ ଜନ୍ମ ନେଇଥିବା ଫୋଙ୍ଗସ୍ ବିଶ୍ୱ ଶସ୍ୟ କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିବା ସୁନିଶ୍ଚିତ। ଧୀରେ ଧୀରେ ସେଗୁଡ଼ିକ ସମଗ୍ର ଅଞ୍ଚଳ, ଦେଶ ଏପରିକି ଆମଦାନୀ-ରପ୍ତାନୀ ଜରିଆରେ ସାରା ପୃଥିବୀକୁ ବ୍ୟାପୀ ବିଶ୍ୱ ଖାଦ୍ୟ ନିରାପତ୍ତାକୁ ପ୍ରଭାବିତ କରିବାର ଆଶଙ୍କା ପ୍ରକାଶ ପାଇଛି। କୃଷି-ଜୈବ-ରସାୟନ ବିଜ୍ଞାନୀମାନେ ଏହାକୁ 'ଆଗ୍ରୋ-ଟେରରିଜିମ୍' ବା 'କୃଷି-ଆତଙ୍କବାଦ' ଭାବରେ ଅଭିହିତ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଆମେରିକା-ଚୀନ୍ ବାଣିଜ୍ୟ ରାଜିନାମା ଘୁଞ୍ଚି ଯାଇଛି ଏବଂ ଚୀନ୍ ଛାତ୍ରଛାତ୍ରୀଙ୍କ ଭିସା ଉପରେ ଆମେରିକା ପୁଣି ଥରେ କଟକଣା ଜାରି କରିଛି। ଅପରପକ୍ଷରେ ଚିରାଚରିତ ଢଙ୍ଗରେ ଚୀନ୍ ଆମେରିକାରର ଅଭିଯୋଗକୁ ଅସ୍ୱୀକାର କରିଛି।

ଆମେରିକା-ଚୀନ୍ ବାଣିଜ୍ୟିକ ତିକ୍ତତା ପୃଷ୍ଠଭୂମିରେ ଚୀନ୍‌ର ଏଭଳି କୃଷି ଆତଙ୍କବାଦ କେତେକାଂଶରେ ଗ୍ରହଣ କରାଯାଇପାରେ। କିନ୍ତୁ ଚୀନ୍‌ର ଏହି ଦୁଷ୍ଟାମୀରୁ ଯେ ଭାରତର କୃଷି କ୍ଷେତ୍ର ସୁରକ୍ଷିତ ରହିବ ତାହା ଆଶା କରିବା ବୃଥା। ଏବେ ଜାମ୍ମୁ-କାଶ୍ମୀର ସେଉ ଚାଷକୁ ଏକ ନୂଆ ଧରଣର ଫୋଙ୍ଗସ୍ ଆକ୍ରମଣ କରିଥିବା ସୂଚନା ମିଳିଛି। ସେଥିରେ ସେଉ କଷି ଥିବା ଅବସ୍ଥାରେ ହିଁ କଳା କଳା ଦାଗ ସୃଷ୍ଟି ହେଉଛି ଏବଂ ସମ୍ପୂର୍ଣ୍ଣ ଗଛ ଶୁଖି କଳା ପଡ଼ିଯାଉଛି। ଏହାକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି ପ୍ରାଥମିକ ଆକଳନ କରାଯାଇଛି। କିନ୍ତୁ ଆମେରିକାରୁ ଚୀନ୍ ଜୀବବିଜ୍ଞାନୀ ଗୁପ୍ତଚର ଗିରଫ ହେବା ପରେ ଭାରତରେ ଜାମ୍ମୁକାଶ୍ମୀର ସେଉ ଚାଷରେ ଦେଖାଦେଇଥିବା ରୋଗକୁ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ।

ପ୍ରୟୋଗକର୍ତ୍ତା ପାଇଁ କୃଷି ଆତଙ୍କବାଦ ସବୁଠାରୁ ସୁଲଭ, ସୁରକ୍ଷିତ ଓ ପ୍ରଭାବଶାଳୀ ଅସ୍ତ୍ର। କାରଣ ଏହା ସହଜରେ ଧରାପଡ଼େ ନାହିଁ କି ପ୍ରୟୋଗକାରୀର ପ୍ରମାଣ ରହେ ନାହିଁ। ବହୁ ଅଳ୍ପ ଖର୍ଚ୍ଚରେ ଶତ୍ରୁ ଦେଶ ବିରୋଧରେ ଏହାକୁ ପ୍ରୟୋଗ କରାଯାଇପାରେ, ଯାହା ମନ୍ଥର ବିଷ ଭଳି ସେହି ଦେଶର କୃଷି-ଅର୍ଥନୀତିକୁ ଧ୍ୱସ୍ତ କରିବାରେ ଅଭୂତପୂର୍ବ ସଫଳତା ଅର୍ଜନ କରିପାରେ। କୃଷି ଉତ୍ପାଦ ଯେ ଜୈବ ଆତଙ୍କବାଦର ମାଧ୍ୟମ ହୋଇପାରିବ, ସେହି ଧାରଣା ଓ ବିଶ୍ୱାସ ଆପାତତଃ ଦୃଢ଼ ହୋଇନଥିବାରୁ ସେ କ୍ଷେତ୍ରରେ ସେତେଟା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ସନ୍ଦେହ ହେଲେ ମଧ୍ୟ ଆମଦାନୀ ଶସ୍ୟକୁ ଗୋଟିଗୋଟି କରି ଯାଞ୍ଚ କରିବା ଏକପ୍ରକାର ଅସମ୍ଭବ ବ୍ୟାପାର। ଖାଦ୍ୟ ସୁରକ୍ଷାରେ ଆମେରିକାର ସତର୍କତା ସର୍ବାଗ୍ରେ। ଯେତେବେଳେ ସେହି ଦେଶ ହିଁ କୃଷି-ଆତଙ୍କବାଦକୁ ପ୍ରତିହତ କରିପାରିଲା ନାହିଁ, ଅନ୍ୟ ଦେଶ କଥା ନ କହିବା ଭଲ। ତେଣୁ ଚୀନ୍ ଏବେ କୃଷି କ୍ଷେତ୍ରକୁ ହିଁ ଲକ୍ଷ୍ୟ କରିଛି।

ଶତ୍ରୁ ବିପକ୍ଷରେ ଜୈବ-ରସାୟନ ଆକ୍ରମଣ ନୂଆ କୌଶଳ ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ପରବର୍ତ୍ତୀ ସମୟରେ ଏଭଳି ଜୈବାସ୍ତ୍ର ପ୍ରୟୋଗ ହୋଇଥିବାର ପ୍ରମାଣ ରହିଛି। ଏପରିକି ପ୍ରଥମ ବିଶ୍ୱଯୁଦ୍ଧର ବହୁପୂର୍ବରୁ ପ୍ଲେଗ୍, ବସନ୍ତ, ହାଡ଼ଫୁଟି, ହଇଜା ଆଦି ମାରାତ୍ମକ ପ୍ରାଣଘାତୀ ମହାମାରୀ ଜୀବାଣୁ ଶତ୍ରୁ ଦେଶର ସୈନିକଙ୍କ ବିରୋଧରେ ପ୍ରୟୋଗ କରି ଯୁଦ୍ଧ ଜିତିବାର କଳାକୌଶଳରେ ଇତିହାସ ସମୃଦ୍ଧ। କିନ୍ତୁ କାଳକ୍ରମେ ସେହିସବୁ ମହାମାରୀ ପ୍ରତିଷେଧକ ଓ ନିରୋଧକ ଟିକା ଓ ଔଷଧ ଉଦ୍ଭାବନ ହୋଇସାରିବା ପରେ ସେହି ଜୈବାସ୍ତ୍ର ଆଉ କାଟୁ କରୁନାହିଁ। ତା'ବଦଳରେ ସାର୍ସ, କୋଭିଡ୍ ଭୂତାଣୁ ପରି ନୂଆ ନୂଆ ଭୂତାଣୁ ପ୍ରୟୋଗ କୌଶଳ ଉଦ୍‌ଭାବନ ହେବାରେ ଲାଗିଛି। ଏହିକ୍ରମରେ କୃଷି-ଆତଙ୍କବାଦ ଏକ ନୂଆ ପ୍ରଭାବଶାଳୀ କୌଶଳ ରୂପେ ଆତ୍ମପ୍ରକାଶ କରିଛି।

କୋଭିଡ୍ ୧୯ ଭଳି ମ୍ୟୁଟେସନ୍ ପ୍ରକ୍ରିୟାରେ ଏହି କବକ ବାରମ୍ବାର ଚରିତ୍ର ପରିବର୍ତ୍ତନ କରି ନୂଆ ପ୍ରଜାତି ସୃଷ୍ଟି କରିବାରେ ସକ୍ଷମ ବୋଲି ପ୍ରାଥମିକ ଗବେଷଣାରୁ ଜଣାପଡ଼ିଛି। ତେଣୁ ଆଗାମୀ ଦିନରେ ଗୋଟିଏ ନିର୍ଦ୍ଦିଷ୍ଟ କୀଟନାଶକ ଏକ୍ଷେତ୍ରରେ ପ୍ରଭାବଶାଳୀ ହେବ ନାହିଁ। ହୁଏତ କୋଭିଡ୍ ଟିକା ଭଳି ଏହା କୀଟନାଶକ କମ୍ପାନୀମାନଙ୍କର ଏକ ଅଭିସନ୍ଧି ହୋଇପାରେ। କିନ୍ତୁ ଆଗାମୀ ଦିନରେ ଯେ ଆମ ଜୀବନଧାରଣର ଉପାଦାନ ଆଉ ସୁରକ୍ଷିତ ନୁହେଁ ତାହା ଅବଧାର୍ଯ୍ୟ। କେତେବେଳେ କେଉଁ ଜରିଆରେ ଏଭଳି ହାନିକାରକ କବକ ଆମ ଶରୀରତନ୍ତ୍ରରେ ପ୍ରବେଶ କରିବ ତାହା କେହି ନିଶ୍ଚିତ କରିପାରିବେ ନାହିଁ। ତେଣୁ ଆଗାମୀ ସାଂଘାଇ ସହଯୋଗ ପରିଷଦ ବୈଠକରେ ଭାରତ ଏ ସମ୍ପର୍କରେ ଆଲୋଚନା ପାଇଁ ପ୍ରସ୍ତାବ ଓ ଦାବି ଜୋରଦାର କରିବା ଆବଶ୍ୟକ। ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଜାତିସଂଘ ନେତୃତ୍ୱରେ ଏବେଠାରୁ ବିଶ୍ୱ ମଞ୍ଚ ପ୍ରଭାବଶାଳୀ ଢଙ୍ଗରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ହେବ।

# ଗାଁରୁ ଆରମ୍ଭ ହେଉ ଜୈବଚାଷର ମୂଳଦୁଆ

ଡି ଶୁଭମ୍

ଗ୍ରାମୀଣ ଜୀବନର ପରିଭାଷା ସବୁବେଳେ ସ୍ୱତନ୍ତ୍ର। ଗାଁ ମାଟିର ବାସ୍ନା ଆଜି ବି ସମସ୍ତଙ୍କୁ ମୋହିତ କରେ। ସହରୀକରଣ ଭିତରେ ଆମେ ଯେବେ ଶିଳ୍ପ ବିପ୍ଳବର କଥା କହୁ ସେବେ ଗ୍ରାମୀଣ ଜୀବନର ଅକୁହା କଥା ମନକୁ ଆନ୍ଦୋଳିତ କରେ। ଗାଁ ରୁ ହିଁ ଆରମ୍ଭ ହୁଏ ଯେକୌଣସି ଯୋଜନାର ସଫଳତାର ଫର୍ଦ୍ଦ। ଏହି ଉପକ୍ରମରେ ଗାଁର ଅସଜଡ଼ା କଥାକୁ ସଜାଡ଼ିବାରେ ପଞ୍ଚାୟତର ଭୂମିକା ଅନିବାର୍ଯ୍ୟ। ପଞ୍ଚାୟତିରାଜ ଦିବସର ଇତିହାସ ଭାରତର ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହ ଗାଁର ଲୋକମାନଙ୍କ ମତ ପରିପ୍ରକାଶ କରିବାରେ ମଧ୍ୟ ଯଥାସମ୍ଭବ ସାହାଯ୍ୟ କରେ। ଭାରତର ପାରମ୍ପରିକ ଗ୍ରାମ ପରିଷଦ ବ୍ୟବସ୍ଥାର ଏକ ଦୀର୍ଘ ଇତିହାସ ରହିଛି, ଯାହା ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା। କୃଷି, ଜଳ, ପରିମଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ବିଭିନ୍ନ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଏବଂ ପଦକ୍ଷେପଗୁଡ଼ିକର ତଦାରଖ ଏବଂ କାର୍ଯ୍ୟକାରୀ କରିବା ସହ ଗାଁରେ ଭିତ୍ତିଭୂମିର ବିକାଶ ଦିଗରେ ପଞ୍ଚାୟତର ଭୂମିକା ସର୍ବାଗ୍ରେ ଥାଏ। ପଞ୍ଚାୟତଗୁଡ଼ିକ ସାମାଜିକ ସଶକ୍ତୀକରଣ ଓ ବିକାଶକୁ ପ୍ରୋତ୍ସାହିତ କରିବା ସହ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ନିଜ ପଞ୍ଚାୟତର ଅନ୍ତିମ ଅଧିବାସୀ ଯାଏଁ ଯୋଜନାର ଲାଭ ପହଁଚିବା ସୁନିଶ୍ଚିତ କରିବା ଏବଂ ପରିବେଶ ସୁରକ୍ଷା ଓ ସଂରକ୍ଷଣରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଆମେ ଯେବେ ବି ଚାଷ ଓ ଚାଷୀର କଥା କହୁ ସବୁବେଳେ ଗାଁର କଥା ଆସେ। ଗ୍ରାମୀଣ ଜୀବନରେ ଚାଷର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ, ରାଜ୍ୟର ଅର୍ଥନୀତିକୁ ସୁଧାରିବାରେ ଏହାର ଅବଦାନ ତତୋଧିକ। ରାଜ୍ୟ ଓ ଦେଶର ବିକାଶରେ କୃଷିକୁ ପ୍ରଥମ ଇଞ୍ଜିନ କୁହାଯାଉଥିବା ବେଳେ ଏହାର ମୂଳଭିତ୍ତି ଆମ ସମସ୍ତଙ୍କ ସହଭାଗିତା ଉପରେ ନିର୍ଭର କରେ। ଗାଁ ମାଟିରୁ କିପରି ଏହି ସଫଳତାର ଧ୍ୱଜା ପ୍ରତିଟି ଜିଲ୍ଲା, ରାଜ୍ୟ ଓ ଦେଶରେ ପହଁଚିବ ତାହାର ଦାୟିତ୍ୱ ଆମମାନଙ୍କର। ଏ ଦିଗରେ ଜୈବ ଚାଷର ଭୂମିକା କଥା କାହାକୁ ବୁଝାଇବାର ଆବଶ୍ୟକତା ନାହିଁ। କାରଣ ଆମେ ନିଜେ ଜାଣିଛନ୍ତି ଜୈବ ଚାଷ ଓ ଏହାର ଉପକାରିତା ବିଷୟରେ। ଏ ଦିଗରେ ପ୍ରତି ପଞ୍ଚାୟତରେ ଜୈବ କୃଷକ ସମୂହ ଗଠନ ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହେଉ।

ରାସାୟନିକ ଚାଷ ଅମଳ ଉତ୍ପାଦନ ବଢ଼ାଏ। ଅପରପକ୍ଷରେ ଜୈବ ଚାଷରେ ଉତ୍ପାଦନ ଅପେକ୍ଷାକୃତ କମ୍ ଏକଥା ସମସ୍ତେ ଜାଣନ୍ତି। ତେଣୁ ଜୈବ ଚାଷକୁ ବିରୋଧ କରନ୍ତି। କିନ୍ତୁ ଆପଣ ଆଜି ଗାଁକୁ ଯା'ନ୍ତୁ, ଦେଖିବେ ଜୈବ ଚାଷର ପରିବେଶକୁ। ପ୍ରତିଟି ଗାଁର ଚାଷୀ ନିଜେ କହିବେ ଜୈବ ଚାଷର ଉପକାରିତା। ଆମେ ଚିରସ୍ଥାୟୀ କୃଷି ଦିଗରେ କାର୍ଯ୍ୟ କରୁଛୁ। ଅମଳ ବୃଦ୍ଧି ଆଉ ଅଧିକ ଟଙ୍କା ଆଶାରେ ଆମେ ନିଜ ଜ୍ଞାତସାରରେ ଯଦି ନିଜ ପରିବାର ଲୋକଙ୍କୁ ବିଷ ଖୁଆଇବା, ଏହାଠାରୁ ବଡ଼ ପାପର କଥା କିଛି ବି ନ ହୋଇପାରେ। ୧୯୬୦ ମସିହାରେ ସବୁଜ ବିପ୍ଳବ କୃଷି କ୍ଷେତ୍ରରେ ପରିସ୍ଥିତିକୁ ବଦଳାଇ ଦେଇଥିଲା, ଯେଉଁଠାରେ ଚାଷୀମାନଙ୍କୁ ଖାଦ୍ୟ ସୁରକ୍ଷା ବଜାୟ ରଖିବା ପାଇଁ ଅଧିକ ଅମଳକ୍ଷମ ବିହନ ଏବଂ ସାର ସହିତ ପରିଚିତ କରାଯାଇଥିଲା। ଏହା ଉତ୍ପାଦନ ବୃଦ୍ଧି ଲାଭ ସୁନିଶ୍ଚିତ କରିଥିଲା, କିନ୍ତୁ ଶେଷରେ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ଜମି ଅନୁର୍ବର ହୋଇପଡୁଥିଲା। ଯେତେ ଅଧିକ ଅମଳକ୍ଷମ ବିହନ ଜମିରେ ବ୍ୟବହାର କରାଯାଏ, ଗଛ ସେତେ ଅଧିକ ପୋଷକତତ୍ତ୍ୱ ମାଟିରୁ ଗ୍ରହଣ କରିବାକୁ ବାଧ୍ୟ ହୁଏ।

ଆଜିକାଲି ଅନେକଗୁଡ଼ିଏ ଏଫପିଓ ବା କୃଷକ ଉତ୍ପାଦକ ସଂଗଠନମାନ ଗାଁ ମାନଙ୍କରେ ଗଠନ ହେଲାଣି। କିନ୍ତୁ ଗାଁର କଥା ଟିକେ ଅଲଗା। ଚାଷ ବାସ ସାରି ସନ୍ଧ୍ୟାରେ ଗାଁର ଚାଷୀ ଯେବେ ଏକାଠି ହୁଅନ୍ତି, ଅନେକ କଥା ସେଠାରେ ଆଲୋଚନା ହୁଏ। ଅନେକ ସମୟରେ ଯେବେ କ୍ଷେତ୍ର ପରିଦର୍ଶନରେ ଗାଁମାନଙ୍କୁ ଯାଉ ସେବେ ସଂଧ୍ୟାରେ ସେଠାରେ ସମୟ ଅତିବାହିତ କରି ଗ୍ରାମୀଣ ଅର୍ଥନୀତିକୁ ବୁଝିବାକୁ ଚେଷ୍ଟା କରୁ। ଉପଲବ୍ଧି ହୁଏ ଯେ ଗାଁରେ ଚାଷୀ ସମୂହ ହିଁ ବିକାଶର ମଙ୍ଗ ଧରିବା ପାଇଁ ସର୍ବୋତ୍ତମ। ପଞ୍ଚାୟତ ସ୍ତରରୁ ଏହା ଆରମ୍ଭ ହୋଇ ଜଣେ ଜଣେ ଅଧିକାରୀ ଗାଁ ମାନଙ୍କରେ ଏହି କାର୍ଯ୍ୟକୁ ପରିଚାଳନା କରିବା ଦିଗରେ ସାହାଯ୍ୟ କରିବା ଆବଶ୍ୟକ। ଏହି ଜୈବ କୃଷକ ସମୂହ ବା ଅର୍ଗାନିକ ଫାର୍ମର କ୍ଲଷ୍ଟର ସବୁ ପଞ୍ଚାୟତ ଗଠନ ହେବା ଜରୁରୀ। ଯଦି ଆମେ ଜୈବ ଚାଷକୁ ଅଧିକରୁ ଅଧିକ ପ୍ରସାର କରିବାକୁ ଚାହିଁବା ଏହାର ଗୁରୁତ୍ୱ ସୁଦୂରପ୍ରସାରୀ ହେବ।

ପ୍ରଥମରେ ପଞ୍ଚାୟତ ସ୍ତରରେ ଜୈବ କୃଷକ ସମୂହ ସବୁ ସମୟରେ ଗାଁ ମାନଙ୍କରେ ଜୈବ ଚାଷର ଉପକାରିତା ସହ ଏହାର ବର୍ତ୍ତମାନ ସ୍ଥିତି ବିଷୟରେ ଚାଷୀ ଓ ଜନସାଧାରଣଙ୍କୁ ଅବଗତ କରାଇବେ। ସାର ବିଷ ବନାମ ଜୈବ ସାର ଏହାର କାର୍ଯ୍ୟଶୈଳୀ ଏବଂ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଚାଷୀମାନଙ୍କୁ ବୁଝାଇବେ। କର୍ମଶାଳାର ଆୟୋଜନ କେବଳ ପ୍ରଶିକ୍ଷଣ ନୁହେଁ, ବରଂ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରି ଏହାକୁ କିପରି ଚାଷୀ ନିଜ ଜମିରେ ପ୍ରୟୋଗ କରିବେ ସେ ଦିଗରେ କାର୍ଯ୍ୟକରିବାକୁ ପଡ଼ିବ। ଆମେ ସମସ୍ତେ ଜାଣିଛୁ ଜୈବିକ ଚାଷରେ ଉତ୍ପାଦନ ଅପେକ୍ଷାକୃତ କମ୍। କିନ୍ତୁ ଏହାକୁ ଭାବି ଯଦି ଆମେ ମାଟିରେ ଅଧିକରୁ ଅଧିକ ସାର ବିଷ ପ୍ରୟୋଗ କରିବା ଏହା ଆମକୁ ଅଧିକ ଅମଳ ଦେବ, କିନ୍ତୁ ଶରୀରକୁ ରୋଗାକ୍ରାନ୍ତ କରିବ। ତେଣୁ ଶରୀରକୁ ସୁସ୍ଥ କରିବା ସହ ଏହା ସବୁଜ ପରିବେଶ ଗଠନ ଦିଗରେ ଜୈବିକ କୃଷି ସହାୟକ ହେବ। ଜୀବାମୃତ, ଘନଜୀବାମୃତର ଉପକାରିତାକୁ କେବଳ ପାଟିରେ କହିଦେଲେ ନୁହେଁ, ବରଂ ଏହାକୁ ପ୍ରୟୋଗ କରି କିପରି ମାଟିରେ ଅଣୁଜୀବଙ୍କ ସଂଖ୍ୟା ବଢ଼ିବ, ତାହାକୁ ଚାଷ ଜମିରେ ପ୍ରୟୋଗ କରିବାକୁ ପଡ଼ିବ। ରାଜ୍ୟ ଓ କେନ୍ଦ୍ର ସ୍ତରରେ ଜୈବ ଚାଷର ପ୍ରସାର ଦିଗରେ କାମ କରୁଥିବା ଅନୁଷ୍ଠାନ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେଇ ଏହି କ୍ଲଷ୍ଟରଗୁଡ଼ିକର ଉନ୍ନତ କାର୍ଯ୍ୟଶୈଳୀ ଦିଗରେ ଚେଷ୍ଟା କରିବା ଆବଶ୍ୟକ।

ଏହି କୃଷକ ସମୂହ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ସରକାରୀ ଯୋଜନା ସହାୟତାରେ ନିଜର ଏଫପିଓ ଗଠନ କରିପାରିବେ। ପଞ୍ଚାୟତର ସରପଞ୍ଚମାନେ ଏ ଦିଗରେ ଏକ ପାଇଲଟ ମୋଡ୍‌ରେ କାର୍ଯ୍ୟ କରିବା ଆବଶ୍ୟକ। ସପ୍ତାହରେ ଥରେ ଅନ୍ତତଃ ପ୍ରତି ଗାଁକୁ ଯାଇ ଏହି କୃଷକ ସମୂହମାନଙ୍କ ମନୋବଳ ବୃଦ୍ଧି କରିବାରେ ସାହାଯ୍ୟ କରିପାରିବେ। ପ୍ରଥମାବସ୍ଥାରେ କିଛି କିଛି ପଞ୍ଚୟତରୁ ଏହା ଆରମ୍ଭ ହେଲେ ପରବର୍ତ୍ତୀ ଅବସ୍ଥାରେ ଏହା ସମ୍ପୂର୍ଣ୍ଣ ଓଡ଼ିଶାରେ ପରିବ୍ୟାପ୍ତ ହୋଇପାରିବ। ଏହି କୃଷକ ସମୂହ ଦେଶୀ ବିହନ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରିବା ସହ ଅନ୍ୟ ଇଚ୍ଛୁକ ଚାଷୀମାନଙ୍କୁ ଏହାକୁ ପରୋକ୍ଷରେ ଯୋଗାଇ ଦେବାର ମାନସିକତା ସବୁ ଚାଷୀଙ୍କ ପାଖରେ ରହିବାର ଅବାଶ୍ୟତକା ଅଛି। ସେମାନଙ୍କର ଉତ୍ପାଦ କିପରି ସଠିକ ଭାବେ ବିକ୍ରୟ ହୋଇପାରିବ ସେ ଦିଗରେ ସରକାରୀ ଓ ବେସରକାରୀ ସ୍ତରରେ ଚିନ୍ତା କରିବାର ଅଛି। ଓଏନଡିସି ପ୍ଲାଟଫର୍ମ ମାଧ୍ୟମରେ ଚାଷୀମାନେ ନିଜ ଉତ୍ପାଦକୁ ବିକ୍ରୟ କରିପାରିବେ। ଜୈବ ଉତ୍ପାଦକୁ ପ୍ରମାଣୀକରଣ କରିବା ସହ ପ୍ରମାଣିତ ଉତ୍ପାଦକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ବିକ୍ରୟ କରିବା ଦିଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉ। ଚାଷୀଙ୍କ ଉତ୍ପାଦ ବିକ୍ରୟ ହୋଇପାରିଲେ ହିଁ ସେମାନେ ଅଧିକ ଚାଷ କରିବା ଦିଗରେ ଆଗ୍ରହୀ ହେବ। ଗୋଟିଏ ଜମିରେ ଗୋଟିଏ ଫସଲ ଚାଷ ନ କରି ଫସଲ ବିବିଧିକରଣକୁ ଗୁରୁତ୍ୱ ଦେବା ଆବଶ୍ୟକ। ଏସବୁର ମିଳିତ ସମନ୍ୱୟ ରହିଲେ ହିଁ ଏକ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହୋଇପାରିବ।

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା)
ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯

# ଏସି ତାପମାତ୍ରା ନିୟନ୍ତ୍ରଣ

ଇଂ ମାୟାଧର ସ୍ୱାଇଁ

ଦିନକୁ ଦିନ ପୃଥିବୀ ଉଷ୍ମ ହେବାରେ ଲାଗିଛି ଏବଂ ଏହା ସହିତ ଏୟାର କଣ୍ଡିସନିଂ (ଏସି)ର ବ୍ୟବହାର ବଢ଼ିବାରେ ଲାଗିଛି। ଘରେ ବ୍ୟବହୃତ ସମସ୍ତ ବୈଦ୍ୟୁତିକ ସରଞ୍ଜାମ ମଧ୍ୟରେ ଏସିରେ ସର୍ବାଧିକ ବିଦ୍ୟୁତ୍ ଖର୍ଚ୍ଚ ହୋଇଥାଏ। ଏହା ମଧ୍ୟ ବିଦ୍ୟୁତ୍ ଗ୍ରୀଡ ଉପରେ ଅଧିକ ଚାପ ପକାଇଥାଏ। ଖରାଦିନେ ଅଧିକ ବିଦ୍ୟୁତ୍ ଚାହିଦା ଥିବାରୁ ବିଦ୍ୟୁତ୍ କମ୍ପାନୀକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଗତ ଜୁନ୍ ମାସରେ ଦେଶରେ ସର୍ବାଧିକ ବିଦ୍ୟୁତ୍ ଚାହିଦା ୨୪୧୦୦୦ ମେଗାୱାଟ ଥିଲା ଏବଂ ଏଥିପାଇଁ ଏସି ହେଉଛି ମୁଖ୍ୟତଃ ଦାୟୀ।

ଏସି କୋଠରି ଭିତରୁ ଗରମ ବାୟୁକୁ ନେଇ ବାହାରେ ଛାଡ଼ିଦିଏ। ଅନ୍ୟ କେତେକ ଏସି କୋଠରି ଥଣ୍ଡା କରିବା ସହିତ ଶୀତଦିନେ ଏହାକୁ ଉଷ୍ମ ରଖିବା ପାଇଁ ଡିଜାଇନ ହୋଇଥାଏ। ଏସି ଏକ ରେଫ୍ରିଜିରାଣ୍ଟ ବ୍ୟବହାର କରେ, ଯାହା କୋଠରିର ଉତ୍ତାପକୁ ଶୋଷଣ କରେ ଏବଂ କମ୍ପ୍ରେସର ଦ୍ୱାରା ଏହାକୁ ବାହାରରକୁ ପଠାଇଦିଏ। ଶୀତଦିନେ କୋଠରିକୁ ଉଷ୍ମ ରଖିବା ପାଇଁ ଏହା ଭିତରେ ତାପକ ବା ହିଟର୍ ଥାଏ। ଏଣୁ ଏହାର ନାମ ହେଉଛି ଏୟାରକଣ୍ଡିସନର ବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର। ନିକଟରେ କେନ୍ଦ୍ର ସରକାର ଏସି ତାପମାତ୍ରା ସେଟିଂକୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ପ୍ରସ୍ତାବ ଦେଇଛନ୍ତି ଏବଂ ଏହା ଖୁବ୍ ଶୀଘ୍ର ଆଇନ୍‌ରେ ରୂପାନ୍ତରିତ ହେବ ବୋଲି ପ୍ରକାଶ କରିଛନ୍ତି। ତାପମାତ୍ରା ସେଟିଂକୁ ୨୦ ଡିଗ୍ରୀ ଓ ୨୮ ଡିଗ୍ରୀ ସେଲସିୟସ ମଧ୍ୟରେ ରଖିବା ହେଉଛି ଏହି ପ୍ରସ୍ତାବ। ସରକାରଙ୍କ ଅନୁଯାୟୀ ଆମମାନଙ୍କର ଆରାମ ପାଇଁ ଏହି ତାପମାତ୍ରା ପରିସର ହେଉଛି ଯଥେଷ୍ଟ। ଏହି ନିୟମ ପ୍ରଣୟନ କରିବାର ଉଚିତ୍ କାରଣ ଅଛି। ତାପମାତ୍ରା ଯେତେ କମ୍ କରିବା, ଏସି ସେହି ଅନୁଯାୟୀ ଅଧିକ କାର୍ଯ୍ୟ କରିବ ଏବଂ ଏହା ଅଧିକ ବିଦ୍ୟୁତ୍ ବ୍ୟବହାର କରିବ। ଶକ୍ତି ମନ୍ତ୍ରଣାଳୟ ଅନୁଯାୟୀ ଏହାର ତାପମାତ୍ରା ସେଟିଂରେ ପ୍ରତି ଏକ ଡିଗ୍ରୀ ବୃଦ୍ଧି ପାଇଁ ଛଅ ପ୍ରତିଶତ ବିଦ୍ୟୁତ୍ ସଞ୍ଚୟ ହେବ। ଉଦାହରଣ ସ୍ୱରୂପ, ୨୪ ଡିଗ୍ରୀ ସେଲସିୟସ ତୁଳନାରେ ୧୮ ଡିଗ୍ରୀରେ ୩୬ ପ୍ରତିଶତ ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହେବ।

ସାଧାରଣତଃ ଏସି ୨୦ ଡିଗ୍ରୀ ଓ ୨୮ ଡିଗ୍ରୀ ସେଲସିୟସ ତାପମାତ୍ରା ମଧ୍ୟରେ ଅଧିକ ଦକ୍ଷତାର ସହିତ କାର୍ଯ୍ୟ କରିଥାଏ। ଅନେକ ଗୃହ, ବ୍ୟାବସାୟିକ ପ୍ରତିଷ୍ଠାନ ଆଦିରେ ତାପମାତ୍ରାକୁ ୧୫ ଡିଗ୍ରୀ ସେଲସିୟସ୍‌ରେ ରଖା ଯାଇଥାଏ। କେତେକଙ୍କର ଧାରଣା ଯେ ତାପମାତ୍ରା କମ୍ କଲେ କୋଠରି ଶୀଘ୍ର ଥଣ୍ଡା ହୋଇଯାଏ। ପ୍ରକୃତରେ ଶୀତଳନ ହାର ଏସି କ୍ଷମତା ଉପରେ ନିର୍ଭର କରିଥାଏ, ତାପମାତ୍ରା ସେଟିଂ ଉପରେ ନୁହେଁ। ତାପମାତ୍ରା ୨୪ ଡିଗ୍ରୀ, ୨୦ ଡିଗ୍ରୀ କିମ୍ବା ଏପରିକି ୧୬ ଡିଗ୍ରୀରେ ସେଟିଂ କଲେ ସୁଦ୍ଧା ଏହା ୨୮ ଡିଗ୍ରୀରୁ କୋଠରିକୁ ଥଣ୍ଡା କରିବା ପାଇଁ ସମାନ ସମୟ ନେଇଥାଏ। ଅନ୍ୟ ଏକ ଭୁଲ୍ ଧାରଣା ହେଉଛି ଯେ କୋଠରି ବାହାର ତାପମାତ୍ରା ଅଧିକ ଥିଲେ ଏସି ସେଟିଂ ୨୦ ଡିଗ୍ରୀରେ ରଖିଲେ ଯଥେଷ୍ଟ ଥଣ୍ଡା ହେବ ନାହିଁ। ବାସ୍ତବରେ ବାହାର ତାପମାତ୍ରା ୩୫ ଡିଗ୍ରୀ, ୪୦ ଡିଗ୍ରୀ କିମ୍ବା ଏପରିକି ୪୫ ଡିଗ୍ରୀ ହେଲେ ମଧ୍ୟ ୨୦ ଡିଗ୍ରୀ ସେଟିଂ ଆରାମଦାୟକ ହୋଇଥାଏ।

ଏସି ତାପମାତ୍ରା ସେଟିଂ ଉପରେ ବିଦ୍ୟୁତ୍ ଖର୍ଚ୍ଚ ନିର୍ଭର କରୁଥିବାରୁ ଆମର ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ନ ଦେଇ ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ୍ ରଖିଲେ ଦେଶର ଅନେକ ବିଦ୍ୟୁତ୍ ଖର୍ଚ୍ଚ ବଞ୍ଚିଯିବ ଏବଂ ଏହାକୁ କଳକାରଖାନାରେ ବ୍ୟବହାର କରାଯାଇପାରିବ। ପୁନଶ୍ଚ ଆମର ମୋଟ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଉତ୍ପନ୍ନ ହେଉଛି, ଯାହା ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତ କରୁଥିବାରୁ ଜଳବାୟୁ ପରିବର୍ତ୍ତନ ହେଉଛି। ଏଣୁ ଏସି ତାପମାତ୍ରା ନିୟନ୍ତ୍ରଣ ଦ୍ୱାରା ଆମ ପରିବେଶ ସୁରକ୍ଷା ହୋଇପାରିବ। ପୁନଶ୍ଚ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକସଙ୍ଗରେ ଅନେକ ଏସି ଚାଲିଲେ ଗ୍ରିଡର ଭୋଲ୍ଟେଜ କମିଯାଏ ଏବଂ ବିଦ୍ୟୁତ୍ ବିଚ୍ଛିନ୍ନ ମଧ୍ୟ ହୋଇପାରେ।

ଏସିରେ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବା ପାଇଁ ଏହାର ଦକ୍ଷତା ବଢ଼ାଇବାକୁ ପଡ଼ିବ। ଶକ୍ତି ଦକ୍ଷତା ପରିଷଦ ଏସିଗୁଡ଼ିକୁ ୧ରୁ ୫ ଷ୍ଟାର ଚିହ୍ନ ଦେଇଛି। ଷ୍ଟାର ୧ ହେଉଛି ସବୁଠାରୁ କମ୍ ଦକ୍ଷ ଓ ଷ୍ଟାର ୫ର ଦକ୍ଷତା ହେଉଛି ସବୁଠାରୁ ଅଧିକ। ଏଣୁ ଷ୍ଟାର ୧ ରୁ ୫ ପର୍ଯ୍ୟନ୍ତ ବିଦ୍ୟୁତ୍ ଖର୍ଚ୍ଚ କମ୍ ହୋଇଥାଏ, ମାତ୍ର ଏସି ଦାମ ବଢ଼ିଯାଏ। ଏଣୁ ପରିବେଶବିତ୍‌ମାନେ କେବଳ ଷ୍ଟାର ୫ ଏସି ପ୍ରଚଳନ ପାଇଁ ଦାବି କରିଥା'ନ୍ତି। ୨୦୨୦ ମସିହାରେ ଶକ୍ତି ଦକ୍ଷତା ପରିଷଦ ଏସି ତାପମାତ୍ରା ସେଟିଂକୁ ସର୍ବନିମ୍ନ ୨୪ ଡିଗ୍ରୀ ସେଲସିୟସ ରଖିବା ପାଇଁ ନିୟମ କରିଥିଲା। ମାତ୍ର ଏହା ଫଳପ୍ରଦ ହେଲା ନାହିଁ। ପ୍ରଥମତଃ ଏହି ମୂଲ୍ୟ ଅଧିକ ଥିଲା ଏବଂ ଦ୍ୱିତୀୟରେ ଏସି ନିର୍ମାତାମାନେ ନିର୍ମାଣ ସମୟରେ ଏଥିପାଇଁ ବ୍ୟବସ୍ଥା କଲେ ନାହିଁ। ଏଣୁ ନୂଆ ଭାବେ ଆସିବାକୁ ଥିବା ଆଇନ୍‌ରେ ବ୍ୟବସ୍ଥା ରହୁଛି ଯେ ଏସି ନିର୍ମାତାମାନେ ଏପରି ଡିଜାଇନ କରିବେ ଯେପରି ତାପମାତ୍ରା ସେଟିଂକୁ ୨୦ ଡିଗ୍ରୀରୁ କମ କିମ୍ବା ୨୮ ଡିଗ୍ରୀରୁ ଅଧିକ କରିହେବ ନାହିଁ। ଜାପାନ, ଅଷ୍ଟ୍ରେଲିଆ ଓ ୟୁରୋପର କେତେକ ଦେଶରେ ଏସି ତାପମାତ୍ରା ନିୟନ୍ତ୍ରଣ ପାଇଁ ଆଇନ ଅଛି। ଭାରତର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ନିଷ୍ପତ୍ତି ନେବାକୁ ପଡୁଛି ଯେତେବେଳେ ଶକ୍ତି ସମ୍ବନ୍ଧୀୟ କାର୍ବନ ଉତ୍ସର୍ଜନକୁ ହ୍ରାସ କରିବା ପାଇଁ ଆମ ଉପରେ ଜାଗତିକ ଚାପ ପଡୁଛି ଏବଂ ଭାରତ ୨୦୭୦ ମସିହା ସୁଦ୍ଧା ନେଟ୍ ଶୂନ୍ କାର୍ବନ ଉତ୍ସର୍ଜନ ଦେଶରେ ପରିଣତ ହେବା ପାଇଁ ଘୋଷଣା କରିଛି।

ମୋଟ ଉପରେ କହିଲେ ଏସି ତାପମାତ୍ରା ନିୟନ୍ତ୍ରଣ ଦ୍ୱାରା କମ୍ ବିଦ୍ୟୁତ୍ ବିଲ ଆସିବ, ବିଦ୍ୟୁତ୍ ଗ୍ରୀଡରେ ସ୍ଥିରତା ଆସିବ ଏବଂ ବାୟୁମଣ୍ଡଳକୁ କମ ଅଙ୍ଗାରକାମ୍ଳ ନିର୍ଗତ ହେବ। ପୁନଶ୍ଚ ଦେଖାଯାଇଛି ଯେ ବାହାରର ଝାଳବୁହା ଗରମରୁ ଭିତରର ଅତି ଥଣ୍ଡା ଅବସ୍ଥାକୁ ଆସିଲେ ଶ୍ୱାସକ୍ରିୟାଜନିତ ଚାପ ଓ ଶ୍ରାନ୍ତ ଦେଖାଦେଇପାରେ। କୋଠରି ତାପମାତ୍ରା ୨୨ରୁ ୨୬ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରଖିଲେ ଆମ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ ଆମକୁ ଆରାମ ଦେଇପାରିବ ବୋଲି ବିଜ୍ଞାନଗତ ଭାବରେ ପ୍ରମାଣ କରାଯାଇଛି। ଏକ ଅଧ୍ୟୟନରୁ ଜଣାଯାଇଛି ଯେ ୫୦ ବର୍ଷରୁ ଅଧିକ ବୟସ୍କ ଲୋକ ୧୮ ଡିଗ୍ରୀ ସେଲସିୟସରୁ କମ୍ ତାପମାତ୍ରା ପରିବେଶରେ ରହିଲେ ସେମାନଙ୍କ ମଧ୍ୟରୁ ୧୬ ପ୍ରତିଶତ ଉଚ୍ଚ ରକ୍ତଚାପ, ନିମ୍ନ ଭିଟାମିନ୍ 'ଡି' ସ୍ତର ଏବଂ ହ୍ରାସିତ ଫୁସଫୁସ କ୍ରିୟା ଅନୁଭବ କରିଥା'ନ୍ତି। ଏଣୁ ସରକାରଙ୍କ ଆଇନ୍‌କୁ ମାନିବା ସହିତ ଏଥିନେଇ ସଚେତନତା ସୃଷ୍ଟି କରିବା ଆବଶ୍ୟକ।

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ଲାଣ୍ଡିମାତା ମଠ ଓ ପିତା ଭୋଗ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର ପାଖରେ ବୁଢ଼ୀଟିଏ କୁଡ଼ିଆଟିଏ କରି ବାସ କରୁଥିଲା। ବୁଢ଼ୀର ଆଗକୁ ପଛକୁ କେହି ନ ଥିଲେ। ଘରେ ମହାପ୍ରଭୁଙ୍କର ଚିତ୍ର ପ୍ରତିମାଟିଏ ରଖି ଭକ୍ତିର ସହ ପୂଜା କରେ। ବୁଢ଼ୀ ଭାବେ କାଳିଆ ତା'ର ପୁଅ। ଏ କଥା ପୁରୀବାସୀ ସମସ୍ତଙ୍କୁ ଜଣାଥିଲା। ତେଣୁ ସମସ୍ତେ ତା'କୁ 'ଲାଣ୍ଡିମାତା' ବୋଲି ଡାକୁଥିଲେ। ସବୁଦିନ ମନ୍ଦିରକୁ ଯାଇ ଯାଇ ନୀତିକାନ୍ତି ବିଷୟରେ ସେ ସବୁ ଜାଣିଥିଲା। ଯଦି କେବେ ଠାକୁରଙ୍କ ଭୋଗ ଲାଗିବାରେ ବିଳମ୍ବ ହୁଏ, ତା' ପୁଅକୁ ଭୋକ ଲାଗୁଥିବ ବୋଲି ବୁଢ଼ୀ କାନ୍ଦେ। ଅଣସର ସମୟରେ ଠାକୁରମାନେ ଜ୍ୱରରେ ପୀଡ଼ିତ ହୋଇ ଦର୍ଶନ ଦିଅନ୍ତି ନାହିଁ। ସେ ସମୟରେ ବୁଢ଼ୀ ଆଖିରୁ ଲୁହ ଶୁଖେ ନାହିଁ। ପୁଅର ଆରୋଗ୍ୟ କାମନା କରି ସେ ଉପବାସ ବ୍ରତ ରଖେ। ଜ୍ୱର ଦେବତାଙ୍କୁ ଆରାଧନା କରେ।

ଥରେ ବୁଢ଼ୀ ମନରେ ଏକ ଅଦ୍ଭୁତ ଖିଆଲ ଆସିଲା। ସେ ଚିନ୍ତା କଲା ଯେ ସୁଆର ପିଲାମାନେ ତା' ପୁଅ ପାଇଁ ଯାହା ସବୁ ଭୋଗ ପ୍ରସ୍ତୁତ କରୁଛନ୍ତି, ତା' ଭିତରୁ ଅଧିକାଂଶ ମଧୁର। ପିତା ଦିହକୁ ହିତ। ତେଣୁ ବୁଢ଼ୀ ଠିକ କଲା ଯେ ସେ ନିଜେ ପିତା ତୁଉଣ ରାନ୍ଧି ତା' ପୁଅକୁ ଖୁଆଇବ। ଦିନେ ଘରେ ଅତିଯତ୍ନର ସହ ପିତା ତୁଉଣ ରାନ୍ଧି ତାଟିଆରେ ରଖି କାନି ଘୋଡ଼େଇ ଲୁଚେଇ ନେଇଗଲା। ଗରୁଡ଼ ସ୍ତମ୍ଭ ପାଖରେ ଠିଆ ହୋଇ ତା' ତୁଉଣ ଗ୍ରହଣ କରିବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲା। କିନ୍ତୁ ତାଟିଆର ତୁଉଣ ଅକ୍ଷୁଣ୍ଣ ଥିବା ଦେଖି ମନ ଦୁଃଖରେ ଘରକୁ ଫେରି ଗଲା। ତା' ପରଦିନ ପୁଣି ଅଧିକ ଯତ୍ନର ସହ ରାନ୍ଧି ମନ୍ଦିର ନେଇଗଲା ଏବଂ ଠାକୁରଙ୍କୁ ନିଉଛାଳି ହେଲା। କିନ୍ତୁ ମହାପ୍ରଭୁ ତୁଉଣ ଗ୍ରହଣ କରୁ ନ ଥିଲେ। ଏହିପରି ଅନେକ ଦିନ ଚାଲିଗଲା।

ଥରେ ଜଗନ୍ନାଥ ଦାସ ବୁଢ଼ୀକୁ କାନ୍ଦି କାନ୍ଦି ମନ୍ଦିରରୁ ଫେରୁ ଥିବାବେଳେ ଦେଖି କାରଣ ପଚାରିଲେ। ବୁଢ଼ୀର କଥା ଶୁଣି ଜଗନ୍ନାଥ ଦାସ କହିଲେ- 'ତୁ ଜାଣିନୁ କି ମାଉସୀ? ସେ ପରା ଭାବର ଠାକୁର। ତାଙ୍କୁ ଯଦି ମୁଣ୍ଡ ବାଡ଼େଇ କାନ୍ଦି ଡାକିବୁ, ସେ ତୋ ଭୋଗ ସ୍ୱୀକାର କରିବେ।' ତା' ପରଦିନ ବୁଢ଼ୀ ଯତ୍ନର ସହ ପିତା ତୁଉଣ ରାନ୍ଧି ତାଟିଆକୁ କାନି ତଳେ ରଖି ମନ୍ଦିରକୁ ଗଲା। ଗରୁଡ଼ ସ୍ତମ୍ଭ ପାଖରେ ଠିଆ ହୋଇ ମୁଣ୍ଡ ବାଡ଼େଇ କାନ୍ଦିଲା। ଧାର ଧାର ରକ୍ତ ବୋହିବାକୁ ଲାଗିଲା। ତା' ପରେ ସେ ଅନୁଭବ କଲା ଯେ ତାଟିଆଟା ହଠାତ୍ ହାଲୁକା ଲାଗିଲା। ସେ ଦେଖିଲା ଯେ ତାଟିଆ ଖାଲି। ଏହା ଦେଖି ବୁଢ଼ୀ ଆନନ୍ଦରେ କାନ୍ଦି କାନ୍ଦି ବାହାରକୁ ଗଲା। ସିଂହଦ୍ୱାରେ ଦାସ ଗୋସେଇଁଙ୍କୁ ସବୁ କଥା କହିଦେଇ ଘରକୁ ଧାଇଁଲା। ତା' ପର ଦିନଠାରୁ ପ୍ରତିଦିନ ବୁଢ଼ୀ ପିତା ତୁଉଣ ତାଟିଆ ନେଇ ମନ୍ଦିରକୁ ଯାଉଥିଲା ଏବଂ ତାଟିଆ ଖାଲି ହେବା ପରେ ଘରକୁ ଫେରୁଥିଲା।

ଦିନେ ବୁଢ଼ୀ ଚିନ୍ତା କଲା ଯେ ଯଦି କାଳିଆ ସବୁଦିନ ତାଟିଆ ଖାଲି କରି ତୁଉଣ ଖାଇ ଦେଉଥିଲା, ଅଧିକ ଟିକିଏ ନେଲେ ପିଲାଟା ଖୁସିରେ ଖାଆନ୍ତା। ତେଣୁ ସେ ଦିନ ଟିକିଏ ଅଧିକ ତୁଉଣ ରାନ୍ଧି ଗୋଟେ ବଡ଼ ତାଟିଆରେ ରଖି ନେଇ ଚାଲିଲା। ବଡ଼ ତାଟିଆଟାକୁ କାନି ତଳେ ନେଲା ବେଳେ ସେବକମାନେ ଦେଖିଦେଲେ। ତୁଉଣ ମନ୍ଦିର ଭିତରକୁ ଯାଇ ପାରିବ ନାହିଁ ବୋଲି ସେମାନେ ଶୁଣେଇ ଦେଲେ ଏବଂ ବୁଢ଼ୀକୁ ମନ୍ଦିରରୁ ବାହାର କରିଦେଲେ। ବୁଢ଼ୀ କାନ୍ଦି କାନ୍ଦି ଘରକୁ ଫେରିଲା। ତୁଉଣ ତାଟିଆକୁ ମହାପ୍ରଭୁଙ୍କ ଚିତ୍ରପ୍ରତିମା ଆଗରେ ରଖି ପ୍ରାର୍ଥନା କଲା। ମହାପ୍ରଭୁ ଭକ୍ତର ଡାକ ଶୁଣିଲେ। ସେଠାରେ ବିଜେ କରି ତାଟିଆ ଖାଲି କରି ଦେଲେ। ଏହା ଦେଖି ବୁଢ଼ୀର ଆନନ୍ଦ କହିଲେ ନ ସରେ।

ମନ୍ଦିରରେ ଧୂପବେଳେ ମହାପ୍ରଭୁ ସେବକମାନଙ୍କର ଚକ୍ଷୁରେ ଦେଖାଗଲେ ନାହିଁ। ଖବର ପାଇ ଗଜପତି ମହାରାଜା ଶ୍ରୀମନ୍ଦିରରେ ପହଞ୍ଚି ଗର୍ଭଗୃହରେ ଗୁହାରିଆ ପଡ଼ିଲେ। ସେଠାରେ ମହାପ୍ରଭୁ ଶୂନ୍ୟବାଣୀ କଲେ- 'ରାଉତ! ମୋର ଭକ୍ତ ଲାଣ୍ଡିମାତା ମୋତେ ସବୁଦିନ ପିତା ତୁଉଣ ଅର୍ପଣ କରେ। ମୁଁ ତାହା ମହାଆନନ୍ଦରେ ଗ୍ରହଣ କରେ। ଆଜି ସେବକମାନେ ତାଙ୍କୁ ମନ୍ଦିରକୁ ଆସିବାକୁ ଅନୁମତି ନ ଦେବାରୁ ମୁଁ ପିତା ଭୋଗ ପାଇବା ପାଇଁ ତା' ଘରେ ଅଛି। ଆଜିଠାରୁ ପ୍ରତିଦିନ ତା' ଘରୁ ପିତା ଭୋଗ ମୋତେ ସମର୍ପଣ କରିବାର ବନ୍ଦୋବସ୍ତ କର।' ଗଜପତି ଲାଣ୍ଡିମାତାଙ୍କ ଦ୍ୱାରା ପ୍ରସ୍ତୁତ ପିତା ଭୋଗ ସବୁଦିନ ମହାପ୍ରଭୁଙ୍କୁ ସମର୍ପଣ ହେବ ବୋଲି ଘୋଷଣା କଲେ। ଲାଣ୍ଡିମାତା ରହୁଥିବା ଯାଗାରେ ଲାଣ୍ଡିମାତା ମଠ ଗଢ଼ି ଉଠିଲା ଏବଂ ଅନେକ ବର୍ଷ ପର୍ଯ୍ୟନ୍ତ ପିତା ଭୋଗ ଯୋଗାଇବାର ଦାୟିତ୍ୱ ନେଲା। ଆଜିକାଲି ତରକାରୀରେ ମେଥି ପକେଇ ମହାପ୍ରଭୁଙ୍କ ରୋଷ ଘରେ ପ୍ରସ୍ତୁତ ପିତା ଭୋଗ ସମର୍ପଣ କରାଯାଉଛି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁଣି ରାସ୍ତାରେ ଦୌଡ଼ିବ ୨୦ ବର୍ଷ ପୁରୁଣା ଗାଡ଼ି

## ଦେବାକୁ ପଡିବ ମୋଟା ଅଙ୍କର ପଞ୍ଜୀକରଣ ଫି

ନୂଆଦିଲ୍ଲୀ,୨୬।୮(ଏଜେନ୍ସି): ଗାଡି ମାଲିକଙ୍କୁ ଆଶ୍ୱସ୍ତି! ଏଣିକି ୧୫ ବର୍ଷ ବଦଳରେ ୨୦ ବର୍ଷ ପାଇଁ ରାସ୍ତାରେ ଗଡ଼ିବ ଗାଡି। ହେଲେ ପୁରୁଣା ଗାଡ଼ିର ପଞ୍ଜିକରଣ ଲାଗି ଗାଡ଼ି ମାଲିକଙ୍କୁ ଦେବାକୁ ପଡିବ ମୋଟା ଅଙ୍କର ପଞ୍ଜୀକରଣ ଫି’। କାରଣ କେନ୍ଦ୍ର ସରକାର ୧୫ ବର୍ଷ ପୁରୁଣା ଯାନଗୁଡ଼ିକର ପଞ୍ଜୀକରଣକୁ ୨୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମତି ଦେଇଛନ୍ତି। ଏଥିରେ ୨୦ ବର୍ଷ ପୁରୁଣା ଯାନର ପଞ୍ଜୀକରଣ ଲାଗି ଗାଡ଼ି ମାଲିକଙ୍କୁ ବର୍ଦ୍ଧିତ ନବୀକରଣ ଫି’ ଦେବାକୁ ପଡିବ। ଏହି ନୂତନ ନିୟମ କେନ୍ଦ୍ରୀୟ ମୋଟର ଯାନ ନିୟମ (ତୃତୀୟ ସଂଶୋଧନ), ୨୦୨୫ ଅଧୀନରେ ଲାଗୁ କରାଯାଇଛି। ନୂଆ ନିୟମ ଅଗଷ୍ଟ ୨୦ରୁ ଲାଗୁ ହୋଇଛି। ଏହି ନିର୍ଦ୍ଦେଶନାମା ଦିଲ୍ଲୀ-ଏନସିଆର ବ୍ୟତୀତ ସମଗ୍ର ଦେଶରେ ଲାଗୁ ହେବ। କାରଣ ଦିଲ୍ଲୀ-ଏନସିଆରରେ ପୂର୍ବରୁ ୧୫ ବର୍ଷ ପୁରୁଣା ପେଟ୍ରୋଲ ଏବଂ ୧୦ ବର୍ଷ ପୁରୁଣା ଡିଜେଲ ଯାନ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଏହି ନବୀକରଣ ପ୍ରତି ୫ ବର୍ଷରେ କରିବାକୁ ପଡିବ ଏବଂ

**ପୂର୍ବରୁ ୧୫ ବର୍ଷ ପୁରୁଣା ଗାଡ଼ି ଚଳାଚଳ ଉପରେ ଲାଗିଥିଲା ରୋକ୍**

ଏଥିପାଇଁ ଏକ ସ୍ୱୀକୃତିପ୍ରାପ୍ତ ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର (ଏଟିଏସ୍) ରୁ ଫିଟନେସ୍ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ।

ଏହି ନୂଆ ନିୟମାନୁଯାୟୀ, ମୋଟରସାଇକେଲ ପଞ୍ଜୀକରଣ ନବୀକରଣ ପାଇଁ ୨୦୦୦ ଟଙ୍କା(ପୂର୍ବରୁ ୧୦୦୦ ଟଙ୍କା), ତିନି ଚକିଆ ଯାନ/କ୍ୱାଡ୍ରିସାଇକେଲ ପାଇଁ ୫୦୦୦ ଟଙ୍କା(ପୂର୍ବରୁ ୨୫୦୦ ଟଙ୍କା), ହାଲୁକା ମୋଟର ଯାନ (କାର ପରି ଏଲ୍ଏମ୍ଭି୧୦,୦୦୦ ଟଙ୍କା। (ପୂର୍ବରୁ ୫୦୦୦ ଟଙ୍କା),ଆମଦାନୀ ହୋଇଥିବା ଦୁଇ ଚକିଆ ଯାନ ୨୦,୦୦୦ ଟଙ୍କା, ଆମଦାନୀ ହୋଇଥିବା ଚାରି ଚକିଆ ଯାନ ୮୦,୦୦୦ ଟଙ୍କା ଏବଂ ଅନ୍ୟାନ୍ୟ ବର୍ଗର ଯାନ ପାଇଁ ୧୨,୦୦୦ ଟଙ୍କା ଦେବାକୁ ପଡିବ। ସେହିପରି ବାଣିଜ୍ୟିକ ଯାନ କ୍ଷେତ୍ରରେ ଟ୍ୟାକ୍ସି ୭୦୦୦ ଟଙ୍କା (ପୂର୍ବରୁ ୧୦୦୦ ଟଙ୍କା),ବସ୍/ଟ୍ରକ୍ ପଞ୍ଜୀକରଣ ପାଇଁ ୧୨,୫୦୦ ଟଙ୍କା (ପୂର୍ବରୁ ୧୫୦୦ ଟଙ୍କା) ପଡିବ। ଏହାଛଡା ପଞ୍ଜିକରଣ ନବୀକରଣରେ ବିଳମ୍ବ ପାଇଁ ମଧ ବିଳମ୍ବିତ ଶୁଳ୍କ ଲାଗୁ ହେବ, ଯାହା ଘରୋଇ ଯାନ ପାଇଁ ପ୍ରତି ମାସରେ ୩୦୦ ଟଙ୍କା ଏବଂ ବାଣିଜ୍ୟିକ ଯାନ ପାଇଁ ପ୍ରତି ମାସରେ ୫୦୦ ଟଙ୍କା ଜରିମାନା ଲାଗୁ ହେବ।

# ୮ ଗେଟ୍ ବନ୍ଦ କଲା ହୀରାକୁଦ

ସମ୍ବଲପୁର, ୨୬।୮(ସମିସ): ଉପରମୁଣ୍ଡରେ ବର୍ଷା କମିଯାଇଥିବାରୁ ହୀରାକୁଦ ନଦୀବନ୍ଧକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ଏଥିପାଇଁ ଆଜି ଦୁଇଟି ପର୍ଯ୍ୟାୟରେ ୪ଟି ଲେଖାଏଁ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ପୂର୍ବାହ୍ନ ୯ଟା ୨୫ରେ ୪ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅପରାହ୍ନ ସାଢ଼େ ୩ଟାରେ ଆଉ ୪ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ହୀରାକୁଦ ନଦୀବନ୍ଧର ମାତ୍ର ୪ଟି ଗେଟ୍ ଖୋଲା ରହିଛି।

ଆଜି ଅପରାହ୍ନ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୧.୩୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ, ଏହିପରି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୨୭,୦୧୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୬୦,୧୫୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୬,୨୧୬ ଘନଫୁଟ, ପାୱାର ଚେନାଲ ଦେଇ ୩୦,୬୮୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି।

ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୩.୧୧ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୪୧ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୭୧ ଫୁଟ୍ ରହିଥିଲା।

### ହସ୍‌ପିଟାଲ ଛାତରୁ ଖସି ରୋଗୀ ମୃତ

ରାଉରକେଲା,୨୬।୮(ସମିସ):ସୁନ୍ଦରଗଡ଼ ଏନ୍‌ଟିପିସି ହସ୍‌ପିଟାଲର ୩ ମହଲା ଛାତରୁ ଖସି ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ, ଅନୀଲ ସୋରେଙ୍ଗ(୨୮)। ସେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଦଇନିଡିହ ଗାଁ ନିବାସୀ ପିୟାନା ସୋରେଙ୍ଗଙ୍କ ପୁଅ। ସେ ବାତରୋଗରେପୀଡ଼ିତଥିଲେ।ଆଜିସକାଳେସେବାଲକୋନୀରେଛିଡ଼ାହୋଇଥିବାବେଳେ ହଠାତ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ଆଜି ମିଳିବ ସିଏମ୍ କିଷାନ ଟଙ୍କା

ଭୁବନେଶ୍ୱର, ୨୬।୮(ସମିସ): ରାଜ୍ୟ ସରକାରଙ୍କ ସିଏମ୍-କିଷାନ ଯୋଜନାର କିସ୍ତି ଆସନ୍ତାକାଲି ମିଳିବ। ‘ନୂଆଁଖାଇ’ର ଅବ୍ୟବହିତ ପୂର୍ବରୁ ଏହା ପ୍ରଦାନ କରାଯିବ। ପ୍ରତି ଚାଷୀଙ୍କ ବ୍ୟାଙ୍କଖାତାକୁ ସିଧାସଳଖ ୨ ହଜାର ଟଙ୍କା ଲେଖାଏଁ ପଠାଯିବ। ଏହାଦ୍ୱାରା ରାଜ୍ୟର ୫୨ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଏହି ଯୋଜନାରେ ରାଜ୍ୟ ସରକାର ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି।

**ଉପକୃତ ହେବେ ୫୨ ଲକ୍ଷ ଚାଷୀ**

ସୂଚନାଯୋଗ୍ୟ, ଗତବର୍ଷ ‘ନୂଆଁଖାଇ’ ଅବସରରେ ରାଜ୍ୟ ସରକାର ସିଏମ୍-କିଷାନ ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱିତୀୟ କିସ୍ତି ଦିଆଯାଇଥିଲା। ଏବେ ପୁଣି ଚଳିତବର୍ଷର ପ୍ରଥମ କିସ୍ତି ଦିଆଯିବା ନେଇ ଆଜି କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି।

# ସବୁ ପୁରାତନ ମନ୍ଦିରର ହେବ ଜିଓ ଟ୍ୟାଗିଙ୍ଗ୍

ଭୁବନେଶ୍ୱର,୨୬।୮(ସମିସ): ଲୋକଲୋଚନ ଆଢୁଆଳରେ ରହିଥିବା ଓଡ଼ିଶାର ଐତିହ୍ୟ କୀର୍ତ୍ତିରାଜିକୁ ଖୋଜି ବାହାର କରିବା ସହ ସେସବୁର ଡାଟାବେସ୍ ପ୍ରସ୍ତୁତ କରାଯିବ। ସଂରକ୍ଷଣ, ସୌନ୍ଦର୍ଯ୍ୟକରଣ ଉପରେ ମଧ ଗୁରୁତ୍ୱ ଦିଆଯିବା ସାଙ୍ଗକୁ ପୁରାତନ ଐତିହ୍ୟ ଓ କିର୍ତ୍ତୀକରାଜିକୁ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ କରାଯିବ। ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ଓଡ଼ିଶାର ଐତିହ୍ୟ ବହୁ ପୁରୁଣା। ଐର ଖାରବେଳଙ୍କ ସମୟ, ବୌଦ୍ଧ କୀର୍ତ୍ତିରାଜି, ଖଣ୍ଡଗିରି ଓ ଉଦୟଗିରି ଏବଂ ପାଇକ ବିଦ୍ରୋହ ସମୟର ପ୍ରାୟ ୩ ହଜାରରୁ ଅଧିକ ଐତିହ୍ୟସ୍ଥଳ ଲୁକ୍କାୟିତ ହୋଇ ପଡ଼ିରହିଛି। ଏଥିରୁ ୮୨ଟି କୀର୍ତ୍ତିରାଜିକୁ ଭାରତୀୟ ପ୍ରନିତତ୍ତ୍ୱିକ ସଂସ୍ଥା ରକ୍ଷଣାବେକ୍ଷଣ କରୁଥିବାବେଳେ ୨୧୨ଟି ରାଜ୍ୟ ପ୍ରନିତାତ୍ତ୍ୱିକ ସଂସ୍ଥା ହାତରେ ରହିଛି। ତେବେ ବାକି ଥିବା ଐତିହ୍ୟ ସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ପର୍ଯ୍ୟଟନ, ସଂସ୍କୃତି ଓ ପୂର୍ତ୍ତ ବିଭାଗ ସମନ୍ୱୟରେ ଏକ ଟାସ୍କଫୋର୍ସ ଗଠନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

ସେହିପରି ଓଡ଼ିଶାର କୋଣଅନୁକୋଣରେ ଥିବା ଐତିହ୍ୟ ଓ ପୁରାତନ କୀର୍ତ୍ତିରାଜିର ସୁରକ୍ଷା, ପାରିପାଶ୍ୱର୍କ ବିକାଶ ଓ ଭଲ ସଡ଼କ ଯୋଗାଯୋଗ ବ୍ୟବସ୍ଥା, ଲୋକଲୋଚନ ଆଢୁଆଳରେ ଥିବା ଐତିହ୍ୟସ୍ଥଳୀକୁ ବିଶ୍ୱର ସବୁ ସ୍ଥାନରୁ ପର୍ଯ୍ୟଟକଙ୍କ ଆଗମନ ପାଇଁ ସୁଗମ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ପୁରାତନ ମନ୍ଦିରର ଜିଓ ଟ୍ୟାଗିଂ କରାଯିବା ସହ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବିଭିନ୍ନ କ୍ଷେତ୍ରର ଉନ୍ନତିକରଣ, ରାଜ୍ୟରେ ଥିବା ସବୁ ଶକ୍ତିପୀଠକୁ ଯୋଡ଼ି ଏକ କରିଡର ନିର୍ମାଣ କରିବାକୁ ପୁରାତନ ଐତିହ୍ୟ ସ୍ଥଳୀଗୁଡ଼ିକର ପ୍ରୋଫାଇଲ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ପ୍ରାଥମିକ ପର୍ଯ୍ୟାୟରେ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ରାଜ୍ୟର ୭୫ଟି ଐତିହ୍ୟ ସ୍ମାରକର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଉପରେ ଆଲୋଚନା ହୋଇଛି। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,ସଂସ୍କୃତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ, ପର୍ଯ୍ୟଟନ ବିଭାଗ କମିଶନର ବଳବନ୍ତ ସିଂ, ପୂର୍ତ୍ତ ବିଭାଗ ଉପଦେଷ୍ଟା ଜେ.କେ. ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

- ବିଶ୍ୱସ୍ତରୀୟ ହେବ ଖାରବେଳ ସମୟର କୀର୍ତ୍ତିରାଜି
- ଜଗନ୍ନାଥ ସଂସ୍କୃତି ଓ ବୌଦ୍ଧ କୀର୍ତ୍ତିରାଜିକୁ ପ୍ରାଥମିକତା

# ଆଇଇଡି ବିସ୍ଫୋରଣ ଘଟଣା ଜଣେ ମାଓବାଦୀ ଗିରଫ

ରାଉରକେଲା,୨୬।୮(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବିସ୍ଫୋରଣ ଯୋଗୁଁ ଗତ ଜୁନ୍‌ରେ ଜଣେ ସିଆରପିଏଫ୍ ଏଏସ୍ଆଇ ସତ୍ୟବାନ କୁମାର ସିଂ(୩୪) ସହିଦ ହୋଇଥିଲେ। ଏହି ଘଟଣାରେ କେ. ବଲାଙ୍ଗ ଥାନା ପୁଲିସ ଅମଝରନ୍ ଗ୍ରାମର ବିଶୁ ସିଂ(୫୮) କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ରାଉରକେଲା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଏବଂ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୧୪ ଜୁନ ସକାଳ ପ୍ରାୟ ସାଢେ ୫ଟା ବେଳେ ସରଣ୍ଡା ସିଲକୁଟା ଜଙ୍ଗଲ ରେଞ୍ଜରେ ସିଆରପିଏଫ୍ ଏବଂ ଏସଓଜି ଟିମ୍ ପକ୍ଷରୁ ମିଳିତ କମ୍ବିଂ ଅପରେସନ୍ ଚାଲିଥିଲା। ସେଠାରେ ପୂର୍ବରୁ ସିପିଆଇ ମାଓବାଦୀ ସଂଗଠନ ଦ୍ୱାରା ଲଗାଯାଇଥିବା ଆଇଇଡି ବିସ୍ଫୋରଣ ଯୋଗୁଁ ଜଣେ ସିଆରପିଏଫ୍ ଏଏସଆଇ ସତ୍ୟବାନ କୁମାର ସିଂ ଗୁରୁତର ଭାବେ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗିରଫ ଅଭିଯୁକ୍ତ ବିଶୁ ସିଂହ ରେଞ୍ଜେଡା ଓ ବାଙ୍କୋରେ ହୋଇଥିବା ଆଇଇଡି ବିସ୍ଫୋରଣ, ବିସ୍ଫୋରକ ସାମଗ୍ରୀ ଲୁଟ୍ ଘଟଣାରେ ଜଡ଼ିତ ଥିବା ପୁଲିସ ନିକଟରେ ସ୍ୱୀକାର କରିଛି। ଉକ୍ତ ଥାନାରେ ପୂର୍ବରୁ ୨ଟି ଓ ବନ୍ଧମୁଣ୍ଡା ଜିଆର୍‌ପି ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୨୬।୮(ସମିସ): ସରକାରଙ୍କ ପ୍ରତିଶ୍ରୁତି, ବନ୍ୟା ଓ ପାର୍ବଣକୁକୁ ଦୃଷ୍ଟିରେ ରଖି ଆନ୍ଦୋଳନ ସ୍ଥଗିତ ରଖିଛି ରାଜସ୍ୱ ଅମଲା ସଂଘ। ଫଳରେ ଦୀର୍ଘ ୧୫ ଦିନି ଆନ୍ଦୋଳନ ପରେ ପ୍ରଶାସନିକ ଅଚଳାବସ୍ଥା ସ୍ୱାଭାବିକ ହୋଇଛି। ସଂଘ ସଭାପତି କହିଛନ୍ତି, ବନ୍ୟା ସ୍ଥିତିରେ ଯେମିତି ଲୋକ ଅସୁବିଧାର ସମ୍ମୁଖୀନ ନହେବେ ତେଣୁ ସରକାରଙ୍କ ସହ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନେଇଛୁ। ସରକାର ଆମର କିଛି ଦାବି ମାନିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦୀର୍ଘ ୧୫ ଦିନ ହେଲେ ରାଜସ୍ୱ ଅମଲା କର୍ମଚାରୀ ଆନ୍ଦୋଳନରେ ବସିଥିଲେ। ଫଳ ସ୍ୱରୂପ ରାଜସ୍ୱ କାର୍ଯ୍ୟାଳୟରେ କାମ ଠପ୍ ହୋଇ ରହିଥିଲା। ରାଜସ୍ୱ କାର୍ଯ୍ୟାଳୟରେ ଅଚଳାବସ୍ଥା ଜାରି ରହିଥିଲା। ବାରମ୍ବାର ଅନୁରୋଧ ଓ ସରକାରଙ୍କ ନାଲିଆଖି ପରେ ମଧ ସେମାନେ ଆନ୍ଦୋଳନ ଜାରି ରଖିଥିଲେ। ମାତ୍ର ସୋମବାର ପୁଣି ଥରେ ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ଛୁଟିରେ ଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହା ପରେ ରାଜସ୍ୱ କର୍ମଚାରୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ବାଧ ହୋଇଥିବା କୁହାଯାଉଛି।

# ଏଆଇସିସି ଏସ୍‌ସି ପରାମର୍ଶଦାତା ପରିଷଦରେ ଭକ୍ତ

ଭୁବନେଶ୍ୱର,୨୬।୮(ସମିସ): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଅନୁସୂଚିତ ଜାତି (ଏସ୍‌ସି) ବିଭାଗର ପରାମର୍ଶଦାତା ପରିଷଦ ଗଠନ ହୋଇଛି। ଏହି କମିଟିରେ ପିସିସି ସଭାପତି ଭକ୍ତଚରଣ ଦାସ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ଏଆଇସିସି ପକ୍ଷରୁ ଗଠିତ ଏହି ପରିଷଦରେ ୪୧ ଜଣ ବରିଷ୍ଠ କଂଗ୍ରେସ ନେତାଙ୍କୁ ସ୍ଥାନ ଦିଆଯାଇଥିବା ବେଳେ ଓଡ଼ିଶାରୁ ଭକ୍ତଙ୍କୁ ସ୍ଥାନ ମିଳିଛି। ଏହି ନିଯୁକ୍ତି ପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏଆଇସିସି ସାଧାରଣ ସମ୍ପାଦକ (ସଙ୍ଗଠନ) କେସି ଭେନୁଗୋପାଳଙ୍କୁ ଭକ୍ତ ଧନ୍ୟବାଦ ଜଣାଇଛନ୍ତି।

# ନିହାର ମହାନ୍ତିଙ୍କ ଜାମିନ ଖାରଜ

କଟକ, ୨୬।୮(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପ୍ରାକ୍ତନ ଉପ ସଭାପତି ଡ. ନିହାର ରଂଜନ ମହାନ୍ତି ଓ ଅନ୍ୟ ଜଣେ ଅଭିଯୁକ୍ତ ଅଜୟ ସାହୁଙ୍କ ଜାମିନ ଆବେଦନ ଆଜି ଖାରଜ ହୋଇଯାଇଛି। କଟକ ତୃତୀୟ ଅତିରିକ୍ତ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରିବା ସହ ଏହାକୁ ଖାରଜ କରିଛନ୍ତି।

# ୮ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୬।୮(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାରେ ସିପିଆଇ ମାଓବାଦୀ ସଙ୍ଗଠନର ୮ଜଣ ସକ୍ରିୟ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଜଣେ ମହିଳା ସମେତ ୭ ପୁରୁଷ ମାଓବାଦୀ ରହିଛନ୍ତି। ଏହି ସଦସ୍ୟମାନେ ସଂଗଠନ ମଧ୍ୟରେ ବିଭିନ୍ନ କ୍ୟାଡର ଏସିଏମ୍ କ୍ୟାଡରର ଜଣେ, ସଂଗଠନର କେନ୍ଦ୍ରୀୟ ସଦସ୍ୟ ଭାବେ ଜଣେ ଏବଂ ୬ଜଣ ମିଲିସିଆ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସୂଚନାନୁଯାୟୀ, ତେଲେଙ୍ଗାନା ରାଜ୍ୟର ଭଦ୍ରାଦରି କୋଥାଗୁଡେମ ଜିଲ୍ଲାର ପୁଲିସ ନିକଟରେ ୮ ଜଣ ମାଓବାଦୀ ମାଓ ସଂଗଠନ ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ଭଦ୍ରାଦରି କୋଥାଗୁଡେମ ଜିଲ୍ଲା ପୁଲିସ ଏବଂ ସିଆରପିଏଫ୍ ବାଟାଲିୟନ ଦ୍ୱାରା ମାଓ ଉପଦ୍ରୁତ ଅଞ୍ଚଳରେ ଲୋକଙ୍କ ବିକାଶ ଏବଂ କଲ୍ୟାଣ ପାଇଁ “ଅପରେସନ୍ ଚେୟୁଥା”ର ଆରମ୍ଭ କରିଥିବା ବେଳେ ଏଥିରେ ଆକର୍ଷିତ ହୋଇ ଏହି ୮ ମାଓବାଦୀ ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି।

## ଅବଶିଷ୍ଟାଂଶ

### ଆଜିଠୁ ୫୦%...

ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗୁ ହେବା ପରେ ଏହାର ଚାହିଦା ହ୍ରାସ ପାଇବା ଆଶଙ୍କା ରହିଛି ଏବଂ ଏହାଦ୍ୱାରା ଭାରତୀୟ ଅର୍ଥନୀତି ଓ ମୋଟ ଘରୋଇ ଉତ୍ପାଦ ହ୍ରାସ ପାଇବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଏହାଛଡା ଶୁଳ୍କ ପ୍ରଭାବରେ ଦେଶରେ ଶିଳ୍ପପତିମାନେ ଉତ୍ପାଦନ ହ୍ରାସ କରିବାକୁ ବାଧ ହେବେ ଓ ପରିଣତିସ୍ୱରୂପ ଦେଶରେ ଲୋକଙ୍କ ଆୟ କମିବା ସହ ଚାକିରି ଉଭେଇଯିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଟାରିଫ୍ ପୂର୍ବରୁ ଏହାର ସିଧାସଳଖ ପ୍ରଭାବ ଭାରତୀୟ ସେୟାର ବଜାରରେ ଅନୁଭୂତ ହୋଇଛି। ମଙ୍ଗଳବାର ଷ୍ଟକ୍ ଏକ୍ସଚେଞ୍ଜରେ ସେନସେକ୍ସ ୮୦୦ ପଏଣ୍ଟ ତଳକୁ ଖସିଛି।

ଟ୍ରମ୍ପ ପ୍ରଶାସନର ୫୦% ଶୁଳ୍କ ଯୋଗୁଁ ଭାରତର ୮୭ ବିଲିୟନ ଡଲାରର ରପ୍ତାନି ପ୍ରଭାବିତ ହେବାର ଆଶଙ୍କା ରହିଛି। ଭାରତ ପ୍ରତିବର୍ଷ ଆମେରିକାକୁ ପ୍ରାୟ ୮୦ ବିଲିୟନ ଡଲାର ସାମଗ୍ରୀ ରପ୍ତାନି କରିଥାଏ, ଯାହା ମୋଟ ରପ୍ତାନିର ୧୮ ପ୍ରତିଶତ ଏବଂ ଜିଡିପିର ପ୍ରାୟ ୨.୫ ପ୍ରତିଶତ। ୫୦% ଶୁଳ୍କ ରପ୍ତାନିକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାର ସମ୍ଭାବନା ଥିବାରୁ ଜିଡିପି ମଧ ୦.୪% ପ୍ରତିଶତ ହ୍ରାସ ପାଇବାର ଆଶଙ୍କା ରହିଛି। ସେହିପରି ଏବେ ଫାର୍ମା କ୍ଷେତ୍ରରେ ଆମେରିକା ୨୫୦% ଶୁଳ୍କ ଲାଗୁ ଧମକ ଦେଇଥିବାରୁ ଏହାକୁ ନେଇ ଭାରତୀୟ ଫାର୍ମା କମ୍ପାନୀଗୁଡ଼ିକ ବେଶ୍ ଚିନ୍ତିତ। ଯଦି ଆମେରିକା ସହିତ କୌଣସି ବାଣିଜ୍ୟ ଚୁକ୍ତି ନ ହୁଏ ବା ଶୁଳ୍କ ହ୍ରାସ କରା ନ ଯାଏ, ତେବେ ଏହା ଦେଶର ୪୮.୨ ବିଲିୟନ ଡଲାର ମୂଲ୍ୟର ରପ୍ତାନି ଉପରେ ସିଧାସଳଖ ପ୍ରଭାବ ପଡ଼ିବ।

ଭାରତରୁ ଆମେରିକାକୁ ଅଧିକାଂଶ ଅଳଙ୍କାର, ପୋଷାକ, ଯନ୍ତ୍ରପାତି ଏବଂ ରାସାୟନିକ ପଦାର୍ଥ ରପ୍ତାନି କରାଯାଏ। ୫୦% ଶୁଳ୍କ ଆମେରିକାରେ ଏହି ଜିନିଷଗୁଡ଼ିକୁ ମହଙ୍ଗା କରିବ। ଯାହା ଫଳରେ ସେଠାରୁ ଅର୍ଡର ହ୍ରାସ ପାଇବ। କମ୍ ଅର୍ଡର ଯୋଗୁଁ କମ୍ପାନୀଗୁଡ଼ିକୁ ସେମାନଙ୍କର ଉତ୍ପାଦନ ହ୍ରାସ କରିବାକୁ ପଡିବ, ଯାହା ଦ୍ୱାରା କର୍ମଚାରୀ ଛଟେଇ ହୋଇପାରନ୍ତି। ତେଣୁ ଏହି କ୍ଷେତ୍ରଗୁଡ଼ିକରେ ଲେଖକେ ଚାକିରି ହରାଇବାର ଆଶଙ୍କା ରହିଛି। ଏହାବାଦ୍ ୫୦% ଶୁଳ୍କ ଆମେରିକାକୁ ରପ୍ତାନି ହ୍ରାସ କରିବ। ଏହାଦ୍ୱାରା ଭାରତର ଜିଡିପି ଅଭିବୃଦ୍ଧି ୦.୨% ରୁ ୦.୬% ହ୍ରାସ ପାଇବ ଏବଂ ସରକାରଙ୍କୁ ନିଜର ବାଣିଜ୍ୟ ନୀତିରେ ପରିବର୍ତ୍ତନ କରିବାକୁ ପଡ଼ିବ। ଆମେରିକା ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସରକାରଙ୍କୁ ୟୁରୋପ, ଋଷ କିମ୍ବା ଅନ୍ୟ ଦେଶରେ ବାଣିଜ୍ୟ ବୃଦ୍ଧି କରିବାକୁ ପଡିବ।

### ରାଜ୍ୟରେ ଆରମ୍ଭ...

ସରକାର ଆରମ୍ଭ କରିଛନ୍ତି ‘ଆମ ଶାସନ’ କାର୍ଯ୍ୟକ୍ରମ। ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆରମ୍ଭ କରିଛନ୍ତି ‘ଆମ ଶାସନ’। ଏହି ବ୍ୟବସ୍ଥାରେ ଲୋକମାନେ ଉଭୟ ଅନ୍‌ଲାଇନ ଓ ଅଫଲାଇନ୍ ମାଧ୍ୟମରେ ସେମାନଙ୍କର ମତାମତ ବା ପରାମର୍ଶ ସରକାରଙ୍କୁ ଦେଇପାରିବେ। ରାଜ୍ୟ ସରକାରଙ୍କ ୱେବସାଇଟ୍ ଚାଟ୍‌ବଟ୍, ହ୍ୱାଟ୍ସଆପ୍ ଚାଟ୍‌ବଟ୍ +୯୧-୭୪୦୦୨୨୧୯୦୩, ଟୋଲ୍ ଫ୍ରି ନମ୍ବର ୧୪୪୭୧ ଜରିଆରେ ନିଜ ଅଭିଯୋଗ ଓ ପରାମର୍ଶ ଦିଆଯାଇ ପାରିବ। ଏହା ସହିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ମଧ ଟେଲିଫୋନ୍ ଜରିଆରେ ମତାମତ ଗ୍ରହଣ କରିବେ।

କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ। ତେଣୁ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ସର୍ବୋପରି ସରକାରୀ ସେବା ବ୍ୟବସ୍ଥାକୁ ନାଗରିକ କୈନ୍ଦ୍ରିକ କରାଯାଇଛି। ଜନସାଧାରଣଙ୍କ ମତାମତ ବିନା କୌଣସି ଯୋଜନା ସଫଳ ହୋଇ ପାରିବ ନାହିଁ। ‘ଆମ ଶାସନ’ ସରକାର ଓ ପ୍ରଶାସନରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧତା ଓ ଉତ୍ତରଦାୟିତ୍ୱତା ଆଣିବ। ସେହିପରି ସରକାର ଓ ଲୋକଙ୍କ ମଧ୍ୟରେ ଥିବା ଦୂରତା ହ୍ରାସ ପାଇବ। ଲୋକଙ୍କ ମତାମତକୁ ସମ୍ମାନ ଜଣାଇ ବିଧିବ୍ୟବସ୍ଥାରେ ଆବଶ୍ୟକୀୟ ପରିବର୍ତ୍ତନ କରାଯିବ। ସୂଚନା ଯୋଗ୍ୟ ଯେ ବର୍ତ୍ତମାନ ଅନଲାଇନ ଜରିଆରେ ସରକାର ୩୨ଟି ବିଭାଗର ୪୨୮ଟି ସେବା ଯୋଗାଇ ଦେଉଛନ୍ତି। ଆମ ଶାସନ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୮ଟି ବିଭାଗର ୧୩ଟି ସେବା ପାଇଁ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏଗୁଡିକ ହେଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମଧୁବାବୁ ପେନ୍‌ସନ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ବିଭାଗର ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶ୍ରୀଅନ୍ନ ଓ ସିଏମ୍ କିଷାନ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଧାନ ସଂଗ୍ରହ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଇନ୍ ପେସେଣ୍ଟ ଓ ଆଉଟ୍ ପେସେଣ୍ଟ ସେବା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଏବଂ ଗୃହ ବିଭାଗର ରଓଜ, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ ଓ ପିଟିସନ।

ଆଜି କାର୍ଯ୍ୟକ୍ରମ ଆରମ୍ଭ ପରେ ବିଭିନ୍ନ ଜିଲ୍ଲାର କିଛି ହିତାଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ଇଲୋକ୍ଟ୍ରୋନିକ୍ସ ଓ ଆଇ.ଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତୀ ଏସ୍. ପ୍ରମୁଖ ଉପସ୍ଥିତ ଥିଲେ।

# ୩୦୦୦ ବୋତଲ କଫସିରପ୍ ଜବତ, ୨ ଗିରଫ

ସମ୍ବଲପୁର, ୨୬।୮ (ସମିସ): ବୁର୍ଲା ଥାନା ପୁଲିସ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁଇଟ୍ ଅନୁଷ୍ଠାନର ପଛପାର୍ଶ୍ୱରେ ଚଢ଼ଉ କରି ବିପୁଳ



ପରିମାଣରେ କଫସିରପ୍ ଜବତ କରିବା ସହ ୨ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ବୁର୍ଲା ଥାନା ଅନ୍ତର୍ଗତ ବୁର୍ଲା ତଳପଡ଼ାର ଆକାଶ ସାମଲ (୨୬) ଓ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ସିଂଘିଯୁବାର ସୁକଦେବ ଦୀପ (୨୧)। ସେମାନଙ୍କଠାରୁ ୩୦୦୦ ବୋତଲ କଫସିରପ, ଗୋଟିଏ ପିକ୍‌ଅପ୍ ଭ୍ୟାନ, ୨ଟି ମୋବାଇଲ ଫୋନ ଓ ୧ଲକ୍ଷ ୧୨ ହଜାର ଟଙ୍କା ଜବତ ହୋଇଛି। ପୁଲିସ ସୂଚନାନୁଯାୟୀ, ବୁର୍ଲା ପୁଲିସ୍ ଆଜି ଭୋର୍ ପ୍ରାୟ ୪ଟାରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱବିଦ୍ୟାଳୟର ସୁଇଟ୍ ପଛ ପାଖରେ ଥିବା ଖୋଲାପଡ଼ିଆରେ ବିପୁଳ ପରିମାଣର କଫସିରପ୍ ବୋଝେଇ ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନ ଛିଡ଼ା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏସ୍‌ଆଇ ଏ.କେ ନାୟକ ସଦଳବଳେ ସେଠାରେ ଚଢ଼ଉ କରି ମାଜିଷ୍ଟ୍ରେଟ୍ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିରେ ଦୁଇଜଣ ଅଭିଯୁକ୍ତଙ୍କୁ ଧରିବା ସହ ୩୦୦୦ ବୋତଲ କଫସିରପ୍ ବୋଝେଇ ଭ୍ୟାନ୍‌କୁ ଜବତ କରିଥିଲେ। ସେମାନଙ୍କଠାରୁ ୧,୧୨,୦୦୦ ନଗଦ ଟଙ୍କା ଏବଂ ୨ଟି ମୋବାଇଲ ଫୋନ ମଧ ଜବତ କରିଥିଲେ।

**AFFIDAVIT**

By virtue of an affidavit sworn Before Notary Public, Angul, dated 04/08/2025, I, Sujan Bhutia, Address At-Pandarabharania, Po-Budhapank, Ps- Banarpal, Dist-Angul, Odisha, Pin Code-759128 declare that I have changed the name of my son Chiranjivee Bhutia to Priyansu Bhutia Henceforth he shall be knows as **Priyansu Bhutia** for all propose.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 116 dt. 26.08.2025, I, Subhashree Priyadarshnee Sahoo resident of Pratima Nivas, Paltanpadia, near Hengulai Temple, P.S./Dist. Khordha, Odisha, declare that I have changed my name from Subhashree Priyadarshnee Sethi to Subhashree Priyadarshnee Sahoo. Henceforth I shall be known as Subhashree Priyadarshnee Sahoo for all purposes.

**Subhashree Priyadarshnee Sahoo**

**AFFIDAVIT**

By virtue of an affidavit sworn before Executive Magistrate Bhograi Tahasil on dated-11/03/2025, I, **Mr. Braja Kishore Das,** Address AT/PO-Sankhari, PS- Bhograi, DIST-Balasore, PIN-756037 Odisha, declare that I have changed the name of my Son from **RIYANSH DAS** (old name) to **RAYANSH DAS** (new name). Henceforth, he shall be known as **RAYANSH DAS** (new name) for all purposes.

**Applicant Name: Braja Kishore Das**

**AFFIDAVIT**

I, Nakamani Hembram D/o Jadunath Hembrom, Resident of At-Jagda, PO/PS-Jhirpani, Rourkela Dist-Sundargarh PIN-769042, Odisha declare by this affidavit No.A/15 dtd 31.08.2024 that now onwards I shall be known as **NAKMANI NILIMA HEMBROM** for all future purposes.

**AFFIDAVIT**

By virtue of an affidavit sworn before Notary Public, Puri, dated 16/08/2025 I Subhashree Samantaray, Address: At- Balarampur, Po.-Rameswar, Via-J ankia, Dist. -Khorda, Pin-752020, Odisha declare that I have changed my name from **Suvashree Samantaray** to **Subhashree Samantaray**. Henceforth, I shall be known as **Subhashree Samantaray** for all purposes.

**AFFIDAVIT**

I, Sachit Agrawal S/o Ram Kumar Agarwal, Resident of At-W 5, Civil Township, Raghunathpali, Rourkela-4, Dist-Sundargarh PIN-769004, Odisha declare by this affidavit No.1625 dtd 26.08.2025 that now onwards I shall be known as **SACHIT AGARWAL** for all future purposes.

**AFFIDAVIT**

I, Usharani Nayak D/o Banabihari Das, Resident of Village-Alana, PO-Alanahat, Nuagaon, Dist-Jagatsinghapur, Odisha declare by this affidavit No.9373 dtd 18.10.2021 that now onwards I shall be known as **USHARANI DAS** for all future purposes.

**BRAHMAPUR MUNICIPAL CORPORATION**

No. 12468, Date: 23/08/25 C-962

**REQUEST FOR PROPOSAL**

Sealed RFP are invited to be reached from reputed Event Management Companies for organising the **“Event for LSG Day Celebration 2025” at Brahmapur.** The detailed terms & conditions are available at our office website www.berhampur.gov.in.The last date of receipt of tenders in this office by **28/08/2025, 05:00 PM** and will be opened on **29/08/2025 at 11:00** AM in the office of undersigned.

The Authority reserves the right to accept or reject any RFP without assigning any reason thereof.

Sd/- Commissioner
Brahmapur Municipal Corporation

OIPR-13035/11/0059/2526

**BLOCK EDUCATION OFFICE, NUAGAON, DIST.- NAYAGARH**

ଏତଦ୍ ଦ୍ୱାରା ଶ୍ରୀ ଉମେଶ ଚନ୍ଦ୍ର କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ନୂଆଗାଁ, ସା/ପୋଷ୍ଟ/ଥାନା-ନୂଆଗାଁ, ଜିଲ୍ଲା-ନୟାଗଡ଼ଙ୍କୁ ସୂଚିତ କରାଯାଉଅଛି କି, ଆପଣ ଦୀର୍ଘ ଦିନ ଧରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ, କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ବାରମ୍ବାର ସୂଚନା ଦେଲେ ମଧ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣ ଦେଇଥିବା ଠିକଣାରେ ଯୋଗାଯୋଗ କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ । ଆପଣଙ୍କୁ ସୂଚିତ କରାଯାଉଅଛି କି ଆପଣ ୦୭ (ସାତ ) ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ନ ଦେଲେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଆପଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

SD/- BLOCK EDUCATION OFFICE,
NUAGAON

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No. 1999/OSOU/2025 Dt. 26.08.2025

**EXPRESSION OF INTEREST**

OSOU intends to implement the **"e-Evaluation (Web based online Digital Evaluation)"** of Answer scripts through OSM Book scanning of Answer scripts without cutting/de-threading of Answer books. EOI is invited from the agencies having experience in the said services.

The interested agency may visit our website www.osou.ac.in for more details. Last date of submission of EOI with technical and financial bid in separate sealed envelopes are **26.09.2025.**

For more details visit our website:
www.osou.ac.in

Sd-
Registrar

## ଦୁର୍ଘଟଣାରେ କଲେଜ କିରାଣିଙ୍କ ମୃତ୍ୟୁ

ଖପ୍ରାଖୋଲ,୨୬।୮(ସମିସ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କିରାଣି ଚନ୍ଦ୍ରମଣି ଭଇଁସାଲ ଆଉ ନାହାନ୍ତି। କଲେଜ ଛକ ନିକଟରେ ଏକ ଟ୍ରକ୍ ତଳେ ଚାପି ହୋଇ ତାଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଲାଠୋର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ମଙ୍ଗଳବାର ମଧ୍ୟାହ୍ନରେ ସେ ବାଇକ୍‌ରେ ଘରକୁ ଖାଇବା ପାଇଁ ଯାଉଥିଲେ। ଏହି ସମୟରେ ଗଏନ୍ଦିମାଲ ଗ୍ରାମର ଉଗ୍ରେସନ ଭୋଇ ଏବଂ ତାଙ୍କ ସାଙ୍ଗ ଏକ ବାଇକରେ କଲେଜ ଛକ ସ୍ଥିତ ହୋଟେଲକୁ ଖାଇବାକୁ ଆସି ଫେରୁଥିଲେ। ଦୁହିଁଙ୍କ ବାଇକ୍ ଆଗରେ ଗୋଟିଏ ଛତିଶଗଡି ଟ୍ରକ୍ (ସିଜି୦୪ ଏଚଜେଡ ୧୧୭୬) ଦ୍ରୁତ ଗତିରେ ଯାଉଥିଲା। ଚନ୍ଦ୍ରମଣୀଙ୍କ ବାଇକ୍ ଟ୍ରକରେ ଲାଗିଯାଇଥିବାରୁ ପଛରେ ଆସୁଥିବା ବାଇକ୍‌ଟି ମଧ୍ୟ ତଳେ ପଡିଯାଇଥିଲା। ଭାଗ୍ୟ ବଶତଃ ଉଗ୍ରେସନ ଏବଂ ତାଙ୍କ ସାଙ୍ଗ ବର୍ଞ୍ଚି ଯାଇଥିଲେ। ଚନ୍ଦ୍ରମଣିଙ୍କ ମୁଣ୍ଡ କିନ୍ତୁ ଟ୍ରକ ଚକ ତଳେ ଚାପି ହୋଇଯାଇଥିଲା। ଏହା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଲା। ଖବର ପାଇଁ ଲାଠୋର ପୁଲିସ ଓ ପରିବାର ଲୋକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଜବତ କରି ପୁଲିସ ବ୍ୟବଚ୍ଛେଦ ଲାଗି ଖପ୍ରାଖୋଲ ଡାକ୍ତରଖାନା ପଠାଇଥିଲା। ଦୁର୍ଘଟଣାରେ ସମ୍ପୃକ୍ତ ଟ୍ରକ ଡ୍ରାଇଭର ତୁରେକେଲା ଥାନା ବରିଆଲି ଗ୍ରାମର ଟିକେନ୍ଦ୍ର ମାଝୀକୁ ଘଟଣାସ୍ଥଳରୁ ପୁଲିସ ଗିରଫ କରିଛି। ଏନେଇ ଲାଠୋର ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଲାଠୋର ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି।

## ବିଜେପି ରାଜ୍ୟସଭାପତିଙ୍କୁ କେସିଙ୍ଗାରେ ସ୍ୱାଗତ

କେସିଙ୍ଗା,୨୬।୮(ସମିସ): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛନ୍ତି।କଳାହାଣ୍ଡିର ଦ୍ୱାର କେସିଙ୍ଗା ଦେଇ କଳାହାଣ୍ଡି ଜିଲ୍ଲାରେ ପହଞ୍ଚିଛନ୍ତ।ଶ୍ରୀ ସାମଲଙ୍କ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ ସାଙ୍ଗକୁ ରଣନୀତି ପ୍ରସ୍ତୁତ କରାଯାଇଥିଲା ଦୁଇଦିନ ଆଗରୁ।ସହରରେ ସ୍ଥାନେ ସ୍ଥାନେ ବଡ଼ ବଡ଼ ବ୍ୟାନରରେ କର୍ମୀଙ୍କ ଫୋଟୋ ସହିତ ସଭାପତିଙ୍କୁ ଜିଲ୍ଲାରେ ସ୍ୱାଗତ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଛି।ସଭାପତି ଅମାଠ ଛକରେ ପହଞ୍ଚିବା ପରେ ତାଙ୍କୁ କେସିଙ୍ଗା ବିଜେପି ପକ୍ଷରୁ ବାଇକ୍ ଶୋଭାଯାତ୍ରାରେ କେସିଙ୍ଗାକୁ ପାଛୋଟି ଅଣାଯାଇଥିଲା।କେସିଙ୍ଗାରେ କୌଣସି ସଭାସମିତିର କାର୍ଯ୍ୟକ୍ରମ ନ ଥିଲେ ମଧ୍ୟ ସ୍ଥାନୀୟ ପୁରୁଣା ଷ୍ଟେଟ ବ୍ୟାଙ୍କ ପାଖରେ ସଭାପତିଙ୍କୁ ଦଳୀୟ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନାଜ୍ଞାପନ କରିଥିଲେ। କଳାହାଣ୍ଡି ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାରଙ୍କ ସମେତ ପୂର୍ବତନ ଜିଲ୍ଲା ସଭାପତି ବିର୍ଦ୍ଧି ଭାଇ,ନଗରସଭାପତି ପିଙ୍କୁ ପରିଡ଼ା,ସମ୍ପାଦକ ଯୁଗଳ କିଶୋର ଦୀପ,ପୂର୍ବତନ ସଭାପତି ପ୍ରଶାନ୍ତ ବାନାର୍ଜୀ,ମଗନ୍ ସିନ୍ଦୂର,ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ଦାସ,ଉପସଭାପତି ପ୍ରୀତେଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ସବ୍ ଜୁନିୟର କିକ୍ ବକ୍ସିଂରେ ଭାଗନେବ ଅଭିପ୍ସା ହୋତା

ବଲାଙ୍ଗିର,୨୬।୮(ସମିସ): ଆସନ୍ତା ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଚେନ୍ନାଇରେ ଜାତୀୟ ସବ୍ ଜୁନିୟର କିକ୍ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ବଲାଙ୍ଗିର ଜିଲ୍ଲା ଅମ୍ବେଚର କିକ୍ ବକ୍ସିଂ ସଂଘରୁ ଜଣେ ପ୍ରତିଯୋଗୀ ମନୋନିତ ହୋଇଛନ୍ତି। ସେ ହେଲେ ଶେଖର କିକ୍ ବକ୍ସିଂ ଏକାଡେମୀର ଖେଳାଳି ଅଭିପ୍ସା ହୋତା। ଶେଖର କିକ୍ ବକ୍ସି ଏକାଡେମୀର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠଙ୍କ ତତ୍ତ୍ୱାବଧାନରେ ଖେଳିବାକୁ ଯିବେ। ବଲାଙ୍ଗିର ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ, ଓଡିଶା କିକ୍ ବକ୍ସିଂ ସଂଘର ସଭାପତି କାର୍ତ୍ତିକ ଡାକୁଆ, ବଲାଙ୍ଗିର ଜିଲ୍ଲା କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ମିଶ୍ର, ସଂପାଦକ ଭଗବାନ କୁମ୍ଭାର, କରାଟେ ସଂଘର ସଂପାଦକ ହୃଦୟ ଶବର ଓ ଶେଖର କିକ୍ ବକ୍ସିଂ ଏକାଡେମୀ ସଦସ୍ୟ ସୁରେନ୍ଦ୍ର ସାହୁ, ବଦ୍ରିନାଥ ହୋତା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କେନ୍ଦୁପତ୍ର ସାମୟିକ କର୍ମଚାରୀ ଓ ତୋଳାଳିଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ



ବଲାଙ୍ଗିର,୨୬।୮(ସମିସ): ସ୍ଥାନୀୟ କେନ୍ଦୁପତ୍ର ବନଖଣ୍ଡ କାର୍ଯ୍ୟାଳୟରେ ପରଲୋକଗତ ୪୩ ଜଣ କର୍ମଚାରୀଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି। ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେ ଏହି ରାଶି ପ୍ରଦାନ କରିଛନ୍ତି। ସରକାରଙ୍କ କେନ୍ଦୁପତ୍ର ତୋଳାଳି, ବାନ୍ଧଳି କଲ୍ୟାଣ ପାଣ୍ଠି ତରଫରୁ ଏହା ପ୍ରଦାନ କରାଯାଇଛି। ପ୍ରତି ହିତାଧିକାରୀଙ୍କୁ ୨ଲକ୍ଷ ଟଙ୍କା ହିସାବରେ ୮୬ଲକ୍ଷ ଟଙ୍କାର ବ୍ୟାଙ୍କ ଚେକ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗିର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୁଇଁନ୍ତଲା ଜିଲ୍ଲା ପରିଷଦ ସଦସ୍ୟ ଶିବଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ହିତାଧିକାରୀଙ୍କୁ ସାନ୍ତ୍ୱନା ଦେଇ ଚେକ୍ ପ୍ରଦାନ କରାଯାଇଥିଲା। ସୂର୍ଯ୍ୟନାରାୟଣ ବେଜ, ସୁଧୀର ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଜୀକରଣକୁ ନେଇ ଚାଷୀଙ୍କ ଅସନ୍ତୋଷ

# ମେଦିନିପୁର କୃଷି ସେବା ସମବାୟ ସମିତିରେ ଅନିୟମିତତା

ଭବାନୀପାଟଣା,୨୬।୮(ସମିସ): କଳାହାଣ୍ଡି ଜିଲ୍ଲା ମେଦିନୀପୁର କୃଷି ସେବାସମବାୟ ସମିତିରେ ଚାଷୀ ପଞ୍ଜୀକରଣକୁ ନେଇ ଦେଖାଦେଇଛି ଅସନ୍ତୋଷ। ଚାଷୀ ପଞ୍ଜୀକରଣ ଲାଗି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ ସୁଦ୍ଧା ଡାଟାଏଣ୍ଟ୍ରି ଅପରେଟରଙ୍କ ଅବହେଳାରୁ ପଞ୍ଜୀକରଣ ହୋଇପାରୁନି। ସେଠାରେ ଦଲାଲମାନେ ଚାଷୀଙ୍କୁ ଶୋଷଣ କରିବା ପାଇଁ ଏବେ ଠାରୁ ଜାଲ ବିଛେଇଲେଣି। ସମବାୟର କିଛି ଅସାଧୁ କର୍ମଚାରୀଙ୍କୁ ହାତବାରିସୀ କରି ଦଲାଲ ଦ୍ୱାରା ପ୍ରସ୍ତୁତ ହେଉଥିବା ଚିଠା ଆଗ ପଞ୍ଜୀକରଣ ହେଉଥିବା ଦେଖିବାକୁ ମିଳୁଛି। ଏହି ପକ୍ରିୟା ପ୍ରତ୍ୟେକ ବର୍ଷ ଏହି ପଞ୍ଜୀକରଣ ସମୟରେ ଦେଖାଦେଇଥାଏ। ଯାହାଦ୍ୱାରା ପଞ୍ଜୀକରଣ ନିମନ୍ତେ ଚାଷୀ ବାରମ୍ବାର ଫେରିବା ଫଳରେ ଦଲାଲର ସାହାରେ ନେଇଥାଏ। ଦଲାଲ ଶୋଷଣର ମାୟାଜାଲରେ ପଞ୍ଜୀକରଣ ଦିନଠାରୁ ହିଁ ଫସି ଥାଏ ଚାଷୀ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୋନସକୁ ମିଶାଇ କୁଇଣ୍ଟାଲ ପ୍ରତି ୩୧ସହ ଟଙ୍କାକୁ ବୃଦ୍ଧି କରିବା ପରେ ଧାନ ବେପାରୀମାନେ ପୂର୍ଣ୍ଣମାତ୍ରାରେ ସକ୍ରିୟ ହୋଇ ଯାଇଛନ୍ତି। ଧାନବିକ୍ରୀ ପାଇଁ ଅନଲାଇନ ଚାଲିଥିବାରୁ ଦଲାଲମାନେ




ଚାଷୀଙ୍କୁ ସାଙ୍ଗରେ ସମବାୟ କାର୍ଯ୍ୟାଳୟକୁ ନେଇ ଅନଲାଇନ କରାଉଥିବା ସହ ଅପରେଟରକୁ ହାତ ଗୁଞ୍ଜା ଦେଇ ତାଙ୍କ କାମ ସବୁଠାରୁ ଆଗରେ କରାଇ ନେଉଥିବା ଅଭିଯୋଗ। ଯେଉଁଠି ଚାଷୀମାନେ ନିଜେ ଯାଇ ଆବଶ୍ୟକୀୟ କାଗଜପତ୍ର ସମବାୟ କାର୍ଯ୍ୟାଳୟରେ ଦାଖଲ କରିଥିଲେ ହେଁ ସେମାନଙ୍କ ପଞ୍ଜୀକରଣ ହୋଇପାରୁନାହିଁ। ସଦର ବ୍ଲକ୍ ସରଗଲାଞ୍ଜି ଗ୍ରାମର ଶେଷଦେବ ପଟେଲ ଙ୍କ କହିବା ମୁତାବକ ସେ ପଞ୍ଜୀକରଣ ଲାଗି ସମବାୟ କାର୍ଯ୍ୟାଳୟରେ ଆବଶକୀୟ କାଗଜପତ୍ର ଦାଖଲ କରିବାରେ ଆଜକୁ ପ୍ରାୟ ୨୫ ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ତାଙ୍କର ପଞ୍ଜୀକରଣ ହୋଇପାରିଲା ନାହିଁ। ସର୍ଭର ସ୍ଲୋ ଦର୍ଶାଇ ତାଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ କରିଛନ୍ତି। ଅଥଚ ତାଙ୍କ ପଛରେ ଦଲାଲ ମାର୍ଫତରେ ଆସିଥିବା ଅମସ୍ତ ଚାଷୀମାନଙ୍କର ଅନଲାଇନ ପଞ୍ଜୀକରଣ ସରିଗଲାଣି। ସେ ସମବାୟ ସଦାସର୍ବଦା ଦଲାଲାଙ୍କୁ ପ୍ରାଧାନ୍ୟ ଦେଇଆସୁଥିବାରୁ ଚାଷୀମନରେ ଅସନ୍ତୋଷ ଦେଖାଦେଇଛି। ଆଜିପର୍ଯ୍ୟନ୍ତ ବେପାରୀଙ୍କ କଳାକାରନାମା ରୋକିବା ପାଇଁ କୌଣସି ଠୋସ ପଦକ୍ଷେପ ନେଇପାରିଲେନି ସରକାର। ଯାହାଫଳରେ ଚାଷୀ ବାଧ୍ୟ ହୋଇ ପଞ୍ଜୀକରଣ ଦିନଠାରୁ ହିଁ ୨୪ଶହ ଟଙ୍କାରେ ଧାନ ବିକ୍ରି କରିବାକୁ ଏକ ପ୍ରକାର ଚୁକ୍ତି କରୁଥିବା ଅଭିଯୋଗ। ଏକ ବିଶେଷ ସୂତ୍ରରୁ ଜଣାପଡିଛି,ଧାନଦର ବୃଦ୍ଧି ହେବା ପରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପରିବର୍ତ୍ତେ ଧାନ ବେପାରୀଙ୍କ ସଂଖ୍ୟା ବୃଦ୍ଧିପାଉଛି। ଚାଷୀମାନଙ୍କୁ ପଞ୍ଜୀକରଣ ଦିନ ଠାରୁ ଆରମ୍ଭ କରି ମଣ୍ଡିରେ ଧାନ ଦେବା ପର୍ଯ୍ୟନ୍ତ ବହୁ ସମସ୍ୟା ଦେଇ ଗତିକରିବାକୁ ପଡିଥାଏ। ସେମାନଙ୍କୁ ଏଭଳି କରିଦିଆଯାଉଛି କି ବାଧ୍ୟ ହୋଇ ଚାଷୀ ବେପାରୀଙ୍କ ସାହାରା ନେଇଥାଏ। ଅସାଧୁ ସମବାୟ କର୍ମଚାରୀ ଏବଂ ଧାନ ଦଲାଲଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀ ଶୋଷିତ ହେଉଥିବା ଦେଖିବାକୁ ମିଳୁଛି।ଚଳିତ ବର୍ଷ ଭାଗ ଚାଷୀଙ୍କ ପାଇଁ ଜମି ମାଲିକଙ୍କ ଆଧାର କାର୍ଡ, ଫର୍ମରେ ଦସ୍ତଖତ ଆଦି ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ଇତ୍ୟାଦି ସାମିଲ କରାଯାଇଥିବା ବେଳେ ଜମି ମାଲିକଙ୍କ ବିନା ଅନୁମତିରେ ଭାଗ ଚାଷୀଙ୍କ ନାମରେ ଅନଲାଇନ୍ କରାଯାଇଥିବା ନଜିର ମଧ୍ୟ ଦେଖିବାକୁ ମିଳିଛି। ଚାଷୀ ନିଜ ନାମରେ ଅନଲାଇନ କରିବାକୁ କାଗଜପତ୍ର ସମବାୟ ସଂସ୍ଥାରେ ଦେଇଥିଲେ ମଧ୍ୟ ଅନଲାଇନ ହୋଇପାରୁନାହିଁ।

ଏଭଳି ଏକ ଘଟଣା ଘଟିଛି ବଳରାମପୁର ଗ୍ରାମର ଚାଷୀ ରାକେଶ କୁମାର ମୁନୀଙ୍କ କ୍ଷେତ୍ରରେ, ସେ ଅନଲାଇନ ପାଇଁ ସମସ୍ତ କାଗଜପତ୍ର ସମବାୟ ସମିତିରେ ଦାଖଲ କରିଥିଲେ ହେଁ ତାଙ୍କ ନାମରେ ଅନଲାଇନ କରାଯିବା ସମୟରେ ସେହି ସମସ୍ତ ୭ ଏକର ଜମି କେଶବ ଚନ୍ଦ୍ର ସାଙ୍କ ନାମରେ ପଞ୍ଜୀକରଣ ହୋଇଥିଲା।ଏସମ୍ପର୍କରେ ଡାଟାଏଣ୍ଟ୍ରି ଅପରେଟର ସମୀର ରାଜୁଙ୍କୁ ପଚାରିବାରୁ ଭୁଲରେ ଖସିଯାଇଥିବ ବୋଲି ଖାମଖିଆଲ ମନ୍ତବ୍ୟ ଦେଇଥିଲେ। ଯେହେତୁ ଏହି ଜମିରେ ତ୍ରିଲୋଚନ ମୁନୀ, ଧନେଶ୍ୱର ମୁନୀ ପିତା କାନ୍ତାରୁ ମୁନୀ,ମାର୍କଣ୍ଡ ମୁନୀ, ମନୋଜ କୁମାର ମୁନୀ, ମଦନ ମୋହନ ମୁନୀ ପିତା ସତ୍ୟନାରାୟଣ ମୁନୀ, ଶଶୀରେଖା ମୁନୀ ସ୍ୱାମୀ ସତ୍ୟନାରାୟଣ ମୁନୀଙ୍କ ନାମ ଉଲ୍ଲେଖ ଅଛି, ଏହା ଏକ ଜଏଣ୍ଟ ପଟ୍ଟା ସମସ୍ତଙ୍କ ସହମତି ଦରକାର, ଏଭଳିସ୍ଥଳେ ଜଣେ ଭାଗ ଚାଷୀଙ୍କ ନାମରେ କେଉଁ ପରିସ୍ଥିତିରେ ଅନଲାଇନ ପଞ୍ଜୀକରଣ କରାଗଲା। ଏଣୁ ଉକ୍ତ ସମବାୟରେ ଅନଲାଇନ ପଞ୍ଜୀକରଣ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଡିଆରସିଏସଙ୍କୁ ପଚାରିବାରୁ ସେ କହିଲେ ଏହିଭଳି ବେନିୟମ କାର୍ଯ୍ୟ ହେବାକଥା ନୁହଁ ମୁଁ ଏହାର ତଦନ୍ତ କରିବି ଓ ଏହାକୁ ବାତିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ,ଡିଆରସିଏସଙ୍କ ହସ୍ତକ୍ଷେପ ପରେ ଉକ୍ତ ସମସ୍ୟା ସମାଧାନ ହୋଇଥିଲା।. ଉକ୍ତ ସମବାୟରେ ଏହିଭଳି ଅରାଜକତା ଦେଖିବାକୁ ମିଳୁଥିବାରୁ ତୁରନ୍ତ ବିଭାଗୀୟ ଅଧିକାରୀ ହସ୍ତକ୍ଷେପ କରି ସମବାୟକୁ ଦଲାଲମୁକ୍ତ କରିବାକୁ ଦାବି ହେଉଛି।

## ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଶବ ସତ୍କାର ହେଲା

ବଲାଙ୍ଗିର,୨୬।୮(ସମିସ): ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଜଣେ ଗରିବ ବ୍ୟକ୍ତିଙ୍କୁ ତାଙ୍କ ପତ୍ନୀଙ୍କ ଶବ ସଂସ୍କାର କରିବାରେ ସହଯୋଗ କରିଛନ୍ତି। ଧର୍ମଗଡ଼ ଏନଏସି ଅଧୀନ କାଶୀବାହାଲ ପଡାର ମୋହନ ଜାଲଙ୍କ ସ୍ତ୍ରୀ କବିତା ଜାଲ(୨୮)ଙ୍କ ଶବ ସଂସ୍କାର କରିବାରେ ଅନୁଷ୍ଠାନ ସହଯୋଗ କରିଛି। କବିତା ଭବାନୀପାଟଣା ହସ୍ପିଟାଲରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ଏହାପରେ ଅସୁସ୍ଥ ହୋଇ ପଡିବାରୁ ସେ ବଲାଙ୍ଗୀର ଭୀମ ଭୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଦୁର୍ଭାଗ୍ୟକୁ ସେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ମୋହନଙ୍କ ପାଦରୁ ମାଟି ଖସି ଯାଇଥିଲା।



ପତ୍ନୀ ବିୟୋଗ ତାଙ୍କୁ ଯେତିକି ବାଧି ନ ଥିଲା କେମିତି ଶବ ସତ୍କାର କରିବେ ସେହି ଚିନ୍ତାରେ ସେ ପଡିଥିଲେ। କାରଣ ସେ ଏତେ ଗରିବ ଯେ ଗାଁକୁ ଶବ ନେଇ ସତ୍କାର କରିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ଏଣୁ ସେ ନିଜର ୫ ବର୍ଷର ଝିଅ ସହ ସେଠାରେ ସ୍ତ୍ରୀର ଶବ ପାଖେ କାନ୍ଦୁଥିଲେ। ହସ୍ପିଟାଲର ଫାଣ୍ଡି ଅଧିକାରୀ ଗିରିଧାରୀ ରାକ୍ସଶା ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନକୁ ଏହି ଖବର ଦେବା ପରେ ସେମାନେ ତୁରନ୍ତ ପହଞ୍ଚି ଘଟଣା ସମ୍ପର୍କରେ ବୁଝି ମୋହନଙ୍କୁ ଆଶ୍ୱାସନା ଦେଇଥିଲେ। ଶବ ସତ୍କାର କରିବା ପାଇଁ କଥା ଦେଇ ସମସ୍ତ ପ୍ରକ୍ରିୟା ସାରିଥିଲେ। ଗୋବିନ୍ଦ ଚନ୍ଦ୍ର ଶତପଥୀ, ଲିଙ୍କନ ସେଠ, ଉତ୍ତମ ନନ୍ଦ, ସୁବ୍ରତ ରଣା, ସୀମାଞ୍ଚଳ ସୁନା ପ୍ରମୁଖ ବିଜାଖମନ ଶ୍ମଶାନରେ ମୋହନଙ୍କ ଉପସ୍ଥିତିରେ ଶବ ଦାହ କରିଥିଲେ। ଏଥିରେ ପୌରପରିଷଦ ପରିମଳ ଦାୟିତ୍ୱରେ ଥିବା ମନୋଜ ଦୀପ ସହଯୋଗ କରିଥିଲେ।

## ନୂଆଁଖାଇକୁ ନେଇ ଉଲ୍ଲସିତ ସିନାପାଲି ଅଞ୍ଚଳ

ସିନାପାଲି,୨୬।୮(ସମିସ): ଦିନକପରେ ଗଣପର୍ବ ନୂଆଁଖାଇ। ଏନେଇ ବିଶେଷ କରି ପଶ୍ଚିମଓଡିଶା ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଗାଁ ଠାରୁ ସହର ସବୁଠି ଉଲ୍ଲାସର ମାହୋଲ ଲାଗି ରହିଛି। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପ୍ରତିବର୍ଷ ନୂଆଁଖାଇ ପାଳନ କରାଯାଉଥିବା ବେଳେ ଏବର୍ଷ ଗୁରୁବାରରେ ପଡୁଛି। ଗଣପର୍ବ ନୂଆଁଖାଇକୁ ନେଇ ଦୋକାନ ବଜାର ସରଗରମ ହୋଇ ଉଠିଥିବା ବେଳେ ଲୋକେ ନୂଆଁ ପୋଷାକ, ଶାଢ଼ୀ ସହ ଅନ୍ୟାନ ସାମଗ୍ରୀ କିଣି କରି ନୂଆଁଖାଇର ପବିତ୍ର ଲଗ୍ନକୁ ଅପେକ୍ଷା କରିଛନ୍ତି। ପ୍ରାୟ ପନ୍ଦର ଦିନ ପୂର୍ବରୁ ଘରର ମହିଳା ମାନେ ଘରଦ୍ୱାର ସଫା କରିବା ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକୁ ସଜାଇ ରଖି ସାରିଛନ୍ତି। ପରିବାରର ସମସ୍ତେ ଏକତ୍ର ହୋଇ ନୂଆଁଖାଇବାର ପରମ୍ପରା ଥିବାରୁ ଦୂରଦୂରାନ୍ତରେ ରହୁଥିବା ପରିବାର ସଦସ୍ୟମାନେ ଘରକୁ ପହଞ୍ଚି ଗଲେଣି। କହିବାକୁ ଗଲେ ନୂଆଁଖାଇକୁ ନେଇ ଘରେ ଘରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଏହି ପର୍ବରେ ନୂଆଁ ଫସଲର ପ୍ରଥମ ଶସ୍ୟକୁ ଇଷ୍ଟଦେବାଦେବୀଙ୍କୁ ଭୋଗ ଲଗାଇ ଜୁହାରଭେଟ ମାଧ୍ୟମରେ ସମ୍ମାନ ଓ ଶ୍ରଦ୍ଧା ଭାବ ପ୍ରକାଶ କରିବାର ପରମ୍ପରା ରହିଛି। ନୂଆଁଖାଇ ପାଖାପାଖି ଭଲ ବର୍ଷା ହୋଇଥିବାରୁ ନୂଆଁଖାଇକୁ ନେଇ ସାଧାରଣରେ ଉତ୍ସାହ ଥିବା ପରିଲକ୍ଷିତ ହୋଇଛି। ମାଟି ଓ ମଣିଷର ଯେଉଁ ଅତୁଟ ସଂପର୍କ ରହିଛି ସେହି ସଂପର୍କରୁ ଉଦବୁଦ୍ଧ ଗଣପର୍ବ ନୂଆଁଖାଇ।ପରଆପଣାର ଊର୍ଦ୍ଧ୍ୱରେ ସମସ୍ତଙ୍କୁ ଆପଣେଇ ନେଇ ସମାଜରେ ଆତ୍ମୀୟତା ଓ ସମର୍ପଣର ଅତୁଟ ବନ୍ଧନଟିଏ କାହିଁ କେଉଁ କାଳରୁ ରହି ଆସିଛି। ଯେଉଁମାନେ ନିଜର ଜୀବନଜୀବିକା ପାଇଁ ବାହାରକୁ ଯାଇଥାନ୍ତି ସେମାନେ ଘରକୁ ଫେରି ପର୍ବରେ ସାମିଲ ହୁଅନ୍ତି। କହିବାକୁ ଗଲେ ବାସ୍ତବରେ ନୂଆଁଖାଇ ହେଉଛି ସାମାଜିକ ମିଳନ ଓ ପ୍ରତିବଦ୍ଧତାର ପର୍ବ। ସେଥିପାଇଁ ନୂଆଁଖାଇକୁ ଏକ ସାର୍ଥକ ଗଣପର୍ବ ବୋଲି କୁହାଯାଇପାରେ।

● ପକସପାଣିରେ ବେନିୟମ ମଦ କୋଠି ବନ୍ଦ ଦାବି

## ଅବକାରୀ ବିଭାଗର ଅଜବ ନୀତି, ପଞ୍ଚାୟତ ଚିଠିକୁ ପ୍ରତ୍ୟାଖ୍ୟାନ

ବେହେରା,୨୬।୮(ସମିସ): ଧର୍ମଗଡ଼ ବ୍ଲକ୍ ଛଞ୍ଚାଣ ବାହାଲି ପଞ୍ଚାୟତ ପକସପାଣି ଗ୍ରାମରେ ବେନିୟମ ମଦ କୋଠି ବନ୍ଦ ପାଇଁ ଗ୍ରାମବାସୀ ଦୀର୍ଘ ଦିନରୁ ଦାବିକରି ଆସୁଛନ୍ତି। ତେବେ ମଦ କୋଠି ବନ୍ଦ କରିବା ବଦଳରେ ବିଭାଗ ପ୍ରୋତ୍ସାହନ ଦେଖାଇ ବେପାରୀଙ୍କୁ ସହାୟତା କରିବା ଭଳି ଘଟଣା ସାମ୍ନାକୁ ଆସିଛି। ଗ୍ରାମରେ ଦୀର୍ଘ ଦିନରୁ ବେନିୟମ ଭାବେ ମଦବିକ୍ରି ହୋଇ ଆସୁଛି। ଫଳରେ ଗ୍ରାମର ପରିବେଶ ନଷ୍ଟ ହେବାସହ ବିଶୃଙ୍ଖଳା ଓ ଅସାମାଜିକ କାର୍ଯ୍ୟ ଦେଖା ଦେଇଥିବା ଅଭିଯୋଗ ହୁଏ। ଏହାକୁ ନେଇ ଗତ ମାସ ୧୬ତାରିଖ ଦିନ ଗ୍ରାମରେ ବେନିୟମ ମଦ ବିକ୍ରି ବନ୍ଦଲାଗି ଗ୍ରାମବାସୀ ଛଞ୍ଚାଣ ବାହାଲି ସରପଞ୍ଚ ପ୍ରୀତି ବେମାଲଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଗ୍ରାମରେ ବେନିୟମ ମଦ ବିକ୍ରିକୁ ନିଷେଧ କରିବା ପାଇଁ ଏକ ରେଜୁଲେସନ କରି ପତ୍ର ସଂଖ୍ୟା ୧୨୧ ଓ ୧୨୩, ୮.୮.୨୫ରେ କୋକସରା ଥାନା ଓ ଧର୍ମଗଡ଼ ଅବକାରୀ ବିଭାଗକୁ ଚିଠି କରି ଏହାର ଏକକିତା ନକଲ ଧର୍ମଗଡ଼ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଅବଗତି ଲାଗି ଜଣାଇଥିଲେ। ତେବେ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପ୍ରେରିତ ଚିଠି ପାଇଥିଲେ ମଧ୍ୟ ବିଭାଗ ଅଣଦେଖା କରୁଥିବା ନେଇ ସରପଞ୍ଚ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଏ ନେଇ ଧର୍ମଗଡ଼ ଉପଖଣ୍ଡ ଅବକାରୀ ବିଭାଗ ଅଧିକାରୀଙ୍କ ଫୋନ ଯୋଗେ ପ୍ରତିକ୍ରିୟା ନେବାରୁ ପଞ୍ଚାୟତ କାର୍ଯ୍ୟାଳୟ ଚିଠି ପାଇଥିବା ସ୍ୱୀକାର କରି ବେନିୟମ ମଦବିକ୍ରୀକୁ ପ୍ରୋତ୍ସାହନ ଦେଲା ଭଳି ଯୁକ୍ତି ବାଢିଥିଲେ। ବିଭାଗୀୟଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ଚିତ୍ତରଞ୍ଜନ ନାଏକ, ଭୋକର୍ଧନ ଯୁଏଡ, ଉଚ୍ଛବ ହଂସ, ହରିଶ୍ଚନ୍ଦ୍ର ସାଗର,ଦୁର୍ଯ୍ୟୋଧନ ଖମାରୀ,ରମେଶ ବାଗ,ବଳରାମ ପୁଝାରୀ, ବୋର୍ଡା ଯୁଏଡ଼, ସନ୍ତୋଷ ଖମାରୀ,ଭକ୍ତରାମ କଟା ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ନୂତନ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସିନାପାଲି,୨୬।୮(ସମିସ): ନୂଆପଡା ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟମିଶନ ପରିଚାଳନା କର୍ମଚାରୀ ସଂଘ ତରଫରୁ ନୂତନ ଭାବରେଯୋଗଦାନକରିଥିବାଜିଲ୍ଲାମୁଖ୍ୟଚିକିତ୍ସାତଥାଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘର ସଭାପତି ଦିବ୍ୟ ରଞ୍ଜନ ନାଏକଙ୍କ ନେତୃତ୍ୱରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତି ତାଙ୍କ ପ୍ରକୋଷ୍ଠ ଯାଇ ପୁଷ୍ପଗୁଚ୍ଛ ସହିତ ଉପଢୌକନ ପ୍ରଦାନ କରାଯାଇଥିଲା। ସଂଘର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟନାରାୟଣ ତ୍ରିପାଠୀ,ଅରବିନ୍ଦ ନାୟକ,ସଂଘର ସମ୍ପାଦକ ନରେନ୍ଦ୍ର ପ୍ରଧାନ, କୋଷାଧକ୍ଷ ସୁଜିତ କୁମାର ସୁପକାର,ଉପସଭାପତି ଦେବୀ ପ୍ରସାଦ ମିଶ୍ର,ତାପସ ବହିଦାର,ଶରତ ବେଯୋ, ଶ୍ରୀକାନ୍ତ ଆଚାର୍ଯ୍ୟ, ସୁରେନ୍ଦ୍ର ଦେୱାଙ୍ଗନ, ଧୀରେନ୍ଦ୍ର ପଟେଲ,ସୁମିତ ମିଶ୍ର, ପ୍ରତାପ ବେହେରା, ରତ୍ନମଣୀ ଭୁଏ, ଅକ୍ଷୟ ମିଶ୍ର,ଇପ୍ସିତ ହୋତା,ଘନସୁନ୍ଦର ପ୍ରଧାନୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଦପଲା ଆର୍‌ଆଇ କାର୍ଯ୍ୟାଳୟକୁ ନାହିଁ ବିଦ୍ୟୁତ୍ ସଂଯୋଗ

ଶଗଡା,୨୬।୮(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ତହସିଲ ଅଧୀନ ଦପଲା ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣକୁ ୨ ବର୍ଷରୁ ଅଧିକ ବିତିଥିବା ବେଳେ କାର୍ଯ୍ୟାଳୟ ଆରମ୍ଭ ହେବାର ୬ ମାସରୁ ଅଧିକ ସମୟ ହୋଇଛି। ତଥାପି କାର୍ଯ୍ୟାଳୟକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଯାହା ଫଳରେ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳିରେ କର୍ମଚାରୀ ନୂତନ କାର୍ଯ୍ୟାଳୟରେ ବସି ଅଫିସ କାର୍ଯ୍ୟ କରୁଛନ୍ତି। ପ୍ରଚଣ୍ଡ



ଖରା ସହିତ ବିଜୁଳି ନଥିବାରୁ ଲୋକଙ୍କ ସମସ୍ୟା ଦ୍ୱିଗୁଣ ହୋଇଯାଇଛି। ନୂତନ କାର୍ଯ୍ୟାଳୟରେ ଅଫିସ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ପାଇଁ ବିଭାଗୀୟ କର୍ମଚାରୀଙ୍କୁ କହି ଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସଂଯୋଗ ଦିଆଯାଇ ନାହିଁ। ଏସମ୍ପର୍କରେ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କୁ ପଚାରିବାରୁ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଛି, ଖୁବ୍‌ଶୀଘ୍ର ଉକ୍ତ କୋଠାରେ ବିଦ୍ୟୁତ ସଂଯୋଗ କରାଯିବ ବୋଲି କହିଛନ୍ତି।

### ରେଙ୍ଗାଲିରେ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

# ଦାଦନ ସମସ୍ୟା ରୋକିବାକୁ ପ୍ରଶାସନର ପ୍ରୟାସ

ଖପ୍ରାଖୋଲ୨୬।୮(ସମିସ)

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ରେଙ୍ଗାଲି ହାଟପଦାରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଦାଦନ ସମସ୍ୟା ରୋକିବାକୁ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ, ସମ୍ମାନୀତ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ଲାଠୋର ଥାନା ଅଧିକାରୀ ରାକେଶ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକ ଅଧ୍ୟକ୍ଷତା




କରିଥିଲେ। ଏହି ଅବସରରେ ପ୍ରବାସୀ ଶ୍ରମିକ ପରିବାର କିଭଳି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ଲାଭନେଇ ଭିଟାମାଟିରେ ରହିବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥାପନ କରିଥିଲେ। ସେହିପରି ଶ୍ରମ ବିଭାଗର ବିଭିନ୍ନ ଶ୍ରମିକ ମଙ୍ଗଳ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ଦାଦନ ଖଟିବାକୁ ଗଲାବେଳେ ସଚେତନ ହୋଇ ପଞ୍ଜୀକୃତ ମଧ୍ୟସ୍ଥି ସହ ନିଜ ନାମ ପଞ୍ଜିକରଣ କରିବାକୁ ଅଧିକାରୀଗଣ କହିଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକଙ୍କୁ ୩ ଶହ ଦିନର କାମ ଯୋଗାଇଦେବାକୁ ସରପଞ୍ଚ ଉମାକାନ୍ତ ମେହେର ଦାବି କରିଥିଲେ। କାର୍ଯ୍ୟକ୍ରମରେ ଏପିଓ ପ୍ରଶାନ୍ତ ସାହୁ, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ ମେହେର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯିନିତା ବରୁଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶତାଧିକ ମହିଳା, ପୁରୁଷ ଶ୍ରମିକ ଉପସ୍ଥିତ ଥିଲେ।

## ଜଗନ୍ନାଥ ସେବା ସମିତି ପକ୍ଷରୁ ମହିଳାଙ୍କୁ ଶାଢୀ ବଣ୍ଟନ



ଥୁଆମୂଳରାମପୁର,୨୬।୮(ସମିସ) :କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକ୍ ଥୁଆମୂଳ ପଞ୍ଚାୟତ ଅନ୍ତର୍ଗତ ଇନ୍ଦ୍ରାବତୀ ନଦୀର ଉପତ୍ତିସ୍ଥଳ ତଥା ବିଶିଷ୍ଟ ପର୍ଯ୍ୟଟନ ସ୍ଥାନର ପବିତ୍ର ମାଟିର ଥୁଆମୂଳ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଧର୍ମଗଡ ଜଗନ୍ନାଥ ସେବା ସମିତି ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଶତାଧିକ ଅସହାୟ ମହିଳାଙ୍କୁ ନୂଆଖାଇ ଅବସରରେ ନୂତନ ଶାଢୀ ବଣ୍ଟନ କରାଯାଇଛି।ପଞ୍ଚାୟତର ଭଟାଗୁଡ଼ା, ଥୁଆମୂଳ, ମର୍ଦ୍ଦିଗୁଡା, କଣ୍ଟାବାଞ୍ଜି, ରାଣୀଡୁମେର, ଲାଠିଆଗୁଡା, ଡେଙ୍ଗପାର୍ସୀ,ତାରିଗୁଡା, କରାଙ୍ଗ, ତେନ୍ତୁଳି ପଦର,ପୋଖରେସ, ଟିକ୍ରାଗୁଡା, ମନ୍ତ୍ରୀଗୁଡା ଓ ଓଡ଼ିଗୁନା ଗ୍ରାମର ୨୦୦ଜଣ ଅସହାୟ ମହିଳାଙ୍କୁ ଗଣପର୍ବ ନୂଆଁଖାଇ ଅବସରରେ ନୂତନ ଶାଢ଼ୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟରେ ସମାଜସେବୀ ମାଣିକ୍ୟ ଚନ୍ଦ୍ର ନାଏକ,ସରପଞ୍ଚ ବଳଭଦ୍ର ଜାନୀ, ସମିତି ସଭ୍ୟ ପ୍ରତିନିଧି ଲାଲା ନାଏକ ଯୋଗଦେଇ ଶାଢ଼ୀ ବିତରଣ କରିଥଲେ।ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଓ ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁଙ୍କୁ ଧନ୍ୟବାଦ ଦେଇଥିଲେ।୨୦୦୮ ମସିହାରୁ ଜଗନ୍ନାଥ ସେବା ସମିତି ଜିଲ୍ଲାରେ ସେବା କାର୍ଯ୍ୟ କରିଆସୁଛି।

## ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

କୋମନା,୨୬।୮(ସମିସ):ନୂଆପଡା ଜିଲ୍ଲା କୋମନା ଥାନା ତରବୋଡ଼ ଗ୍ରାମର ଜଣେ ଶିକ୍ଷକଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି।ସୂଚନା ଅନୁସାରେ ଶିକ୍ଷକ କୈଳାସ ଭୋଇ(୪୦)ମଙ୍ଗଳବାର ସାନ୍ଧ୍ୟଭ୍ରମଣ କରୁଥିବା ବେଳେ ଶାହାଜଟ ଓ ତରବୋଡ଼ ମୁଖ୍ୟରାସ୍ତାର ମଧ୍ୟଭାଗର ବୁଲାଣିଆରେ ପିକଅପ୍ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା।ଘଟଣାସ୍ଥଳରେ ହିଁ ଶିକ୍ଷକ ଭୋଇଙ୍କ ଜୀବନ ଚାଲିଗଲା।ସ୍ଥାନୀୟ ଲୋକେ ଉଦ୍ଧାର କରି ଶିକ୍ଷକଙ୍କୁ ନୂଆପଡା ମେଡିକାଲ ପଠାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ କରୁଛି। ତାଙ୍କ ମୃତ୍ୟୁରେ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି।

# ପାକ୍ସ ସମ୍ପାଦକ କାର୍ଯ୍ୟରୁ ନିଲମ୍ବିତ

## ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଦୀର୍ଘ ଦିନ ଛୁଟିରେ ଥିଲେ

ଶଗଡା,୨୬।୮ (ସମିସ)

ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଦୀର୍ଘ ଦିନ ଧରି କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିବାରୁ ପାକ୍ସ ସମ୍ପାଦକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚାଷୀଙ୍କ ପଞ୍ଜିକରଣ ଓ ସାର ଯୋଗାଇବା ସମୟରେ ସମ୍ପାଦକ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବାକୁ ନେଇ ଏଆର୍‌ସିଏସ୍ ଲଗାତାର ୩ ଥର ପତ୍ର ମାଧ୍ୟମରେ ଅବଗତ କରିଥିଲେ ସୁଦ୍ଧା କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଯାହା ଫଳରେ ଆଜି ଏଆର୍‌ସିଏସ ଶଗଡା ପାକ୍ସ କମିଟିକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିଟି ପକ୍ଷରୁ ଆଲୋଚନା କରାଯାଇ ସମ୍ପାଦକଙ୍କୁ ଆଜି କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସୂଚନାନୁଯାୟୀ, ବୌଦ୍ଧ



ଜିଲ୍ଲାସଦର ବ୍ଲକ୍ ଶଗଡ଼ା ସେବା ସମବାୟ ସମିତିର ସମ୍ପାଦକ ସତ୍ୟନାରାୟଣ ପଣ୍ଡା ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ ୨ ମାସରୁ ଉର୍ଦ୍ଧ୍ୱ ହେବ ସମିତିରେ ଅନୁପସ୍ଥିତ ଅଛନ୍ତି। ଯାହା ଫଳରେ ଚାଷୀଙ୍କ ପଞ୍ଜିକରଣରେ ଅନେକ ସମସ୍ୟା ଦେଖାଦେବା ସହ ଅହେତୁକ ବିଳମ୍ବ ହେଉଥିବା ଅଭିଯୋଗ ହୋଇଥିଲା। ଚାଷୀ ଟଙ୍କା ଜମା କରି ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଆବଶ୍ୟକ ସାର ପାଇ ପାରୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପଟେ ଋଣ ଆଦାୟ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, କିଷାନ ପୋର୍ଟାଲରେ ପଞ୍ଜିକରଣ ନେଇ ଚାଷୀ ନାହିଁ ନ ଥିବା ହଇରାଣ ହେଉଥିବା ଚାଷୀ ଅଭିଯୋଗ କରିଥିଲେ। ଶଗଡା ସମ୍ପାଦକ ଏଆରସିଏସଙ୍କୁ ଦେଇଥିବା ପତ୍ର ଅନୁସାରେ, ଗତ ଜୁନ୍ ୧୭ ତାରିଖରେ ଶଗଡାରୁ ସୋନପୁର ଯାଉଥିବା ବେଳେ ସଡ଼କ ଦୁର୍ଘଟଣାରେ ତାଙ୍କ ମୁଣ୍ଡ ଓ ବାମ ଗୋଡରେ ଗଭୀର ଆଘାତ ଲାଗିଥିବାରୁ ୧୫ ଦିନ ଛୁଟି ପାଇଁ ନିବେଦନ କରିଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ସମ୍ପାଦକ କାର୍ଯ୍ୟରେ ଯୋଗ ନ ଦେବାରୁ ଏଆରସିଏସ ପାକ୍ସ ସଭାପତିଙ୍କୁ ଅନେକ ଥର ଚିଠି ମାଧ୍ୟମରେ ଅବଗତ କରିଥିଲେ। କିନ୍ତୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିବାରୁ ପାକ୍ସ ସମ୍ପାଦକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ସୂଚନା ମିଳିଛି।

ଅନ୍ୟପଟେ ୨ ମାସରୁ ଉର୍ଦ୍ଧ୍ୱ ହେବ ମଧ୍ୟପ୍ରଦେଶ ରାଜ୍ୟର ଜବଲପୁର ପୁଲିସର କ୍ରାଇମବ୍ରାଞ୍ଚ ଟିମ ଯାଦବ କଲୋନୀ ନିକଟରୁ ୫ କେଜି ଗଞ୍ଜେଇ ଜବତ କରିବା ସହ ଓଡ଼ିଶାର ସତ୍ୟନାରାୟଣ ପଣ୍ଡା ସହ ଆଉ ୨ ଜଣଙ୍କୁ ଗିରଫ କରି ଜାମିନ ନାମଞ୍ଜୁର ହେବାରୁ ଜବଲପୁର ସ୍ଥିତ ସୁବାଷଚନ୍ଦ୍ର ବୋଷ ସେଣ୍ଟ୍ରାଲ ଜେଲକୁ ପଠାଇଦେଇଥିବା ଜବଲପୁର ପୁଲିସ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଥିବା ଗଣମାଧ୍ୟମରୁ ଜଣାପଡିଛି।

## ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା



ବୀରମହାରାଜପୁର,୨୬।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟଠାରେ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ତରଫରୁ ଅଧ୍ୟାପିକା, ମହିଳା କର୍ମଚାରୀ ଓ ଛାତ୍ରୀମାନଙ୍କୁ ନେଇ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପିକା ଗୀତାଞ୍ଜଳୀ ପୂଝାରୀ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ବନ୍ଦିତା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁପ୍ରଭା ନନ୍ଦ ଓ ପ୍ରିୟଦର୍ଶିନୀ ପଣ୍ଡା ଯୋଗଦେଇଥିଲେ। ଛାତ୍ରୀମାନଙ୍କ ପାଇଁ ନିରାପତ୍ତା, ସୁସ୍ଥ ପରିବେଶ ନିର୍ମାଣ ଶକ୍ତିଶ୍ରୀ ଯୋଜନାର ମୂଳ ଲକ୍ଷ୍ୟ, ବିଶେଷ ଭାବେ ମହିଳା ଓ ଛାତ୍ରୀମାନଙ୍କୁ ସଶକ୍ତୀକରଣ କରିବା ଦିଗରେ ଏହା କାର୍ଯ୍ୟକରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଅଧ୍ୟାପିକା ଯାମିନୀ ଦାସ ସଭା ସଂଯୋଜନା କରିଥିଲେ। ଶକ୍ତି ଶ୍ରୀ ସଂଯୋଜିକା ହରିପ୍ରିୟା ମହାପାତ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପିକା ମାଳତୀ ନାଏକ, ସୋନାଲି, ବିଦ୍ୟୁତ୍‌ପ୍ରଭା ରଥ, ପୂଜାରାଣୀ ମେହେରଙ୍କ ସହ ଶତାଧିକ ଛାତ୍ରୀ ଉପସ୍ଥିତି ଥିଲେ।

## ପ୍ରକଳ୍ପ କାର୍ଯ୍ୟକ୍ଷମ ନେଇ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ବିଧାୟକଙ୍କ ଆଲୋଚନା



ବୀରମହାରାଜପୁର,୨୬।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଳା ସେଚ ସଦନରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀଙ୍କୁ ଭେଟି ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଜଳସମ୍ପଦ ବିଭାଗର ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ, ଠେଙ୍ଗୋ ଡେମ୍‌ର ଉନ୍ନତିକରଣ, ଜଳସେଚନ କ୍ଷମତା ସଂପ୍ରସାରଣ, ସୁରୁବାଲି ଯୋର ପ୍ରକଳ୍ପ, ଗୋଧାନେଶ୍ୱର ପ୍ରକଳ୍ପ, କଦୋଦର୍ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବିଭାଗ ତରଫରୁ ପ୍ରତିଶ୍ରୁତି ମିଳିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ଜଳସେଚନର ବୈପ୍ଳବିକ ସୁବିଧା ହେବା ସହିତ କୃଷି ଉତ୍ପାଦକ ବୃଦ୍ଧିରେ ସହାୟକ ହେବ ବୋଲି ବିଧାୟକ ରଘୁନାଥ ଜଗଦଳା କହିଛନ୍ତି।

## ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି



ମନମୁଣ୍ଡା,୨୬।୮ (ସମିସ): ବୌଦ୍ଧ ବ୍ଲକ୍ ଶଗଡ଼ା ଜଗନ୍ନାଥ ନାଟ୍ୟ ସଂସଦ କ୍ଲବ୍ ଘର ଠାରେ ଚଳିତ ବର୍ଷର ଦୁର୍ଗା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁମନ୍ତ କର୍ଣ୍ଣଙ୍କ ଦିଗଦର୍ଶନ କ୍ରମେ ପୂଜା ପାଇଁ ବିଭିନ୍ନ ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପୂଜା ନୀତିନିୟମ ଓ କାଷ୍ଠା ପ୍ରକାରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବିଶେଷ କରି ଶାନ୍ତି ଶୃଙ୍ଖଳା ବଜାୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ସଂସଦର ଉପସଭାପତି ପ୍ରମୋଦ କୁମାର ମଲିକ, ସମ୍ପାଦକ ଦିଲ୍ଲୀପ କୁମାର ରାଉତ, ସହ ସମ୍ପାଦକ ରମାକାନ୍ତ ଖଟୁଆ, କୋଷାଧକ୍ଷ ନାରାୟଣ ମେହେର, ପ୍ରଭାତ ରାଉତ, ଶମ୍ଭୁ ମିର୍ଧା, ରଘୁନାଥ ପଲିଆ, ଚିନ୍ତା ମେହେର, ବିଶିକେସନ ସାହୁ, ରମେଶ ତରିଆ, ଗଂଜିତ ମହାକୁଡ଼, ସୁଶାନ୍ତ ସାହୁଙ୍କ ସମେତ ସଂସଦ ର ଅନେକ ସଦସ୍ୟ ଉପସ୍ଥିତ ରହି ସୁଚାରୁରୂପେ ପରିଚାଳନା କରିବାକୁ ଖସଡ଼ା ପ୍ରସ୍ତୁତ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମନୋରଞ୍ଜନ ପାଇଁ କ୍ଲବ୍ ସଦସ୍ୟମାନେ ନିଜେ ଅଭିନୟ କରି ଏକ ନାଟକ ମଞ୍ଚସ୍ଥ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଗଣେଶ ପୂଜା ପାଇଁ ଆଦର୍ଶ ଥାନାରେ ବୈଠକ

ବୌଦ୍ଧ,୨୬।୮ (ସମିସ): ଆଗାମୀ ଗଣେଶ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ବିଭିନ୍ନ ପୂଜା ମଣ୍ଡପର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ବୌଦ୍ଧ ଆଦର୍ଶଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶାନ୍ତି ଶୃଙ୍ଖଳାର ସହ ପୂଜା ଆୟୋଜନ କରିବା ପାଇଁ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନିବେଦନ କରାଯାଇଥିଲା। ବୈଠକରେ ଏସ୍‌ଡିପିଓ ଲରେନସ ରାଉତରାୟ ଯୋଗଦେଇ ସମସ୍ତ ପୂଜା କମିଟି ନିଜର ସ୍ୱେଚ୍ଛାସେବୀଙ୍କ ସହାୟତାରେ ପୂଜା ମଣ୍ଡପ ପରିସରରେ ଶୃଙ୍ଖଳା ରକ୍ଷା କରିବା, ରାସ୍ତାରେ କୌଣସି ଯାନବାହାନ ଅଟକାଇ ଚାନ୍ଦା ଆଦାୟନ କରିବା, ନିର୍ଦ୍ଧାରିତ ଅଧିକାରୀଙ୍କ ନିକଟରୁ ସମସ୍ତ ଅନୁମତି ପତ୍ର ହାସଲ କରି ପାଖରେ ରଖିବା, କୌଣସି ବିଶୃଙ୍ଖଳିତ ପରିସ୍ଥିତି ଦୃଷ୍ଟିକୁ ଆସିଲେ ତୁରନ୍ତ ପୁଲିସର ସହାୟତା ନେବା ଓ କୌଣସି ପୂଜା ମଣ୍ଡପରେ ଡିଜେ ସାଉଣ୍ଡ ବ୍ୟବହାର ନ କରିବାକୁ କମିଟି ଗୁଡିକୁ ବୌଦ୍ଧ ଥାନା ପକ୍ଷରୁ ପରାମର୍ଶ ଦେଇଥିଲେ। ବୈଠକରେ ୩୨ ଗୋଟି ପୂଜା କମିଟିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## 'ଆମ ଶାସନ' କାର୍ଯ୍ୟକ୍ରମର ଶୁଭାରମ୍ଭ



ବୌଦ୍ଧ,୨୬।୮ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ ହଲ୍‌ଠାରେ 'ଆମ ଶାସନ ଜନ ସେବାରେ ଏକ ନୂଆ ପଦକ୍ଷେପ' କାର୍ଯ୍ୟକ୍ରମର ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ବେଳେ ବୌଦ୍ଧ ଓସ୍ୱାନ୍ ହଲ୍‌ଠାରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ଓ ବିଭିନ୍ନ ଯୋଜନାର ହିତାଧିକାରୀମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ବାର୍ତ୍ତାଳାପ କରିଥିଲେ। ଆଜିର ଏହି ଆଭାସୀ ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ମହିଳା ଓ ଶିଶୁ ବିକାଶ, କୃଷି, ଜିଲ୍ଲା ମଙ୍ଗଳ, ଯୋଗାଣ ଆଦି ବିଭାଗର ହିତାଧିକାରୀ ଉପସ୍ଥିତ ଥିଲେ।

## ନୁଆଁଖାଇ ପାଇଁ ଜମିଲା ତିହାରି ହାଟ

ସୋନପୁର,୨୬।୮ (ସମିସ): ଆଉ ଦିନକ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ଇଷ୍ଟ ଦେବାଦେବୀଙ୍କ ନିକଟରେ ନବାନ୍ନ ଲାଗି ପରେ ସପରିବାର ଏକାଠି ବସି ଖୁବ୍ ଆନନ୍ଦିତ ହୋଇ ନୂଆଁ ଖାଇବେ। ଏହି ଅବସରରେ ସୁବର୍ଣ୍ଣପୁରର ଅଷ୍ଟ ଚଣ୍ଡୀ, ଅଷ୍ଟ ଶମ୍ଭୁ ଏବଂ ଅଷ୍ଟ ବିଷ୍ଣୁଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁସାରେ ନୂଆଁଖାଇ ପାଳିତ ହେବ। ବିଭିନ୍ନ ସ୍ଥାନରେ ସପ୍ତାହର ବିଭିନ୍ନ ଦିନରେ ସାପ୍ତାହିକ ହାଟମାନ ବସୁଥିଲେ ମଧ୍ୟ ଠିକ୍ ନୂଆଁଖାଇ ପର୍ବର ଦିନେ ଦୁଇ ଦିନ ପୂର୍ବରୁ ଏକ ସ୍ୱତନ୍ତ୍ର ହାଟ ବସିଥାଏ। ଯାହାକୁ ତିହାରି ହାଟ କୁହାଯାଏ। ମଙ୍ଗଳବାର ସୋନପୁରରେ ବସିଥିବା ଏହି ତିହାରି ହାଟ ବେଶ ଜମିଥିବା ଦେଖିଥିବା ଦେଖିବାକୁ ମିଳିଛି। ଏହି ହାଟରେ ଲୋକେ ପନିପରିବା ଠାରୁ ଆରମ୍ଭ କରି ନୂଆ ଲୁଗା ସମେତ ନୂଆଖାଇ ପାଇଁ ବିଭିନ୍ନ ସାମଗ୍ରୀ କିଣିବାକୁ ଭିଡ ଲାଗଇଥିଲେ। ତେବେ ହାଟ ମଧ୍ୟରେ ମୁଖ୍ୟ ଆକର୍ଷଣ ସାଜିଥିଲା କର୍ଡି। ନୂଆଁଖାଇରେ ସାଧାରଣତଃ ଘରେ ଘରେ ପ୍ରସ୍ତୁତ ହେଉଥିବା ଛଅ ତିଅଣ ନଅ ଭଜା ଭିତରେ କର୍ଡି ଲଗା ଆମ୍ବିଳର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବାରୁ ଖୁବ୍ କମ୍ ସମୟରେ ହାଟକୁ ଆସିଥିବା ସବୁ କର୍ଡି ଲୋକେ କିଣି ନେଇଥିବା



ଦେଖିବାକୁ ମିଳିଥିଲା। ଏହି ଦିନ ନୂଆ ବସ୍ତ୍ର ପିନ୍ଧିବାର ପରମ୍ପରା ଥିବାରୁ ଶାଢ଼ି, ଧୋତି, ପ୍ୟାଣ୍ଟ, ସାର୍ଟ ଆଦି ଲୋକେ ହାଟରୁ କିଣିଥିଲେ। ତେବେ ହାଟରେ ମହରଗ ସାଜିଥିଲା ନୂଆଁ ଧାନ। ନୂଆଁ ଧାନ ନହେଲେ ନୂଆଁଖାଇ ହୋଇ ପାରିବ ନାହିଁ। ତେଣୁ ଲୋକେ ହାଟରେ ଖୋଜି ବୁଲୁଥିଲେ ନୂଆଁ ଧାନ। ବୌଦ୍ଧ ଜିଲ୍ଲା ପରା ଅଞ୍ଚଳରୁ ୩ ରୁ ୪ ଜଣ ମହିଳା ନୂଆଁଧାନ ଆଣି ହାଟରେ ବିକ୍ରି କରୁଥିଲେ। ଏହାସହ ହାଟରେ ମାଟି ହାଣ୍ଡି, ମସଲା, ନଡିଆ ଏବଂ ପତ୍ର ଖଲି ଦନାର ଚାହିଦା ରହିଥିବା ମଧ୍ୟ ନଜରକୁ ଆସିଥିଲା।

## ଦିନକ ପରେ ନୂଆଁଖାଇ; ଗାଁ ମୁହାଁ ଦାଦନ ଶ୍ରମିକ

ଶଗଡା,୨୬।୮ (ସମିସ): ବୌଦ୍ଧ ଜିଲ୍ଲା ଉପାନ୍ତ ଅଞ୍ଚଳ କଣ୍ଟାମାଳ ବ୍ଲକ୍‌ର ଅନେକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ଦିନକ ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ସେମାନେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ଏଥିପାଇଁ ରେଳ ଷ୍ଟେସନ ଓ ବସ୍ ଷ୍ଟାଣ୍ଡ ଗୁଡ଼ିକରେ ପ୍ରବାସୀ ଶ୍ରମିକଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ସମସ୍ତେ ଘରକୁ ଆସି ନୂଆଁଖାଇ ସାରିବା ପରେ ପୁଣି ନିଜ କର୍ମସଂସ୍ଥାନ କୁ ଫେରିଯିବେ ବୋଲି ଜଣାପଡ଼ିଛି। ତେବେ ବ୍ଲକ୍‌ରେ ଦାଦନ ଶ୍ରମିକ ଏକ ପ୍ରମୁଖ ସମସ୍ୟା ଭାବରେ ପରିଗଣିତ ହୋଇଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ରାଜନେତାଙ୍କ କୌଣସି ଆନ୍ତରିକତା ନ ଥିବା ମନେ ହେଉଛି। ଯାହା ଫଳରେ ପେଟପାଟଣା ପାଇଁ କଣ୍ଟାମାଳ ଅଞ୍ଚଳର ହଜାର ହଜାର ଶ୍ରମିକ ସୁଦୂର ତାମିଲନାଡୁ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ, ଦିଲ୍ଲୀ , ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଆଦି ବିଭିନ୍ନ ରାଜ୍ୟକୁ ଯାଉଛନ୍ତି। ବ୍ଲକର ପାଖାପାଖି ୮ ହଜାର ୩ଶହ ରୁ ଅଧିକ ଦାଦନ କାମ ପାଇଁ ବାହାର ରାଜ୍ୟକୁ ଯାଇଥିବା ଅନୁମାନ କରାଯାଉଛି। ତେଣୁ ରାଜ୍ୟ ସରକାର ନିଜ ଅଞ୍ଚଳରେ ଶ୍ରମିକଙ୍କୁ କାମ ଯୋଗାଇ ଦେବା ସହ ଦାଦନ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



## ତେଲିବନ୍ଧ-ବାରପୁଡୁଗ ରାସ୍ତାର ଭିତ୍ତିପ୍ରସ୍ତର




ବୌଦ୍ଧ,୨୬।୮ (ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧଠାରେ ତେଲିବନ୍ଧ-ବାର ପୁଡୁଗ ରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ, ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ତେଲିବନ୍ଧ ସରପଞ୍ଚ ରତ୍ନାକର ନାୟକ, ସମିତି ସଭ୍ୟ ସୁନୀଲ କୁମାର ସେଠୀ ଯୋଗଦେଇଥିଲେ। ତେଲିବନ୍ଧ ହାଟପଦାଠାରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସଭାରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଉକ୍ତ ରାସ୍ତା ଉନ୍ନତିକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ୭୯ ଲକ୍ଷ ୧୯ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ସୂଚନା ମିଳିଛି। ନବୀନ ହୋତା ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସୁଶୀଲ ହୋତା, ବିକ୍ରମ ପ୍ରଧାନ, ବିସିକେଶନ ପ୍ରଧାନ, ବିଧାୟକ ପ୍ରତିନିଧି ଧର୍ମୁଧର ପୋଢ଼ ପ୍ରମୁଖ ସହଯୋଗ କରିଥିଲେ।

## ସାମାଜିକ ଗଣମାଧ୍ୟମରେ ଦୁର୍ବ୍ୟବହାର କରି ଯୁବକ ଗିରଫ

ବୌଦ୍ଧ,୨୬।୮ (ସମିସ): ବୌଦ୍ଧ ପୁଲିସ୍ ପକ୍ଷରୁ ବିଜେପି କର୍ମକର୍ତ୍ତାମାନଙ୍କୁ ସାମାଜିକ ଗଣମାଧ୍ୟମରେ ଦୁର୍ବ୍ୟବହାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ମିଳିଥିବା ସୂଚନାନୁଯାୟୀ, ବଘିଆପଡା ଗ୍ରାମର ମିଥୁନ କୁମାର ପାତ୍ର ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବୌଦ୍ଧ ବିଧାୟକ, ନଗର ମଣ୍ଡଳ ସଭାପତି, ବିଜେପି କର୍ମକର୍ତ୍ତା ଓ ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିବା ଅଭିଯୋଗ ହୋଇଥିଲା। ବିଜେପି ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁ ଓ ଅନ୍ୟ ଦଳୀୟ ପଦାଧିକାରୀଙ୍କ ଅଭିଯୋଗ କ୍ରମେ ପୁଲିସ ମିଥୁନକୁ ଗିରଫ କରି ଭାରତୀୟ ସୁରକ୍ଷା ସଂହିତାର ଧାରା ୩୫ରେ ନୋଟିସ ଦେଇ ଛାଡିଥିବା ସୂଚନା ମିଳିଛି।

## ବୌଦ୍ଧରେ ପିଆଜ ସଂରକ୍ଷଣ ଘର ବାଟବଣା

# ପିଆଜ ସଂରକ୍ଷଣ ଘରେ ଚାଲିଛି କୁକୁଡ଼ା ଚାଷ

ବୌଦ୍ଧ,୨୬।୮ (ସମିସ)

ରାଜ୍ୟରେ ପିଆଜ ଉତ୍ପାଦନ ବୃଦ୍ଧି ନେଇ ସରକାର ଯୋଜନା କରିଛନ୍ତି।ଆଗ୍ରହୀ ଚାଷୀଙ୍କୁ ବିହନ ଠାରୁ ଆରମ୍ଭ କରି ପିଆଜ ଘର ପାଇଁ ସହାୟତା ଯୋଗାଇଦେଉଛନ୍ତି। କିନ୍ତୁ ବୌଦ୍ଧ ବ୍ଲକ୍‌ରେ ପିଆଜ ସଂରକ୍ଷଣ ଘର ଏବେ ବାଟବଣା ହୋଇଥିବା ଦେଖିବାକୁ ମିଳିଛି। ଯାହାଫଳରେ ଚାଷୀ ବାରମ୍ବାର କ୍ଷତି ସହିବାରୁ ପିଆଜ ଚାଷ ପ୍ରତି ବିମୁଖ ହେଉଥିବା ଦେଖିବାକୁ ମିଳିଛି। ସରକାରୀ ସହାୟତାରେ ନିର୍ମାଣ କରିଥିବା ପିଆଜ ଘର ଏବେ କୁକୁଡ଼ା ସଂରକ୍ଷଣ ଘର ପାଲଟିଥିବା ନଜରକୁ ଆସିଛି। ଏହା ବ୍ୟତୀତ କେଉଁଠି କେଉଁଠି ଉକ୍ତ ଘରକୁ ଟେଣ୍ଟ ସାମଗ୍ରୀ ରଖିବା ଓ ଷ୍ଟୋର ରୁମ୍ ପାଇଁ ବ୍ୟବହାର କରାଯାଉଛି। ପ୍ରକାଶ ଯେ, ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ଖୁଣ୍ଟବନ୍ଧ,




ଲକ୍ଷ୍ମୀପ୍ରସାଦ, ତେଲିବନ୍ଧ, ମୁଣ୍ଡିପଦର, ବଡ଼ିଗାଁ ପଞ୍ଚାୟତରେ ୨୦୧୮-୧୯ ଖରିଫ ଋତୁରେ ନିମ୍ନମାନର ବିହନ ଯୋଗୁଁ ଚାଷୀ ପିଆଜ ଚାଷ କରି ନଥିଲେ। ପୁଣି ବିକ୍ରି ବ୍ୟବସ୍ଥା ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଥିଲେ। ଏବେ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ପିଆଜ ଚାଷ ପ୍ରତି ମୁହଁ ଫେରେଇ ନେଉଥିବା ଚାଷୀ ପ୍ରକାଶ କରିଛନ୍ତି। ପିଆଜ ସମୟରେ କୂଅ ଗୁଡିକରେ ଜଳସ୍ତର କମିଯିବା ଯୋଗୁଁ ପିଆଜ ଚାଷ ବାଧାପ୍ରାପ୍ତ ହେଉଥିବା ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଏଠାରେ ପିଆଜ ଚାଷ ବନ୍ଦ ଥିବା ଯୋଗୁଁ ପିଆଜ ସଂରକ୍ଷଣ ଘରେ ଅଧିକାଂଶ ଚାଷୀ କୁକୁଡ଼ା ଚାଷ, ଛତୁ ଚାଷ ସହିତ ଟେଣ୍ଟ ସାମଗ୍ରୀ ଓ ଷ୍ଟୋର ରୁମ୍ ହୋଇଥିବା ଦେଖିବାକୁ ମିଳୁଛି। ଏଭଳି ଦୃଶ୍ୟ ବୌଦ୍ଧ ବ୍ଲକ୍ ମଧୁପୁର, ଖୁଣ୍ଟବନ୍ଧ, ଚଣ୍ଡୀଗଡ, ଚନ୍ଦ୍ରପୁର ଓ ପଲସପାଟ ଗ୍ରାମରେ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପିଆଜ ଚାଷ ପ୍ରତି ଇଚ୍ଛୁକ ଥିବା ଚାଷୀଙ୍କୁ ପିଆଜ ସଂରକ୍ଷଣ ଘର ନ ଦେଇ ବିଭାଗୀୟ ଅଧିକାରୀ ଓ କୃଷି କର୍ମଚାରୀଙ୍କ ସଲାସୁତୁରାରେ ଏହି ଘର ପ୍ରଦାନରେ ବ୍ୟାପକ ଅନିୟମିତତା କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବୌଦ୍ଧ ଜିଲ୍ଲାରେ ପିଆଜ ଚାଷ ପାଇଁ ଉପଯୁକ୍ତ ମାଟି ରହିଥିବାବେଳେ ତୁରନ୍ତ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଉପଯୁକ୍ତ ଚାଷୀଙ୍କୁ ଚୟନ କରି ପିଆଜ ସଂରକ୍ଷଣ ଘର ବଣ୍ଟନ କଲେ ପ୍ରକୃତ ଚାଷୀ ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ,୨୬।୮ (ସମିସ): ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାସ ମଙ୍ଗଳବାର ବୌଦ୍ଧ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ପ୍ରଥମେ ମାର୍ଡିଙ୍ଗ ଅଙ୍ଗନବାଡି କେନ୍ଦ୍ର ଏବଂ ବଡ଼ବନ୍ଧ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଶିଶୁଙ୍କ ସହିତ ଆଲୋଚନା କରିଥିଲେ। ଖାଦ୍ୟ, ପାନୀୟଜଳ ବ୍ୟବସ୍ଥା ଏବଂ ସେଠାରେ ନଥିପତ୍ର ଯାଞ୍ଚ କରିବା ସହ ସୁଭଦ୍ରା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଲୁଣିବାହାଲ ପ୍ରଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ସହ ରୋଷେଇ ଗୃହ, ଶୌଚାଳୟ ଏବଂ ମଧ୍ୟାହ୍ନ ଭୋଜନର ମାନ ପରଖିଥିଲେ। ଏହାପରେ ବୀରନରସିଂହପୁରଠାରେ ଥିବା ଶିଶୁ ଗୃହ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପରିଦର୍ଶନ କରି ପରିମଳ ବ୍ୟବସ୍ଥା ଓ ଶିଶୁମାନଙ୍କ ବିଭିନ୍ନ ଦିଗ ଉପରେ ତର୍ଜମା କରିଥିଲେ। ପରେ ବୃନ୍ଦାବନଠାରେ ଥିବା ପର୍ଯ୍ୟବେକ୍ଷଣ ଗୃହ ତଥା ସ୍ୱତନ୍ତ୍ର ଗୃହ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନରେ ସଦସ୍ୟା ଶ୍ରୀମତୀ ଦାସ ସର୍କିଟ ହାଉସଠାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ, ପ୍ରୋଗ୍ରାମ ଅଫିସର ସନ୍ତୋଷିନୀ ଭୋଇ, ଅତିରିକ୍ତ ଶିକ୍ଷା ଅଧିକାରୀ ଚୁଡ଼ାମଣି ବାରିକ୍, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରମୋଦ ସାହୁ, ପ୍ରିୟଦର୍ଶନ ପୁରୋହିତ, ଧନଞ୍ଜୟ ଖମାରୀ ପ୍ରମୁଖଙ୍କୁ ନେଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିଥିଲେ। ପୋଷଣ ଏବଂ ପରିମଳ ବ୍ୟବସ୍ଥାକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ହରଭଙ୍ଗା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦିପ୍ତିମୟୀ ପାତ୍ର, ସାମାଜିକ କର୍ମୀ ସହଦେବ ନାୟକ, ପରାମର୍ଶଦାତା ବସନ୍ତକୁମାର ଦିସିରି ପ୍ରମୁଖ ଉପସ୍ଥିତ ଥିଲେ।



## ଭବିଷ୍ୟତର ଯୁଦ୍ଧ ଅଧିକ ବିପଜ୍ଜନକ ହେବ: ସିଡିଏସ୍ ଅନିଲ ଚୌହାନ

ମହୁ, ୨୬।୮ (ଏଜେନ୍ସି): ଭାରତ ଶାନ୍ତିପ୍ରିୟ ଦେଶ ହୋଇଥିଲେ ବି ଶାନ୍ତିବାଦୀ ନୁହେଁ। ଶତ୍ରୁ ଏହି ଭୁଲ୍ ବୁଝାମଣାର ଶିକାର ନ ହେଉ। ଦେଶର ସେନା ଯୁଦ୍ଧ ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଛି। କାରଣ ଶାନ୍ତି ପାଇଁ ଯୁଦ୍ଧ ଦରକାର ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ) ଜେନେରାଲ ଅନିଲ ଚୌହାନ କହିଛନ୍ତି। ମଧ୍ୟପ୍ରଦେଶ ମହୁ ସ୍ଥିତ 'ଆର୍ମି ୱାର କଲେଜ'ରେ ଆୟୋଜିତ ରଣ ସମ୍ବାଦ କାର୍ଯ୍ୟକ୍ରମ-୨୦୨୫ରେ ସାମିଲ ହୋଇ ସିଡିଏସ ଏହି ଟିପ୍ପଣୀ ଦେଇଛନ୍ତି। ସିଡିଏସ୍ କହିଥିଲେ ଯେ ଶକ୍ତି ବିନା ଶାନ୍ତି ଏକ 'ୟୁଟୋପିଆନ୍' ଧାରଣା ମାତ୍ର। ସେ ଏକ ଲାଟିନ୍ ଉକ୍ତିର ଉଦାହରଣ ଦେଇ କହିଥିଲେ ଯେ ଯଦି ତୁମେ ଶାନ୍ତି ଚାହୁଁଛ, ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ। କାରଣ ଶାନ୍ତି କେବଳ ଶକ୍ତିରୁ ଆସିପାରିବ। 'ଅପରେସନ୍ ସିନ୍ଦୂର' ଏକ ନୂତନ ଯୁଗର ଯୁଦ୍ଧ ଥିଲା। ଏଥିରୁ ଅନେକ ଶିକ୍ଷା ପାଇଲୁ। ଏହା ମଧ୍ୟରୁ ଅଧିକାଂଶକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ ଚାଲିଛି।

## ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଘରେ ଇଡି ଚଢ଼ଉ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଆଉ ଜଣ ଆମ୍ ଆଦମୀ ପାର୍ଟି (ଆପ୍) ନେତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାଡ଼ାରରେ ଆସିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଘର ସମେତ ୧୩ ସ୍ଥାନ ଏଜେନ୍ସି ଚଢ଼ଉ କରିଛି। ହସ୍ପିଟାଲ ନିର୍ମାଣ ଦୁର୍ନୀତି ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଦିଲ୍ଲୀର ଦୁର୍ନୀତି ନିବାରଣ ଶାଖା (ଏସିବି) ବର୍ଷେ ତଳେ ଆପ୍ ସରକାର ସମୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସହିତ ଜଡିତ ପ୍ରକଳ୍ପରେ ବଡ଼ ଧରଣର ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ଜୁନ୍ ମାସରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଏବଂ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ପରେ ଏସିବି ମାମଲାକୁ ଇଡିକୁ ହସ୍ତାନ୍ତର କରିଥିଲା। କେନ୍ଦ୍ରୀୟ ଏଜେନ୍ସି ଜୁଲାଇରେ ମାମଲା ରୁଜୁ କରିଥିଲା। ଏହାକୁ ନେଇ କେଜ୍ରିୱାଲ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ସରକାର ଆପ୍ ପଛରେ ପଡ଼ିଛନ୍ତି ବୋଲି ଏହି ଚଢ଼ଉ ଦର୍ଶାଉଛି। ସରକାର ଆମର ସ୍ୱରକୁ ଦମନ କରିବାକୁ ଚାହୁଁଛନ୍ତି। ଆମେ ବିଜେପିକୁ ଭୟ କରୁନୁ।

## ବିଜେପି ନେତାଙ୍କଠାରୁ ମେଡାଲ ନେଲେନି ଡିଏମ୍କେ ନେତାଙ୍କ ପୁଅ

ଚେନ୍ନଇ, ୨୬।୮ (ଏଜେନ୍ସି): ତାମିଲନାଡୁରେ ରାଜନୈତିକ ବିବାଦ ପର ପିଢି ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ବିଭିନ୍ନ କାର୍ଯ୍ୟକ୍ରମରୁ ଏଭଳି ଦୃଶ୍ୟ ସାମ୍ନାକୁ ଆସୁଛି। ତାମିଲନାଡୁ ଡିଏମକେ ନେତା ତଥା ମନ୍ତ୍ରୀ ଟିଆରବି ରାଜାଙ୍କ ପୁଅ ସୂର୍ଯ୍ୟ ରାଜା ବାଲୁ ବିଜେପି ନେତା ଆନାମଲାଇଙ୍କଠାରୁ ମେଡାଲ ନେବାକୁ ମନା କରିଦେଇଛନ୍ତି। ଆନାମଲାଇ ମେଡାଲ ପିନ୍ଧାଇବାକୁ ଆଗକୁ ବଢ଼ିବା ସମୟରେ ବାଲୁ ପଛକୁ ହଟି ଯାଇଥିଲେ। ଅନେକ ପ୍ରୟାସ ସତ୍ତ୍ୱେ ବି ସେ ମେଡାଲ ନେଇ ନ ଥିଲେ। ଶେଷରେ ବିଜେପି ନେତା ତାଙ୍କ ହାତକୁ ମେଡାଲ ଧରାଇ ଦେଇଥିଲେ। ସୋମବାର ଅନୁଷ୍ଠିତ ତାମିଲନାଡୁର ୫୧ତମ ରାଜ୍ୟ ସୁଟିଂ ଖେଳ ସମ୍ମାନ ସମାରୋହରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ଆନାମଲାଇଙ୍କୁ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗତ ୧୩ ଦିନରେ ଦ୍ୱିତୀୟ ଥର ପାଇଁ ଏଭଳି ଘଟଣା ଘଟିଛି।

## ଆରଏସଏସ ଗୀତ ଗାଇଥିବାରୁ କ୍ଷମା ମାଗିଲେ ଶିବକୁମାର

ବେଙ୍ଗାଲୁରୁ, ୨୬।୮ (ଏଜେନ୍ସି): ବିଧାନସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ)ର ଗୀତ ଗାଇବାକୁ ନେଇ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ନିଜ ଦଳରେ ସମାଲୋଚନା କରାଯାଉଛି। ଶେଷରେ ସେ ଏଥିପାଇଁ ବିଧାନସଭାରେ ହିଁ କ୍ଷମା ମାଗିଛନ୍ତି। ଏହି ଗୀତ ଗାଇଥିବାରୁ ଯଦି କାହାର ଭାବନାକୁ ଆଘାତ ଲାଗିଛି ତେବେ କ୍ଷମା ମାଗୁଛି ବୋଲି କହିଛନ୍ତି। ଆରଏସଏସ ପ୍ରଶଂସା କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଶିବକୁମାର କହିଛନ୍ତି ଯେ ସେ ଜଣେ କଂଗ୍ରେସ ସଦସ୍ୟ। ମୃତ୍ୟୁ ପର୍ଯ୍ୟନ୍ତ କଂଗ୍ରେସ ସଦସ୍ୟ ହୋଇ ରହିବେ। ସାରା ଦେଶକୁ ଏହି ବାର୍ତ୍ତା ଦେବାକୁ ଚାହୁଁଛି ଯେ ନିଜକୁ କଂଗ୍ରେସ ପାଇଁ ମୁଁ ସମର୍ପି ଦେଇଛି। ଗାନ୍ଧୀ ପରିବାର ମୋ ପାଇଁ ଭଗବାନ ଏବଂ ମୁଁ ତାଙ୍କ ଭକ୍ତ। ସୂଚନା ଅନୁଯାୟୀ କର୍ଣ୍ଣାଟକ କଂଗ୍ରେସ ସଭାପତି ପଦରେ ଥାଇ ସେ କିଛି ଦିନ ତଳେ ବିଧାନସଭାରେ ଆରଏସଏସ ଗୀତ ଗାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ। ଗତ ୨୧ ତାରିଖରେ ଶିବକୁମାର ଆରଏସଏସ ପ୍ରାର୍ଥନା 'ନମସ୍ତେ ସଦା ବତ୍ସଲେ ମାତୃଭୂମେ'ର କିଛି ଧାଡ଼ି ପଢ଼ିଥିଲେ। ଏହା ଭାଇରାଲ ହେବାରୁ ଶିବକୁମାର ଏହି ଗୀତ ଗାଇ କାହାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ବି.କେ. ହରିପ୍ରସାଦ ପ୍ରଶ୍ନ କରିଥିଲେ।

## ଇରାନ ରାଷ୍ଟ୍ରଦୂତଙ୍କୁ ହଟାଇଲା ଅଷ୍ଟ୍ରେଲିଆ

କାନବେରା,୨୬।୮ (ଏଜେନ୍ସି) : ଅଷ୍ଟ୍ରେଲିଆ ମଙ୍ଗଳବାର ଇରାନ ରାଷ୍ଟ୍ରଦୂତଙ୍କୁ ଦେଶରୁ ବାହାର କରିଦେଇଛି। ସିଡନୀ ଏବଂ ମେଲବୋର୍ଣ୍ଣରେ ଇହୁଦୀ ସମ୍ପ୍ରଦାୟ ଉପରେ ଆକ୍ରମଣ ପାଇଁ ଏହି କାର୍ଯ୍ୟନୁଷ୍ଠାନ ନିଆଯାଇଛି ବୋଲି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ କହିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ୨୦୨୪ ଅକ୍ଟୋବରରେ ସିଡନୀର ଲୁଇସ୍ କଣ୍ଟିନେଣ୍ଟଲ କିଚେନ ଏବଂ ୨୦୨୪ ଡିସେମ୍ବର ୬ରେ ମେଲବୋର୍ଣ୍ଣର ଅଦାସ ସଭାଗୃହରେ ଆକ୍ରମଣ କରାଯାଇଥିଲା। ଇରାନ ଏଥିପାଇଁ ଯୋଜନା ପ୍ରସ୍ତୁତ କରିଥିଲା ଏବଂ ପରେ ଆକ୍ରମଣ କରିଥିବା ନେଇ ପ୍ରମାଣ ମିଳିଛି। ଏହା ଅଷ୍ଟ୍ରେଲିଆ ପାଇଁ ବିପଜ୍ଜନକ। ସମାଜର ଏକତାକୁ ଭାଙ୍ଗି ଅଶାନ୍ତି ସୃଷ୍ଟି ଇରାନର ଉଦ୍ଦେଶ୍ୟ । ଇସ୍ରାଏଲ-ହମାସ ଯୁଦ୍ଧ ଆରମ୍ଭ ହେବା ପରେ ଅଷ୍ଟ୍ରେଲିଆରେ ଇହୁଦୀ ସ୍କୁଲ୍, ଘର, ମନ୍ଦିର ଉପରେ ଆକ୍ରମଣ ବୃଦ୍ଧି ପାଇଛି। ଆଲ୍‌ବାନିଜ କହିଛନ୍ତି ଯେ ଅଷ୍ଟ୍ରେଲିଆ ମଧ୍ୟ ତେହରାନ ସ୍ଥିତ ନିଜ ଦୂତାବାସକୁ ବନ୍ଦ କରିଦେଇଛି। ଏହା ସହିତ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କ୍ରପ୍ସକୁ ସେ ଆତଙ୍କବାଦୀ ସଂଗଠନ ଘୋଷଣା କରିଛନ୍ତି।

# ୪୮ ଘଣ୍ଟା ଧରି ଜମ୍ମୁ-କଶ୍ମୀର, ହିମାଚଳରେ ପ୍ରକୃତିର ତାଣ୍ଡବ



## ବାଦଲଫଟା ବର୍ଷା, ଭୂସ୍ଖଳନ ନେଲା ୧୦ ଜୀବନ ଖସୁଛି ଅତଡ଼ା, ବୈଷ୍ଣୋ ଦେବୀ ଯାତ୍ରା ସ୍ଥଗିତ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ଏବଂ ହିମାଚଳ ପ୍ରଦେଶରେ ଗତ ୪୮ ଘଣ୍ଟା ଧରି ଚାଲିଛି ପ୍ରକୃତିର ତାଣ୍ଡବ। ବାଦଲଫଟା ବର୍ଷା ଏବଂ ବନ୍ୟା ଯୋଗୁଁ ଘର ସହିତ ଦୋକାନ ବଜାର ସବୁ ଭାସି ଯାଇଛି। ବଡ଼ ବଡ଼ କୋଠା ଭୁଶୁଡ଼ି ପଡ଼ିଛି, ରାସ୍ତା ବିଚ୍ଛିନ୍ନ ଏବଂ ଶତାଧିକ ଘର ବନ୍ୟା ପାଣି ଘେରରେ। ପ୍ରକୃତିର ଏହି ତାଣ୍ଡବରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁଁ ଅତଡ଼ା ଖସୁଥିବାରୁ ବୈଷ୍ଣୋବଯାତ୍ରାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି।

ବର୍ଷା ଓ ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଜମ୍ମୁ ଅଞ୍ଚଳ। ଆଜି ବାଦଲଫଟା ବର୍ଷା ଯୋଗୁଁ ୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୧୦ଟି ଘର ଭାସିଯାଇଛି। ଜମ୍ମୁ, କଠୁଆ, ସାମ୍ବା ଏବଂ କିସ୍ତୱାର ଅଞ୍ଚଳରେ ଏବେ ବି ଭୀଷଣ ବର୍ଷା ଜାରି ରହିଛି। ଏହାପୂର୍ବରୁ ମଧ୍ୟ କିସ୍ତୱାରରେ ବାଦଲଫଟା ବର୍ଷା ହୋଇଥିଲା। ଇତିମଧ୍ୟରେ ଜମ୍ମୁ-କଶ୍ମୀରର ରିଆସି ଜିଲ୍ଲା ତ୍ରିକୁଟ ପର୍ବତରେ ଅବସ୍ଥିତ ମାତା ବୈଷ୍ଣବ ଦେବୀ ମନ୍ଦିରକୁ ଯାଇଥିବା ରାସ୍ତାରେ ଅତଡ଼ା ଖସିବାରୁ ୬ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୪ ଜଣ ଆହତ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ରାସ୍ତା ଦବି ଯାଇଥିବାରୁ ବୈଷ୍ଣବ ଯାତ୍ରାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଜମ୍ମୁ ଅଞ୍ଚଳରେ ସମସ୍ତ ସରକାରୀ ଅଫିସ ଓ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଛି। ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥକୁ ଗାଡ଼ି ଚଳାଚଳ ପାଇଁ ବନ୍ଦ କରି ଦିଆଯାଇଛି। ତାୱି ନଦୀରେ ବନ୍ୟାଜଳ ସ୍ତର ବୃଦ୍ଧି ପାଉଥିବାରୁ ସମଗ୍ର ଜମ୍ମୁ ଅଞ୍ଚଳ ପାଇଁ ଆଲର୍ଟ ଜାରି କରାଯାଇଛି। ଲୋକମାନଙ୍କୁ ନିରାପଦ ସ୍ଥାନକୁ ନିଆଯାଉଛି।


ସେହିଭଳି ହିମାଚଳ ପ୍ରଦେଶରେ ମଧ୍ୟ ପରିସ୍ଥିତି ଗମ୍ଭୀର ରହିଛି। ପ୍ରବଳ ବର୍ଷା ଯୋଗୁଁ ବେଆସ ନଦୀରେ ବନ୍ୟା ଆସି ମନାଲି ଓ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷତି ପହଞ୍ଚାଇଛି। ବନ୍ୟା ଓ ଅତଡ଼ା ଖସିବା ଯୋଗୁଁ ଅନେକ ଘର, ବ୍ୟାବସାୟିକ ପ୍ରତିଷ୍ଠାନ ଓ ହୋଟେଲ ଭାସିଯାଇଛି। ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଯାଇଥିବାରୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ନଦୀ ପାଣି ଉଛୁଳିବାରୁ ମନାଲିରେ ଏକ ବହୁତଳା ବିଶିଷ୍ଟ ହୋଟେଲ ଏବଂ ୪ଟି ଦୋକାନ ଘର ଭାସିଯାଇଛି। ବନ୍ୟା ଯୋଗୁଁ ମନାଲି-ଲେହ ରାଜପଥର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। କୁଲ୍ଲୁ-ମନାଲି ଜାତୀୟ ରାଜପଥ ମଧ୍ୟ ଅନେକ ସ୍ଥାନରେ ଦବି ଯାଇଛି କିମ୍ବା ଭାସିଯାଇଛି। ମନାଲି ନିକଟବର୍ତ୍ତୀ ଅଞ୍ଚଳରେ ଶତାଧିକ ଲୋକ ପାଣି ଘେରରେ ରହିଛନ୍ତି। ସେମାନଙ୍କ ପାଖରେ ରିଲିଫ ପହଞ୍ଚିପାରି ନାହିଁ। ବିଦ୍ୟୁତ ଯୋଗାଣ ବି ବିଚ୍ଛିନ୍ନ ହୋଇଯାଇଛି। ବହାଙ୍ଗରେ ଏକ ଦୁଇ ମହଲା ହୋଟେଲ ଭାସିଯାଇଥିବା ବେଳେ ଦୁଇଠି ରେସ୍ତୋରାଁ ଏବଂ ଦୁଇଟି ଦୋକାନଘର ଭୁଶୁଡ଼ି ପଡ଼ିଛି। ଏହି ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଥିଲେ ମଧ୍ୟ କୌଣସି ଜୀବନହାନିର ଖବର ମିଳିନାହିଁ। ଏହି ଅଞ୍ଚଳରେ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି। ଗତ ଜୁନ ମାସ ୨୦ ତାରିଖରୁ ହିମାଚଳ ପ୍ରଦେଶରେ ବର୍ଷା ଓ ବନ୍ୟା ଲାଗି ରହିଛି। ବର୍ଷା ଓ ବନ୍ୟା ଯୋଗୁଁ ବ୍ୟାପକ କ୍ଷତି ହୋଇଛି। ଜୁନ୍ ୨୦ରୁ ଆଜି ପର୍ଯ୍ୟନ୍ତ ବର୍ଷା ଓ ବନ୍ୟା ଯୋଗୁଁ ରାଜ୍ୟରେ ୧୫୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୮ ଜଣ ଏବେ ବି ନିଖୋଜ ରହିଛନ୍ତି। ଅନେକ ସ୍ଥାନ ଏବେ ବି ବିଚ୍ଛିନ୍ନ ରହିଥିବା ବେଳେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରୁ ନାହିଁ।

# ଅମ୍ବାନୀଙ୍କ ବନତାରାର ଯାଞ୍ଚ ହେବ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): କୋହ୍ଲାପୁରର ମାଧୁରୀ ହାତୀକୁ ନେଇ ଶିଳ୍ପପତି ମୁକେଶ ଅମ୍ବାନୀଙ୍କୁ ତୀବ୍ର ସମାଲୋଚନା କରାଯାଉଛି। ଏପରି ସମୟରେ ଗୁଜୁରାଟ ଜାମନଗର ସ୍ଥିତ ଅମ୍ବାନୀଙ୍କ ବନ୍ୟଜନ୍ତୁ ଉଦ୍ଧାର ଏବଂ ପୁନର୍ବାସ କେନ୍ଦ୍ର 'ବନତାରା'ର ଯାଞ୍ଚ ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ

## କମିଟି ଗଠନ କଲେ ସୁପ୍ରିମକୋର୍ଟ

ଦେଇଛନ୍ତି। ଏଥିପାଇଁ ୪ ସଦସ୍ୟ ବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛନ୍ତି। ରିଲାଏନ୍ସ ଫାଉଣ୍ଡେସନ ଏହି ବନାତାରାକୁ ଚଳାଉଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜେ. ଚେଲେମେଶ୍ୱର ଏହି ଏସଆଇଟିର ନେତୃତ୍ୱ ନେବେ। ଏହି ଟିମ୍‌ରେ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରାଘବେନ୍ଦ୍ର ଚୌହାନ, ମୁମ୍ବଇ ପୁଲିସର ପୂର୍ବତନ କମିଶନର ହେମନ୍ତ ନାଗରାଲେ ଏବଂ ସୀମା ଶୁଳ୍କ ଅଧିକାରୀ ଅନିଶ ଗୁପ୍ତା ସାମିଲ ଅଛନ୍ତି। ଆସନ୍ତା ୧୨ ତାରିଖ ସୁଦ୍ଧା ଏହି କମିଟି ରିପୋର୍ଟ ପ୍ରଦାନ କରିବ। ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ପି ଭି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି। ଓକିଲ ସିଆର ଜୟା ସୁକିନ ଏବଂ ଦେବ ଶର୍ମା ପକ୍ଷରୁ ଦାଏର ଦୁଇଟି ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ କେବଳ ସତ୍ୟ ଏବଂ ତଥ୍ୟ ଆଧାରିତ ହେବ। ଏସ୍ଆଇଟି ଗଠନ କରି କୌଣସି ସଂସ୍ଥାର କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନ ଉଠା ଯାଉନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। କୋହ୍ଲାପୁରର ଜୈନ ମଠରେ ଥିବା ହାତୀ ମାଧୁରୀକୁ ଚିକିତ୍ସା ନାମରେ ବନତାରା ନେବା ପରେ ଏହି ଆବେଦନ ଦାଏର କରାଯାଇଥିଲା। ଏସ୍ଆଇଟି ୫ଟି ପଏଣ୍ଟକୁ ନେଇ ଯାଞ୍ଚ କରିବ। ଭାରତ ଏବଂ ବିଦେଶରୁ ହାତୀ ଆଣିବା ବେଳେ ବନ୍ୟଜନ୍ତୁ ସଂରକ୍ଷଣ ନିୟମ, ଚିଡ଼ିଆଖାନା ନିୟମ, ଅନ୍ତର୍ଜାତୀୟ ପ୍ରଜାତି ବାଣିଜ୍ୟ ଚୁକ୍ତି, ଆମଦାନୀରପ୍ତାନୀ ଆଇନ ଏବଂ ଅନ୍ୟ ଆଇନଗତ ନିୟମ ପାଳନ କରାଯାଉଛି କି ନାହିଁ ଯାଞ୍ଚ କରାଯିବ।



# ଶାହାରୁଖ, ଦୀପିକାଙ୍କ ବିରୋଧରେ ଏତଲା

ଭରତପୁର, ୨୬।୮ (ଏଜେନ୍ସି): ଅନ୍‌ଲାଇନ ଗେମିଂ ପାଇଁ ବିଜ୍ଞାପନ କରି ସେଲିବ୍ରିଟି ଫସିବା ପରେ ଏବେ ଆଉ ଏକ ମାମଲା ସାମ୍ନାକୁ ଆସିଛି। ଖରାପ ଗାଡ଼ି ପାଇଁ ମାର୍କେଟିଂ କରୁଥିବା ଅଭିଯୋଗରେ ବଲିଉଡ ଅଭିନେତା ଶାହାରୁଖ ଖାନ୍ ଏବଂ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ ବିରୋଧରେ ରାଜସ୍ଥାନ ଭରତପୁରରେ ଏତଲା ରୁଜୁ କରାଯାଇଛି। ଏହି ଏତଲାରେ ଉଭୟ ବ୍ରାଣ୍ଡ ଆମ୍ବାସାଡରଙ୍କ ସହିତ ହୁଣ୍ଡାଇ କମ୍ପାନୀର ଏମ୍‌ଡି ଅନସୋକିମ, ହୋଲ୍ ଟାଇମ ଡାଇରେକ୍ଟର ଆଣ୍ଡ ଚିଫ୍ ଅପରେଟିଂ ଅଫିସର ତରୁଣ ଗର୍ଗ ଏବଂ ଶୋ'ରୁମ ମାଲିକଙ୍କ ନାମ ରହିଛି। ଭରତପୁରର ଓକିଲ କୀର୍ତ୍ତି ସିଂହଙ୍କ ଆବେଦନ ଉପରେ ଶୁଣାଣି କରି କୋର୍ଟ ଏତଲା ନିର୍ଦ୍ଦେଶ ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସହରର ମଥୁରା ଗେଟ୍ ଥାନା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଦେଇଛି। ଏତଲାରେ କୀର୍ତ୍ତି ସିଂହ କହିଛନ୍ତି ଯେ ସେ ୨୦୨୨ ଜୁନ୍‌ରେ ୨୩ ଲକ୍ଷ ୯୭ହଜାର ୩୫୩ ଟଙ୍କା ଦେଇ ହରିୟାଣା ସୋନିପତ ସ୍ଥିତ ମାଲୱା ଅଟୋ ସେଲ୍ସ ପ୍ରାଇଭେଟ୍ ଲିମିଟେଡ୍ କୁଣ୍ଡଲି କିଣିଥିଲେ। ତେବେ ରାସ୍ତାରେ ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା ସମୟରେ କାର୍ ପିକ୍-ଅପ ନେଉନାହିଁ। କେବଳ ଆର୍‌ପିଏମ ବଢୁଛି। କାରର ଓଡୋମିଟରରେ ମାଲ୍ ଫଙ୍କସନ ଲେଖାଯାଇଥିବା ଚିହ୍ନ ଦେଖାଯାଉଛି। ୬-୭ ମାସ ଚଳାଇବା ପରେ କାର୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଅଧିକ ବେଗରେ ଗଲେ ଶବ୍ଦ ହୋଇ ଗାଡ଼ି ଥରୁ ଥିଲା। ଇଞ୍ଜିନ ଖରାପ ହେବା ସଙ୍କେତ ଦେଉଥିଲା। ଏଥିଯୋଗଁ ଅନେକ ଦୁର୍ଘଟଣାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। କମ୍ପାନୀକୁ ଜଣାଇବାରୁ ଏହା ଉତ୍ପାଦନ ଜନିତ ତ୍ରୁଟି, ତେଣୁ ଠିକ୍ କରିହେବନି ବୋଲି କୁହାଯାଇଥିଲା। ଏଭଳି ହେଲେ ଘଣ୍ଟାଏ ପର୍ଯ୍ୟନ୍ତ କମ୍ ବେଗରେ ଗାଡ଼ି ଚଲାଇବାକୁ ପରାମର୍ଶ ଦିଆଯାଇଥିଲା। କଳାକାର ଏଭଳି ଗାଡ଼ିର ବିଜ୍ଞାପନ କରିବା ଅନୁଚିତ। କାରଣ ସେମାନଙ୍କୁ ଦେଖି ହିଁ ଲୋକେ ଗାଡ଼ି କିଣୁଛନ୍ତି।

## ଯୌତୁକ ପାଇଁ ଜିଅନ୍ତା ପୋଡ଼ି ହତ୍ୟା ମାମଲା

# ସିସିଟିଭି ଫୁଟେଜ୍ କହୁଛି ଭିନ୍ନ କାହାଣୀ

ନୋଏଡ଼ା, ୨୬।୮ (ଏଜେନ୍ସି): ଗ୍ରେଟର ନୋଏଡ଼ାର ନିକି ଭାଟି ହତ୍ୟା ମାମଲା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଯୌତୁକ ପାଇଁ ସ୍ୱାମୀ ଏବଂ ଶଶୁର ଘର ଲୋକେ ତାଙ୍କୁ ହତ୍ୟା କଲେ ବୋଲି ଅଭିଯୋଗ ହୋଇଛି। ଏପରି ସମୟରେ ନିକିର ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ଦାବି ସଂଶୟ ବଢ଼ାଇ ଦେଇଛି। ଗତ ୨୧ ତାରିଖରେ ନିକିଙ୍କୁ ତାଙ୍କ ସ୍ୱାମୀ ଏବଂ ଶଶୁର ଘର ଲୋକେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। କିନ୍ତୁ ତାଙ୍କ ପଡ଼ିଶା ଘର ଲୋକଙ୍କ ଅନୁଯାୟୀ ନିକି ଏବଂ ତାଙ୍କ ଭଉଣୀ କାଞ୍ଚନ ସବୁବେଳେ ଇନ୍‌ଷ୍ଟାଗ୍ରାମରେ ବ୍ୟସ୍ତ ରହୁଥିଲେ। ଦୁଇ ଭଉଣୀ ମିଶି ରିଲ୍ସ କରୁଥିଲେ। ଏହାକୁ ନେଇ ପରିବାରରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ନିକିଙ୍କ ସ୍ୱାମୀ ବିପିନ ତାଙ୍କୁ ଏପରି ନ କରିବାକୁ କହିଥିଲେ। କିନ୍ତୁ ସେ ନ ମାନିବାରୁ ଉଭୟଙ୍କ ସମ୍ପର୍କତରେ ତିକ୍ତତା ସୃଷ୍ଟି ହୋଇଥିଲା।

ଏହା ମଧ୍ୟରେ ନିକିଙ୍କ ଭଉଣୀ କାଞ୍ଚନଙ୍କ ଦାବିକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସେ ବିପିନଙ୍କ ସାନ ଭାଇର ରୋହିତକୁ ବିବାହ କରିଥିଲେ। ଭଉଣୀ ମୃତ୍ୟୁ ଖବର ପାଇଁ ସେ ଚେତା ହରାଇ ଥିବା କହିଥିଲେ। ଏହି ସମୟରେ ଶଶୁର ଘର ଲୋକେ ଫେରାର ହୋଇ ଯାଇଥିବା କାଞ୍ଚନ ଦାବି କରିଥିଲେ। କିନ୍ତୁ ଗ୍ରେଟର ନୋଏଡାରେ ନିକିଙ୍କ ଅନ୍ତିମ ସଂସ୍କାର ସମୟରେ ଶଶୁର ଘର ଲୋକେ ଛିଡ଼ା ହୋଇଥିବା ଦେଖାଯାଉଛି। ଏହାର କିଛି ଘଣ୍ଟା ପରେ ନିକିଙ୍କ ପରିବାର ତାଙ୍କ ସ୍ୱାମୀ ବିପିନ, କାଞ୍ଚନଙ୍କ ସ୍ୱାମୀ ରୋହିତ, ତାଙ୍କ ଶ୍ୱଶୁର ଏବଂ ଶାଶୁଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ସେହିପରି ଗତ ସପ୍ତାହରେ ଏକ ଭିଡିଓ ସାମ୍ନାକୁ ଆସିଥିଲା। ଏଥିରେ ବିପିନ ଏବଂ ଅନ୍ୟ ଜଣେ ମହିଳା ନିକିଙ୍କ ଚୁଟି ଧରି ଟାଣି ନେଉଥିବା ଦେଖାଯାଇଥିଲା। ବିପିନ ସାର୍ଟ ପିନ୍ଧି ନ ଥିବାବେଳେ ତାଙ୍କ ପେଟ ଏବଂ ପିଠିରେ ରକ୍ତ ଲାଗିଥିଲା। ଅନ୍ୟ କ୍ଲିପ୍‌ଗୁଡ଼ିକରେ ନିକି ନିଆଁରେ ଜଳୁଥିବା ସମୟରେ ସିଡ଼ି ଦେଇ ତଳକୁ ଖସୁଥିବା ଏବଂ ପରେ ତଳେ ବସିଥିବାର ଦେଖାଯାଉଥିଲା। ଗତ ସୋମବାର ସାମ୍ନାକୁ ଆସିଥିବା ଆଉ ଏକ ଭିଡିଓରେ ନିକିଙ୍କୁ ଆକ୍ରମଣ ସମୟରେ ମୁଖ୍ୟ ଅଭିଯୁକ୍ତ ବିପିନ ଏକ ତେଜରାତି ଦୋକାନ ବାହାରେ ଛିଡ଼ା ହୋଇଥିବା ଦେଖାଯାଉଛି। ଏହା ତାଙ୍କ ଘରର ବିପରୀତ ଦିଗରେ ରହିଛି। ସନ୍ଧ୍ୟା ୫ଟା ୪୨ରେ ବିପିନ ଛିଡ଼ା ହୋଇଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ସହ ସାମିଲ ହେଉଛନ୍ତି। ପରେ ୫ଟା ୪୭ରେ ଆଉ କିଛି ବ୍ୟକ୍ତି ଆସି ତାଙ୍କ ସହ ଚର୍ଚ୍ଚା କରୁଛନ୍ତି। ଏହି ସମୟରେ ଚେକ୍ ସାର୍ଟ ପିନ୍ଧି ଥିବା ବ୍ୟକ୍ତି ଘରକୁ ଦୌଡୁଛି। ଭିଡ଼ ବଢ଼ିବା ପରେ ଜଣେ ବ୍ୟକ୍ତି କାର୍‌ରେ ବସି ପଳାଉଛି। ବିପିନଙ୍କ ଜଣେ ସମ୍ପର୍କୀୟ ଦାବି କରିଛନ୍ତି ଯେ ସିଲିଣ୍ଡର ବିସ୍ଫୋରଣରୁ ନିକି ଦେହରେ ନିଆଁ ଲାଗିଥିଲା। ତା ପରେ ବିପିନ ଚିତ୍କାର କରି ନିକିଙ୍କୁ ହସ୍ପିଟାଲକୁ ନେଇଥିଲେ। ଏହି ଭିଡିଓ ପୁଣିଥରେ ମାମଲାର ଯାଞ୍ଚ ପାଇଁ ପୁଲିସକୁ ଖୋରାକ ଯୋଗାଉଛି।

# ଟ୍ରମ୍ପଙ୍କ ଫୋନ୍ ଉଠାଉ ନାହାନ୍ତି ମୋଦୀ!

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଚଢ଼ା ଶୁଳ୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଏହାକୁ ନେଇ ଆଲୋଚନା କରିବାକୁ ଟ୍ରମ୍ପ ମୋଦୀଙ୍କୁ ଚାରି ଥର ଫୋନ୍ କଲେଣି। ତେବେ ମୋଦୀ କୌଣସି ଥର ତାଙ୍କ ତାଙ୍କ ଫୋନ୍‌ର ଉତ୍ତର ଦେଇ ନ ଥିଲେ। ଜର୍ମାନୀ ଖବରକାଗଜ ଏଫଏଜେଡ୍ ଏହି ଦାବି କରିଛି। ତେବେ ଟ୍ରମ୍ପ କେଉଁ ଦିନ ଫୋନ୍ କରିଥିଲେ ତାହାର କୌଣସି ସୂଚନା ଦିଆଯାଇ ନାହିଁ। ରିପୋର୍ଟ ଅନୁଯାୟୀ ଟ୍ରମ୍ପଙ୍କ ଆକ୍ରମକ ବାଣିଜ୍ୟ ନୀତି ଏବଂ ଭାରତକୁ 'ମୃତ ଅର୍ଥନୀତି' କହିବାକୁ ନେଇ ମୋଦୀ କ୍ଷୁବ୍ଧ ହୋଇଛନ୍ତି। ପୂର୍ବରୁ ଦୁଇ ନେତାଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା। କିନ୍ତୁ ଏବେ ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନାକୁ ମଧ୍ୟ ଭାରତ ରଦ୍ଦ କରିଦେଇଛି। ଆମେରିକ ପ୍ରତିନିଧିମଣ୍ଡଳକୁ ନୂଆଦିଲ୍ଲୀ ଆସିବାକୁ ଦିଆଯାଇ ନାହିଁ। ଟ୍ରମ୍ପ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏଥିରୁ ୨୫ ପ୍ରତିଶତ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବାବେଳେ ଆଉ ୨୫ ପ୍ରତିଶତ ବୁଧବାରଠାରୁ ଲାଗୁ ହେବ। ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ବିଶେଷଜ୍ଞଙ୍କ ମତାମତ ଆଧାରରେ ଖବରକାଗଜ ପକ୍ଷରୁ କୁହାଯାଇଛି ଯେ ଟ୍ରମ୍ପ ପ୍ରଥମେ ବାଣିଜ୍ୟ କ୍ଷତିକୁ ନେଇ ଏକ ଦେଶକୁ ଆକ୍ରମଣ କରନ୍ତି। ଏହା ପରେ ଉଚ୍ଚ ଶୁଳ୍କ ଧମକ ଦିଅନ୍ତି। ଏହାରି ଭୟରେ ଆଲୋଚନା ଆରମ୍ଭ ହୁଏ ଏବଂ ଶେଷରେ ସେ ଉଚ୍ଚ ଶୁଳ୍କ ଲାଗୁ କରି ଏବଂ କିଛି ରିହାତି ଦେଇ ନିଜକୁ ବିଜେତା ବୋଲି କୁହନ୍ତି। ଅନେକ ଦେଶ ସହିତ ଏଭଳି ଘଟିଛି। ଆମେରିକୀୟ ବଜାର ଉପରେ ନିଜ ସ୍ଥିତି କେତେ ମଜବୁତ ତାହା ଟ୍ରମ୍ପ ଦେଖାଇହେବକୁ ଚାହୁଁଛନ୍ତି, କିନ୍ତୁ ଏଥର ମୋଦୀ ମୁଣ୍ଡ ନୁଆଁଇବାକୁ ମନା କରିଦେଇଛନ୍ତି।

# ଶତ୍ରୁକୁ ଚକ୍‌ମା ଦେବେ ଉଦୟଗିରି, ହିମଗିରି

ମୁମ୍ବଇ, ୨୬।୮ (ଏଜେନ୍ସି):



## ଖଞ୍ଜାଯାଇଛି ବାରାକ-୮, ବ୍ରହ୍ମୋସ କ୍ଷେପଣାସ୍ତ୍ର

## ଆଇଏନଏସରେ ସାମିଲ ହେଲେ ନୌସେନାର ଦୁଇ ଯୁଦ୍ଧ ଜାହାଜ

ଭାରତୀୟ ନୌସେନା ଇତିହାସ ସୃଷ୍ଟି କରିଛି। ପ୍ରଥମ ଥର ଦୁଇଟି ଭିନ୍ନ ଭିନ୍ନ ସିପୟାର୍ଡରେ ନିର୍ମିତ ଦୁଇଟି ଷ୍ଟିଲ୍‌ଥ ଯୁଦ୍ଧ ଜାହାଜ ଆଇଏନଏସ ଉଦୟଗିରି ଏବଂ ଆଇଏନଏସ ହିମଗିରି ଦିନକେ ନୌସେନାରେ ସାମିଲ ହୋଇଛି। ବିଶାଖାପାଟଣା ନୌସେନା ବେସ୍‌ରେ ମଙ୍ଗଳବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହାକୁ ନୌସନାକୁ ସମର୍ପିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଦୁଇଟି ଯୁଦ୍ଧ ଜାହାଜ ନୌସେନାର କ୍ଷମତାକୁ ଅଧିକ ବୃଦ୍ଧି କରିଛି। ଉଭୟ ଯୁଦ୍ଧଜାହାଜ ପ୍ରକଳ୍ପ-୧୭ଏର ଅଂଶବିଶେଷ। ଏହି ଅବସରରେ ରାଜନାଥ ଆମେରିକାର ଏଫ-୩୫ ବିମାନକୁ ଉପହାସ କରିଥିଲେ। ନୌସେନା ମୁଖ୍ୟ ଆଡମିରାଲ ଦିନେଶ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପାକିସ୍ତାନକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଆବଶ୍ୟକ ପଡ଼େ ଭାରତୀୟ ନୌସେନା ଆଗ ପାକିସ୍ତାନରେ ଆକ୍ରମଣ କରିବ। ଅପରେସନ ସିନ୍ଦୂର ଆଗକୁ ମଧ୍ୟ ଜାରି ରହିବ। ଅନିଶ୍ଚିତତା ଏବଂ ପ୍ରତିଯୋଗିତାର ଏହି ଯୁଗରେ ସମୁଦ୍ରରେ ଶକ୍ତି ପ୍ରଦର୍ଶନ କରି ଭାରତୀୟ ନୌସେନା ଶତ୍ରୁମାନଙ୍କୁ ଦୃଢ଼ ଜବାବ ଦେବ। ଅପରେସନ ସିନ୍ଦୂର ସମୟରେ ଏହି କ୍ଷମତାକୁ ଭଲ ଭାବରେ ପ୍ରଦର୍ଶନ କରାଯାଇଥିଲା।

ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଏଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଶତ୍ରୁର ରାଡାର, ଇନଫ୍ରାରେଡ୍ ଏବଂ ଶବ୍ଦ ସେନ୍‌ସର ଏହି ଯୁଦ୍ଧ ଜାହାଜକୁ ଧରିପାରିବ ନାହିଁ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏହି ଯୁଦ୍ଧଜାହାଜକୁ ନିୟୋଜିତ କରାଯିବ। ଉକ୍ତ ଅଞ୍ଚଳରେ ବାୟୁସେନାର ପର୍ଯ୍ୟବେକ୍ଷଣ କ୍ଷମତା ବୃଦ୍ଧି ପାଇବ। ଉଭୟ ଯୁଦ୍ଧଜାହାଜରେ ବ୍ରହ୍ମୋସ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ଏବଂ ଭାରତ-ଇସ୍ରାଏଲ ଦ୍ୱାରା ନିର୍ମିତ ବାରାକ-୮ ଦୀର୍ଘ ଦୁରଗାମୀ ବାୟୁ କ୍ଷେପଣାସ୍ତ୍ର ପ୍ରଣାଳୀ (ଏଲଆରଏସଏଏମ) ଖଞ୍ଜା ଯାଇଛି। ଏଥିରେ ସମୁଦ୍ର ଯୁଦ୍ଧରେ ୭୬ ଏମଏମର ନୌସେନା ବନ୍ଧୁକ ଏବଂ ପାଣି ତଳେ ଚାଲୁଥିବା ଟର୍ପିଡୋ ବିସ୍ଫୋରକ ଅସ୍ତ୍ର ମଧ୍ୟ ଲାଗିଛି।

କୋଲକାତାର ଗାର୍ଡେନ୍ ରିଚ୍ ସିପବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ (ଜିଆରଏସଇ) ଆଇଏନଏସ ହିମଗିରୀକୁ ନିର୍ମାଣ କରିଛି। ପୁରୁଣା ଆଇଏନଏସ ହିମଗିରିର ନାମରେ ଏହାକୁ ନାମିତ କରାଯାଇଛି। ସେହିପରି ମୁମ୍ବଇର ମଝଗାଁଓ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ୍ ଆଇଏନଏସ ଉଦୟଗିରୀକୁ ନିର୍ମାଣ କରିଛି। ଆନ୍ଧ୍ରପ୍ରଦେଶର ଉଦୟଗିରି ପର୍ବତମାଳା ନାମରେ ଏହାର ନାମ ରଖାଯାଇଛି। ମାତ୍ର ୩୭ ମାସରେ ଏହାର ନିର୍ମାଣ କରାଯାଇଛି। ଆଇଏନଏସ ହିମଗିରିର ଓଜନ ୬,୬୭୦ ଟନ୍ ଏବଂ ଲମ୍ବ ୧୪୯ ମିଟର। ଏହା ଦୀର୍ଘ ଦିନ ପର୍ଯ୍ୟନ୍ତ ଅଭିଯାନରେ ଭାଗ ନେଇପାରିବ। ଏଥିରେ କ୍ଲୋଜ-ଇନ ୱିପନ ସିଷ୍ଟମ, ଟର୍‌ପିଡୋ ଟ୍ୟୁବ୍ସ, ଆଣ୍ଟି-ସବମେରାଇନ ରକେଟ୍ ଲଞ୍ଚର, ଆଡଭାନ୍ସ ଇଲେକ୍‌ଟ୍ରୋନକି ୱାରଫେୟାର ସିଷ୍ଟମ ରହିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୭୦ : ଭାରତର ପ୍ରଥମ ଶ୍ରମିକ ସଂଗଠନ ଭାବେ ଶ୍ରମଜୀବୀ ସଂଘର ସ୍ଥାପନା।
- ୧୯୫୦ : ଟେଲିଭିଜନ ଇତିହାସରେ ପ୍ରଥମଥର ପାଇଁ ବିବିସି ସିଧା ପ୍ରସାରଣ କଲା।
- ୧୯୯୦ : ୱାଶିଂଟନସ୍ଥିତ ଇରାକୀ ଦୂତାବାସର ୩୬ କର୍ମଚାରୀଙ୍କୁ ଆମେରିକା ବାହାର କରଥିଲା।
- ୨୦୦୩ : ୬୦ ହଜାର ବର୍ଷ ପରେ ମଙ୍ଗଳ ଗ୍ରହ ପୃଥିବୀର ସବୁଠୁ ନିକଟତର ହୋଇଥିଲା।



## ଗଣଦେବତା ଶ୍ରୀଗଣେଶ

ଭାରତୀୟ ସଂସ୍କୃତିରେ ବିଘ୍ନରାଜ ବିନାୟକ ସର୍ବ ପୂଜ୍ୟ ଗଣ ଦେବତାର ଆସନ ଅଳଙ୍କୃତ କରି ଶ୍ରୀଗଣେଶ ନାମରେ ଖ୍ୟାତ ହୋଇଛନ୍ତି। ଭାରତୀୟ ଧର୍ମ ଧାରାରେ ବୈଦିକ କାଳରୁ ଶ୍ରୀଗଣପତିଙ୍କ ଉପାସନାର ଉନ୍ମେଷ ଘଟିଥିବା ଜଣାଯାଏ। ବୈଦିକ ମନ୍ତ୍ରରେ ଗଣପତିଙ୍କୁ ସର୍ବ ସିଦ୍ଧଦାତା, ସର୍ବ ମଙ୍ଗଳମୟ ରୂପେ ଅଭିହିତ କରାଯାଇଛି। ସେ ବୈଦିକ ଦେବତା ଅଗ୍ରପୂଜ୍ୟ ବିଘ୍ନ ବିନାଶକାରୀ ବିନାୟକ। ସେ ବକ୍ରତୁଣ୍ଡ ଓ ସର୍ବ କାର୍ଯ୍ୟ ସିଦ୍ଧିଦାତା ଗଣେଶ ଭାବରେ ଆରାଧିତ ହୋଇ ଆସୁଛନ୍ତି। ଆଦି ଦେବତା ଭାବେ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହନ କରାଯାଏ। ଗଜାନନଙ୍କୁ ପଞ୍ଚଦେବତାମାନଙ୍କ ମଧ୍ୟରୁ ଜଣେ ବୋଲି କୁହାଯାଏ। ହିନ୍ଦୁ ଧର୍ମରେ ବିବାହ ହେଉ କି ବ୍ରତ ଘର କି ଘର ପ୍ରତିଷ୍ଠା ସର୍ବପ୍ରଥମେ ଶ୍ରୀଗଣେଶଙ୍କୁ ପୂଜା କରାଯିବା ବିଧି ରହିଛି। ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ପାଳନ କରାଯାଏ ବିଦ୍ୟାର ଦେବତା ଆଦିଦେବ, ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା। ଗଣେଶ ପୂଜା ସର୍ବଭାରତୀୟ ପୂଜା ଭାବରେ ପ୍ରସିଦ୍ଧି ଲାଭ କରି ଆସିଛି। ଶ୍ରୀଗଣେଶ ବିଦ୍ୟାଦାତା ଓ ସିଦ୍ଧି ଦାତା ଭାବେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପୂଜିତ ହୋଇଥାନ୍ତି। ଖାସ୍ ସେଥିପାଇଁ ଶିକ୍ଷାନୁଷ୍ଠାନମାନଙ୍କରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ମହାଆଡ଼ମ୍ବରରେ ପାଳନ କରାଯାଏ। ସମସ୍ତ ପ୍ରକାର ଫଳ, ଚୁଡା ଘଷା, ବେସନ ସେଉ, ବୁନ୍ଦି ଗଣେଶଙ୍କୁ ଭୋଗ ରୂପେ ଅର୍ପଣ କରାଗଲେ ବି ମୋଦକ ଓ ରାଶିଲଡ୍ଡୁ ତାଙ୍କର ପ୍ରିୟ ଭୋଗ। ମହାରାଷ୍ଟ୍ରରେ ଏହା ଏକ ଗଣପର୍ବ ହୋଇଥିବାବେଳେ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ଗଣେଶ ପୂଜା ପ୍ରସିଦ୍ଧ। ଶିବ ପୁରାଣ ଅନୁଯାୟୀ, ଦେବୀ ପାର୍ବତୀ ନିଜଦେହରୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାଙ୍କୁ ଜୀବଦାନ ଦେଲେ। ପାର୍ବତୀ ତାଙ୍କୁ ଦ୍ୱାର ଜଗାଇ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇଁ ଆଦେଶ ଦେଇ ସ୍ନାନ କରିବାକୁ ଗଲେ। ଠିକ୍ ସେହି ସମୟରେ ମହାଦେବ ସେଠାକୁ ଆସି ଭିତରକୁ ପ୍ରବେଶ କରିବାରୁ ବାଳକ ଗଣେଶ ନିଜ ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ। ମହାଦେବ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଗଣେଶଙ୍କ ଶିରଚ୍ଛେଦନ କଲେ। ପରେ ପାର୍ବତୀଙ୍କ ନିକଟରୁ ଶ୍ରୀଗଣେଶଙ୍କ ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଛି। ଏହା ଦେଖି ମାତା ପାର୍ବତୀ ଅଧୀର ହୋଇ ପଡ଼ିଥିଲେ। ପାର୍ବତୀ ଉତ୍ତେଜିତ ହୋଇ ଉଗ୍ରରୂପ ଧାରଣ କରିଥିଲେ। ସୃଷ୍ଟିକୁ ଧ୍ୱଂସ କରି ଦେବାକୁ କହିଥିଲେ। ପାର୍ବତୀଙ୍କୁ ସୃଷ୍ଟି କର୍ତ୍ତା ବ୍ରହ୍ମା ବୁଝାଇବାକୁ ଚେଷ୍ଟା କରିଥିଲେ। ତାଙ୍କ ସମ୍ମୁଖରେ ପାର୍ବତୀ ଦୁଇଟି ସର୍ତ୍ତ ରଖିଥିଲେ। ପ୍ରଥମେ ଗଣେଶଙ୍କୁ ଜୀବ ଦାନ ଦିଆଯିବ ଅନ୍ୟଟି ସେ ଅଗ୍ରପୂଜ୍ୟ ହେବେ। ଏଥିରେ ବ୍ରହ୍ମା ରାଜି ହୋଇଥିଲେ। ଅପରପକ୍ଷରେ ଶିବ ଗଣେଶଙ୍କୁ ଜୀବଦାନ ଦେବା ପାଇଁ ତାଙ୍କ ଅନୁଚରଙ୍କୁ ପଠାଇ ଯେଉଁ ପ୍ରାଣୀକୁ ପ୍ରଥମେ ଦେଖିବ ଯିଏକି ଉତ୍ତର ଦିଗକୁ ମୁଣ୍ଡ ଦେଇ ଶୋଇଥିବ ତା'ର ଶିର ଛେଦନ କରି ନେଇ ଆସିବ ବୋଲି କହିଥିଲେ। ଶିବଦୂତ ଏକ ହାତୀ ମୁଣ୍ଡ ଆଣି ଆସିଥିଲେ। ବିଘ୍ନେଶଙ୍କ ମୁଣ୍ଡରେ ହାତୀ ମୁଣ୍ଡଟିକୁ ଲଗାଇ ତାଙ୍କୁ ଜୀବନ୍ୟାସ ପ୍ରଦାନ କରାଯାଇଥିଲା। ଏହାପରେ ସେ ଗଜାନନ ନାମରେ ନାମିତ ହୋଇଥିଲେ ଓ ଅଗ୍ରପୂଜ୍ୟ ଭାବେ ପୂଜା ପାଇଥିଲେ। ପୌରାଣିକ ମତେ, ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ପିଲା ଖଡ଼ି ଧରିବା (ଅକ୍ଷର ଲେଖା ଶିଖିବା) ଆରମ୍ଭ କରନ୍ତି। ସମୂହ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ବିଭିନ୍ନ ମନ୍ଦିର ଓ ପୂଜାମଣ୍ଡପମାନଙ୍କରେ ଆୟୋଜିତ ହୁଏ। ଭକ୍ତି ସହକାରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କଲେ ମାନବର ସମସ୍ତ ଆଶା ଆକାଂକ୍ଷା ପ୍ରଭୁଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥାଏ ବୋଲି ଭାରତୀୟ ଜନମାନସରେ ବିଶ୍ୱାସ ରହିଛି।

## 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ଶେଷ



ବଲିଉଡ୍ ଅଭିନେତା ବରୁଣ ଧୱନ୍‌ଙ୍କ ଫିଲ୍ମ 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ବରୁଣ ନିଜେ ଏସମ୍ପର୍କରେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରି ସୂଚନା ଦେଇଛନ୍ତି। ବରୁଣ ଏହି ପୋଷ୍ଟରେ ଲେଖିଛନ୍ତି- 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ସରିଲା। ମୁଁ ପୁଣି ଥରେ ଶଶାଙ୍କ ଖୈତାନଙ୍କ ନିର୍ଦ୍ଦେଶନାରେ ଅକ୍ଟୋବର ୨ରେ ପରଦାକୁ ଫେରୁଛି।' ସେ ଏହା ସହ ଫିଲ୍ମର ଫଟୋ ମଧ୍ୟ ସେୟାର୍ କରିଛନ୍ତି। ତେବେ ଶଶାଙ୍କଙ୍କ ସହ ଏହା ବରୁଣଙ୍କ ତୃତୀୟ ଫିଲ୍ମ। ଏହାପୂର୍ବରୁ ଶଶାଙ୍କଙ୍କ ସହ ବରୁଣ 'ହମ୍‌ଟି ଶର୍ମା କି ଦୁଲହନିୟା' ଓ 'ବଦ୍ରୀନାଥ କି ଦୁଲହନିୟା'ରେ କାମ କରିଥିଲେ। ଏହି ଦୁଇଟି ଫିଲ୍ମରେ ବରୁଣଙ୍କ ବିପକ୍ଷରେ ଆଲିଆ ଭଟ୍ଟ ଦେଖାଯାଇଥିଲେ। 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ରେ କିନ୍ତୁ ବରୁଣଙ୍କ ବିପକ୍ଷରେ ଜାହ୍ନବୀ କପୁର ଦେଖାଯିବେ। ଫିଲ୍ମର ରିଲିଜ୍ ଡେଟ୍ ଏହାପୂର୍ବରୁ ଅନେକ ଥର ପରିବର୍ତ୍ତନ କରାଯାଇଛି। ଏବେ ଏହା ଅକ୍ଟୋବର ୨ରେ ରିଲିଜ୍ ହେବ ବୋଲି ଫାଇନାଲ ହୋଇଛି। ଏଥିରେ ବରୁଣ ଓ ଜାହ୍ନବୀଙ୍କ ସହ ଅକ୍ଷୟ ଓବରୟ, ସାନ୍ୟା ମଲହୋତ୍ରା, ମନୀଷ ପଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଧର୍ମା ପ୍ରଡକ୍ସନ୍ ରହିଛି।

## ଅପରାଧ ରୋକିବ ହୋଲୋଗ୍ରାଫିକ୍ ପୁଲିସ୍



ଦକ୍ଷିଣ କୋରିଆ ରାଜଧାନୀ ସିଓଲ ସହରର ସ୍ଥାନେ ସ୍ଥାନେ ଏବେ ହୋଲେଗ୍ରାଫିକ୍ ପୁଲିସ୍ ମୁତୟନ କରାଯାଇଛି। ଲୋକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏହି ହାଇଟେକ୍ ପୁଲିସ୍‌କୁ ନିୟୋଜିତ କରାଯାଇଛି। ତେବେ ସ୍ଥାନୀୟ ପୁଲିସ୍ ଏହାକୁ ନେଇ ବେଶ୍ ଆଶାୟୀ ଥିବାବେଳେ ସାଧାରଣ ଲୋକେ କିନ୍ତୁ ଏଥିରେ ଖୁସି ନାହାନ୍ତି। ପ୍ରତିଦିନ ସନ୍ଧ୍ୟା ୭ଟାରୁ ୧୦ଟା ମଧ୍ୟରେ ଜଙ୍ଗ-ଗୁ, ଜୁଡୋଙ୍ଗ ନଂ୩ ପାର୍କରେ ୧୭୦ ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ ହୋଲୋଗ୍ରାଫିକ୍ ପୁଲିସ୍ କର୍ମୀଙ୍କୁ ଦେଖିବାକୁ ମିଳିଥାଏ। ପ୍ରୋଜେକ୍ଟର ମାଧ୍ୟମରେ ଏହି ଛାୟାକୃତି ପୁଲିସ୍ ଅଫିସର୍‌କୁ ଦେଖିବାକୁ ମିଳୁଛି। ସିସିଟିଭି ଅପରାଧୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି ଓ ଜରୁରିକାଳୀନ ସ୍ଥିତିରେ ପୁଲିସ୍ ତୁରନ୍ତ ଲୋକଙ୍କୁ ସାହାଯ୍ୟ କରିବ ବୋଲି ଏହି ହୋଲୋଗ୍ରାଫିକ୍ ପୁଲିସ୍ ଲୋକଙ୍କୁ ମନେ ପକାଇ ଦେଉଛି। ହୋଲୋଗ୍ରାମିକା ନାମକ କମ୍ପାନି ଏହାକୁ ତିଆରି କରିଛି। ଗତବର୍ଷ ଅକ୍ଟୋବର ମାସରେ ଏହାକୁ ପରୀକ୍ଷାମୂଳକ ଭାବେ ଲଗାଯାଇଥିଲା। ତେବେ ଜୁଡୋଙ୍ଗ ନଂ ୩ ପାର୍କରେ ଏହା ଲଗାଯିବା ପରେ ସେଠାରେ ଅପରାଧ ଘଟଣା କମ୍ ହୋଇଥିବା ଦେଖାଯାଇଛି। ଯଦିଓ ଏହାକୁ ନେଇ ସ୍ଥାନୀୟ ପୁଲିସ୍ ଖୁସି ଅଛି କିନ୍ତୁ ସାଧାରଣ ଲୋକେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲୋକଙ୍କ କହିବା ଅନୁସାରେ, ଏଭଳି ପୁଲିସ୍‌କୁ ଦେଖି ଲୋକେ ଭୂତପ୍ରେତ ମନେକରି ଯାଉ ନାହାନ୍ତି।

# ଖେଳ

### ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ

## କାର୍ଲୋସ୍ ଆଲକାରାଜଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୬।୮ (ଏଜେନ୍ସି)


ପୁରୁଷ ଟେନିସ ଜଗତର ନୂଆ ସୁପରଷ୍ଟାର ସ୍ପେନ୍‌ର କାର୍ଲୋସ ଆଲକାରାଜ ନୂଆ ହେୟାରକଟ୍‌ରେ ୟୁଏସ୍ ଓପନର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଖେଳ ଅପେକ୍ଷା ଦର୍ଶକ ଓ ସମର୍ଥକ ମାନେ ତାଙ୍କ ହେୟାରକଟ୍‌କୁ ଅଧିକ ପ୍ରଶଂସା କରୁଥିବା ଦେଖାଯାଇଥିଲା। ସୋମବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ସେ ଆମେରିକାର ରିଲି ଓପେଲକାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ କିଛିଟା ସଂଘର୍ଷ କରିବାକୁ ପଡ଼ିଥିଲା। ସେ କିନ୍ତୁ୧୭ଟି ଅନ୍‌ଫୋର୍ସଡ ତ୍ରୁଟି କରି ୬-୪, ୭-୫, ୬-୪ ସିଧାସଳଖ ସେଟ୍‌ରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ତାଙ୍କର ମୁକାବିଲା ହେବ ଇଟାଲୀର ୨୪ ବର୍ଷୀୟ ମାଟ୍ଟିଓ ବେଲୁଚିଙ୍କ ସହ। ବେଲୁଚି ପ୍ରଥମ ରାଉଣ୍ଡରେ ଚୀନ୍‌ର ଜାନଚେନ୍ ସାଙ୍ଗଙ୍କୁ ୭-୬, ୧-୬, ୬-୦, ୬-୩ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଦ୍ୱିତୀୟ ଦିନ ମଧ୍ୟ ସିଡେଡ ଖେଳାଳିଙ୍କ ବିଜୟ ଅଭିଯାନ ଅବ୍ୟାହତ ରହିଛି। ଏମାନଙ୍କ ମଧ୍ୟରେ ୯ମ ସିଡ୍ କାରେନ ଖାଚାନୋଭ୍, ୧୧ଶ ସିଡ୍ ହୋଲଗର ର୍ୟୁନ୍, ୧୨ଶ ସିଡ୍ କାସ୍‌ପର ରୁଡ୍, ୧୫ଶ ସିଡ ଆନ୍ଦ୍ରେ ରୁବ୍‌ଲେଭ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ■ ହାରିଲେ ମାଡିସନ କିଜ୍

ମହିଳା ଏକକରେ ପୂର୍ବତନ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଆମେରିକାର ମାଡିସନ କିଜ୍ ପ୍ରଥମ ରାଉଣ୍ଡରେ ବିଦାୟ ନେଇଛନ୍ତି। ସୋମବାର ଖେଳାଯାଇଥିବା ମୁକାବିଲାରେ ସେ ମେକ୍ସିକୋର ରେନାଟା ଜାରୁଜୁଆଙ୍କଠାରୁ ୧-୨ ସେଟ୍‌ରେ ପରାଜିତ ହୋଇଥିଲେ। ସେହିପରି ଦ୍ୱାଦଶ ସିଡ୍ ଏଲିନା ଭିଟୋଲିନା ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ସିଡେଡ ଖେଳାଳି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ମ ସିଡ୍ ମୀରା ଆନ୍ଦ୍ରିଭା, ୯ମ ସିଡ ଏଲେନା ରିବାକିନା, ୧୧ଶ ସିଡ୍ କାରୋଲିନା ମୁଚୋଭା, ୧୫ତମ ସିଡ୍ ଡାରିଆ କାସତକିନା, ୧୯ତମ ସିଡ୍ ଏଲିସେ ମେର୍ଟେନ୍ସ ଓ୨୮ତମ ସିଡ୍ ମାଗଡାଲେନା ଫ୍ରେଚ୍ ପ୍ରମୁଖ ବିଜୟ ହାସଲ କରିଛନ୍ତି।

### ■ ୪୫ ବର୍ଷରେ ଖେଳିଲେ ଭେନସ

୨୦୧୧ରେ ଗୁରୁତର ଅସୁସ୍ଥତା ପରେ ଭେନସ ୱିଲିୟମ୍ସଙ୍କ ପ୍ରତିଯୋଗିତାମୂଳକ ଟେନିସ ଖେଳିବା ଏକ ପ୍ରକାର ସ୍ୱପ୍ନ ହୋଇଯାଇଥିଲା। କିନ୍ତୁ ସେ ଗତ ଜୁଲାଇରେ ପ୍ରତିଯୋଗିତାମୂଳକ ଟେନିସ ଖେଳି ସମସ୍ତଙ୍କ ଅନୁମାନକୁ ଭୁଲ ପ୍ରମାଣିତ କରିଦେଇଥିଲେ। ଏହା ମଧ୍ୟରେ ଅସୁସ୍ଥତାକୁ ପଛରେ ପକାଇ ଭେନସ ପୁଣିଥରେ ଟେନିସ କୋର୍ଟକୁ ଫେରିଥିଲେ। ୭ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଭେନସ ଫିଟ୍ ହେବା ପରେ ପ୍ରଥମଥର ଏପରି ଏକ ବଡ଼ ଟୁର୍ଣ୍ଣାମେଣ୍ଟରେ ଖେଳିଥିଲେ। ଅନ୍ୟତମ ଶ୍ରେଷ୍ଠ ଖେଳାଳି ତଥା ୧୧ଶ ସିଡ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କଠାରୁ ଲଢ଼େଇ କରି ହାରିଥିଲେ। ମୁଚୋଭା ଏହି ମ୍ୟାଚ୍‌କୁ ୬-୩, ୨-୬, ୬-୧ରେ ଜିତିଥିଲେ ମଧ୍ୟ ଭେନସଙ୍କ ନିକଟରେ ଏବେ ବି ଟପ୍ କ୍ଲାସ୍ ଟେନିସ ଖେଳିବାର ଶକ୍ତିଥିବା କଥା ପ୍ରମାଣିତ କରିଥିଲେ।



### ସହଜରେ ଜିତିଲେ ସ୍ୱିଆଟେକ, ମୁସେଟୀ

ମହିଳା ବିଭାଗରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ ୟୁଏସ୍ ଓପନ ମହିଳା ଏକକ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମୁକାବିଲାରେ ୬ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ସ୍ୱିଆଟେକ୍ ୬-୧, ୬-୨ ସିଧାସଳଖ ସେଟ୍‌ରେ କଲମ୍ବିଆର ଏମିଲିଆନୋ ଆରାଙ୍ଗୋଙ୍କୁ ପରାସ୍ତ କରିଥିଲେ। ପୋଲାଣ୍ଡର ଏହି ଚାମ୍ପିଅନ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ନେଦରଲାଣ୍ଡସର ସୁଜାନା ଲାମେନ୍ସଙ୍କୁ ଭେଟିବେ। ମହିଳା ଏକକର ଅନ୍ୟ ମୁକାବିଲାରେ ବ୍ରାଜିଲର ବିଏଟ୍ରିଜ୍ ହାଦାଦ ମାୟା ଲଢୁଆ ଖେଳ ପ୍ରଦର୍ଶନ କରି ୬-୩, ୧-୬, ୬-୧ ସେଟ୍‌ରେ ବ୍ରିଟେନର ସୋନୟ କର୍ତାଲଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ୨୭ ନମ୍ବର ସିଡ୍ ୟୁକ୍ରେନ୍‌ର ମାର୍ତ୍ତା କୋଷ୍ଟ୍ୟୁକ୍ ୬-୪, ୬-୪ ସିଧାସଳଖ ସେଟ୍‌ରେ ବ୍ରିଟେନର କାଟି ବୋଲଟରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପୁରୁଷ ଏକକ ମୁକାବିଲାରେ ଇଟାଲୀର ଯୁବ ଖେଳାଳି ତଥା ୧୦ମ ସିଡ୍ ୨୪ ବର୍ଷୀୟ ଲୋରେଞ୍ଜୋ ମୁସେଟୀ ୩-୧ (୬-୭, ୬-୩, ୬-୪, ୬-୪)ସେଟ୍‌ରେ ଫ୍ରାନ୍ସର ଗିଓଭାନି ପେଟଶୀ ପେରୀକାର୍ଡଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଗୋଆରେ ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ,୨୬।୮ (ଏଜେନ୍ସି): ଫିଡେ ବା ପୁରୁଷ ଚେସ୍ ବିଶ୍ୱକପ୍ ଭାରତର ଗୋଆରେ ଅକ୍ଟୋବର ୩୧ରୁ ନଭେମ୍ବର ୨୭ ଯାଏ ଅନୁଷ୍ଠିତ ହେବ। ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ସମଗ୍ର ବିଶ୍ୱରୁ ୨୦୬ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏଥିରେ ମୋଟ ୧୭.୫ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବାକୁ ଥିଲାବେଳେ ୩ଜଣ ଖେଳାଳି ୨୦୨୬ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରଥମ ୫୦ଜଣଙ୍କ ସ୍ଥାନରେ ଥିବା ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରୁ ଖେଳ ଆରମ୍ଭ କରିବେ। ପ୍ରତ୍ୟେକ ରାଉଣ୍ଡରେ ୨ଟି କ୍ଲାସିକ୍ ମ୍ୟାଚ୍ ଖେଳାଯିବ। ଆବଶ୍ୟକ ହେଲେ ରାପିଡ ଓ ବ୍ଲିଜ୍‌ରେ ଟାଇବ୍ରେକ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏବେ ଓପନ ବା ପୁରୁଷ କାଟାଗୋରୀରେ ଡି ଗୁକେଶ, ମହିଳା ବିଭାଗରେ ଦିବ୍ୟା ଦେଶମୁଖ ବିଶ୍ୱକପ୍, ଚେସ୍ ଅଲିମ୍ପିଆଡ଼ରେ ଉଭୟ ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

## ତ୍ରିପୁରାରୁ ଖେଳିବେ ହନୁମା

ଅଗରତାଲା,୨୬।୮ (ଏଜେନ୍ସି): ଘରୋଇ କ୍ରିକେଟରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ୪୪ଟି ଓ ହାଇଦ୍ରାବାଦ୍ ପକ୍ଷରୁ ୪୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ବ୍ୟାଟର ହନୁମା ବିହାରୀ ଚଳିତ ସିଜନରେ ତ୍ରିପୁରା ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଆଜି ଆନ୍ଧ୍ର ପକ୍ଷରୁ ତାଙ୍କୁ ଏନ୍‌ଓସି ଦେବା ପରେ ଏହା ସ୍ପଷ୍ଟ ହୋଇଛି। ଭାରତ ପକ୍ଷରୁ ୨୦୧୮ରୁ ୨୦୨୨ ମଧ୍ୟରେ ୧୬ଟି ଟେଷ୍ଟ ଖେଳିଥିବା ଏହି ଖେଳାଳି ନିକଟରେ ଆନ୍ଧ୍ର ପ୍ରିମିୟର ଲିଗ୍‌ରେ ଖେଳିଥିଲେ। ସେ ତ୍ରିପୁରା ଦଳର ନେତୃତ୍ୱ ନେବେ।

### ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ

## କିସ୍-ବିକାଶ ସେମିଫାଇନାଲ ମୁକାବିଲା

ଭୁବନେଶ୍ୱର,୨୬।୮ (ସମିସ): କିସ୍ ଓ ବିକାଶ ରେସିଡେନସିଆଲ ସ୍କୁଲ ମଧ୍ୟରେ ଏଠାରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ସେହପରି ପ୍ରଥମ ସେମିରେ ଡିଏଭି ପୋଖରୀପୁଟ ସହ ଓଡିଏମ୍ ଗ୍ଲୋବାଲ ସ୍କୁଲର ମୁକାବିଲା ହେବ। ଉଭୟ ସେମିଫାଇନାଲ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଅଗଷ୍ଟ ୨୮ ତାରିଖ ଗୁରୁବାର ଖେଳାଯିବ। ଆଜି ଅନୁଷ୍ଠିତ ଦୁଇଟିଯାକ କ୍ୱାର୍ଟର ଫାଇନାଲ ମୁକାବିଲା ଏକତରଫା ହୋଇଥିଲା। ଆଜିର ପ୍ରଥମ ତଥା ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମୁକାବିଲାରେ କିସ୍ ୧୧-୦ ଗୋଲରେ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ସୋନାରାମ ସୋରେନ୍ ଓ ଉପେନ୍ଦ୍ର ଅମାନତ୍ୟ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ବଚନ ପୂର୍ତ୍ତି ମଧ୍ୟ ୨ଟି ଗୋଲ ସ୍କୋର କରିଥିଲେ। ସୋନାରାମଙ୍କୁ ଆଜିର ଅତିଥି ତଥା ଚାଟାର୍ଡ ଆକାଉଣ୍ଟାଣ୍ଟ ସତ୍ୟଜିତ ମିଶ୍ର ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ମଧ୍ୟ ଏକତରଫା ହୋଇଥିଲା। ଏଥିରେ ବିକାଶ ରେସିଡେନ୍ସିଆଲ ସ୍କୁଲ ୭-୦ ଗୋଲରେ ମଦର୍ସ ପବ୍ଲିକ୍ ସ୍କୁଲ୍‌କୁ ପରାସ୍ତ କରି ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଆର୍ଯ୍ୟନ ଲେନୀ ହ୍ୟାଟ୍ରିକ୍ ଗୋଲ ସ୍କୋର କରି ଅତିଥି ତଥା ପୂର୍ବତନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।



ଆର୍ଯ୍ୟନ ଲେନୀ



ସୋନାରାମ ସୋରେନ୍

### ଏସିଆନ ସୁଟିଂ ଚାମ୍ପିଅନସିପ୍

## ଡବଲ ସ୍ୱର୍ଣ୍ଣ ଜିତିଲେ ସିଫ୍ଟ କୌର

ନୂଆଦିଲ୍ଲୀ,୨୬।୮ (ଏଜେନ୍ସି)

ଭାରତର ଆଉ ଜଣେ ସୁଟର ସିଫ୍ଟ କୌର ସାମ୍ରା କାଜାଖସ୍ଥାନରେ ଚାଲିଥିବା ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ରେ ଡବଲ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ ୩ ପୋଜିସନରେ ସେ ଉଭୟ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଗତକାଲି ନୀରୁ ଧାଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ଡବଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆଜି ଅନୁଷ୍ଠିତ ଇଭେଣ୍ଟରେ ସିଫ୍ଟ କୌର ଫାଇନାଲ ମୁକାବିଲାରେ ସର୍ବାଧିକ ୪୫୯.୨ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଚୀନ୍‌ର ୟାଙ୍ଗ ୟୁଜି ୪୫୮.୮ ପଏଣ୍ଟ ପାଇ ରୌପ୍ୟ ଓ ଜାପାନର ନୋବୋଟା ମିସାକି କାଂସ୍ୟ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ଜିତିବା ପରେ ସିଫ୍ଟଙ୍କ ନେତୃତ୍ୱରେ ଆଶୀ ଚୋକସୀ ଓ ଅଞ୍ଜୁମ ମୌଦଗିଲ୍ ୧୭୫୦ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ କବ୍‌ଜା କରିଥିଲେ।

**ଶୀର୍ଷରେ ଶ୍ରୀୟଙ୍କା** : ଭାରତ ତଥା ଓଡ଼ିଶାର ସୁଟର ଶ୍ରୀୟଙ୍କା ଷଡଙ୍ଗୀ ଏହି ଇଭେଣ୍ଟର କ୍ୱାଲିଫିକେସନ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କିନ୍ତୁ ସେ ମେଡାଲ ଲାଗି ଖେଳିପାରି ନ ଥିଲେ। ସେ କେବଳ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇବା ଲାଗି ଖେଳୁଥିବାରୁ ଫାଇନାଲ ଖେଳି ନ ଥିଲେ। ସିଫ୍ଟ କୌର ଏହାକୁ ମିଶାଇ ଏସିଆନ୍ ଚାମ୍ପିଅନସିପ୍‌ରେ ଚତୁର୍ଥ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।



■ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

## ମୀନାଙ୍କୁ ସ୍ୱର୍ଣ୍ଣ ସ୍ନେହାଙ୍କୁ ରୌପ୍ୟ

ଭୁବନେଶ୍ୱର,୨୬।୮ (ସମିସ): ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ମଙ୍ଗଳବାର ଆଉ ୨ ଓଡ଼ିଆ ପ୍ରତିଯୋଗୀ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଜୁନିଅର ୫୮ କେଜିରେ ମିନା ସାନ୍ତା-ଏ ସ୍ୱର୍ଣ୍ଣ ଓ ମହିଳା ୫୩ କିଲୋ କାଟାଗୋରୀରେ ସ୍ନେହା ସୋରେନ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ନବରଙ୍ଗପୁରର ଝିଅ ମିନା ସ୍ନାଚ୍‌ରେ ୮୪, କ୍ଲିନ୍ ଆଣ୍ଡ ଜର୍କରେ ୧୦୧ ଓ ମୋଟରେ ୧୮୫ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ମୟୂରଭଞ୍ଜର ଝିଅ ସ୍ନେହା ସ୍ନାଚ୍‌ରେ ୮୧, କ୍ଲିନ୍ ଆଣ୍ଡ ଜର୍କରେ ୧୦୪ କେଜି ସହ ମୋଟ ୧୮୫ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉଭୟ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।





## ଏସିଆ କପ୍ ମହିଳା ହକି: ଭାରତୀୟ ଦଳରେ ଓଡ଼ିଶାରୁ ଏକା ସୁନେଲିତା

ଭୁବନେଶ୍ୱର,୨୬।୮ (ସମିସ): ଚୀନ୍‌ର ହାଙ୍ଗଝୋଉଠାରେ ସେପ୍ଟେମ୍ବର ୫ରୁ ୧୪ ତାରିଖ ଯାଏ ମହିଳା ଏସିଆ କପ୍ ହକି ଲାଗି ଭାରତ ଏକ ୨୦ ଜଣିଆ ଦଳ ଘୋଷଣା କରିଛି। ମିଡ୍‌ଫିଲ୍ଡର ସଲିମା ଟେଟେ ଏହି ଦଳର ନେତୃତ୍ୱ ନେଉଥିଲାବେଳେ ଏଥିରେ ଜଣେ ମାତ୍ର ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେ ହେଲେ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ଏହି ଚୟନରେ ଭିନ୍ନ ଭିନ୍ନ କାରଣରୁ ଆଉ ୩ଜଣ ଓଡ଼ିଶା ଖେଳାଳି ସ୍ଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ବିହାରର ରାଜଗିରଠାରେ ଅଗଷ୍ଟ ୨୯ ରୁ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ଏସିଆ କପ୍‌ରେ ଅମିତ ରୋହିଦାସ୍ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ନୀଲମ ସଞ୍ଜୀପ ଖେସ ରିଜର୍ଭ ଖେଳାଳି ରହିଛନ୍ତି।



### ପୁରୁଷ ଏସିଆ କପ୍‌ରେ ମାଗଣା ଟିକଟ

ଦର୍ଶକମାନେ ମାଗଣାରେ ପୁରୁଷ ଏସିଆ କପ୍ ଖେଳ ଦେଖିପାରିବେ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଘୋଷଣା କରିଛନ୍ତି। କିନ୍ତୁ ଏଥିଲାଗି ଦର୍ଶକମାନେ www.ticketgenie.in ଆପ୍‌ରେ ଟିକଟ ବୁକିଂ କରିବାକୁ ହେବ।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ରାଜେଶଙ୍କ ଶତକ; ଓଡ଼ିଶା ୩୧୪/୧୦

କଟକ,୨୬।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଚେନ୍ନାଇର ଏସ୍‌ଏସଏନ ଗ୍ରାଉଣ୍ଡରେ ଓଡ଼ିଶା ଜମ୍ମୁ ଓ କଶ୍ମୀରକୁ ଭେଟିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ଶେଷ ଲିଗ୍‌ରେ





ବିଜୟୀ ହେବା ଲକ୍ଷ୍ୟ ରଖିଛି। ଜମ୍ମୁ ଓ କଶ୍ମୀର ଅଧିନାୟକ ଅବଦୁଲ ସମାଦ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ନିମନ୍ତ୍ରଣ ଦେଇଥିଲେ। ୯୦ଓଭର ବିଶିଷ୍ଟ ପ୍ରଥମ ଇନିଂସ୍ ଖେଳର ୨ ଓଭର ବାକି ଥାଇ ଓଡ଼ିଶା ୩୧୪ ରନରେ ଅଲଆଉଟ ହୋଇଥିଲା। ଓପନର ଓମ ଟି ମୁଣ୍ଡେ ୮ରନ ଏବଂ ଶୁଭ୍ରାଂଶୁ ଶେଖର ସେନାପତି ଶୂନରେ ପ୍ୟାଭିଲିୟନ ଫେରିବା ସହ ଦଳ ପ୍ରାଥମିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅନ୍ୟତମ ଓପନର ବିନୟ ପାଇକରାୟ ୨୦ରନ କରିଥିଲେ। ମଧ୍ୟକ୍ରମରେ ୱିକେଟ କିପର ରାଜେଶ ଧୂପରଙ୍କ ୧୦୪ରନ, ଗୋବିନ୍ଦ ପୋଦ୍ଦାରଙ୍କ ୭୪ରନ, କାର୍ତ୍ତିକ ବିଶ୍ୱାଳଙ୍କ ୫୩ରନ ବଳରେ ଦଳ ୩୦୦ପାର୍ କରିଥିଲା। ଅନୀଲ ପରିଡା ୨୨ରନର ପାଳି ଖେଳିଥିଲେ। ଜମ୍ମୁ ଓ କଶ୍ମୀର ପକ୍ଷରୁ ବଂଶଜ ଶର୍ମା ଓ ଆବିଦ ମୁସ୍ତାକ ୪ଟି ଲେଖାଏ ୱିକେଟ ଦଖଲ କରିଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS